ଓଡିଶାର ପ୍ରଥମ ଏବଂ ଏକମାତ୍ର
ସଂପୂର୍ଣ୍ଣ ଓଡିଆ ଇ-ପତ୍ରିକା

# ଆହ୍ୱାନ

Volume 1, Issue: 10
November, 2006

ମାତୃଭାଷା ଓ ମାତୃଭୂମିର ସଜାଗ ପ୍ରହରୀ

**ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ**
**ବୀମା ନଗର, ଆମ୍ବପୁଆ ମେଇନ୍ ରୋଡ୍**
**ବ୍ରହ୍ମପୁର, ୭୬୦୦୧୦, ଓଡିଶା**
**ଫୋନ: ୯୨୩୮୬୮୫୬୯୮**




## ଏଥରର ସଂଖ୍ୟାରେ ଅଛି:


| | | | |
|---|---|---|---|
| ମିନିଗଳ୍ପ | ୨ | ମହାବାତ୍ୟାର ସାତବର୍ଷ | ୧୮ |
| ଆମେରିକାରେ ଓଡିଆ | ୨ | ପ୍ରଶାନ୍ତ ନନ୍ଦ | ୨୪ |
| ଜନ୍ମଦିନ ଓ ହୃଦଘାତ୍ | ୪ | ନୋବେଲ୍ ପୁରସ୍କାର | ୨୬ |
| ମୁନ୍ନାଭାଇ ଓ ଗାନ୍ଧିଗିରି | ୫ | କବିତା ବିଭାଗ | ୩୦ |
| ଲଗେ ରହୋ ନବୀନ ଭାଇ | ୯ | ବାପା | ୩୪ |
| ଭିନ୍ନ ଏକ ଜନ୍ମଦିନ | ୧୨ | ସତ୍ୟର ସାମନା | ୩୬ |
| ଅନନ୍ୟ ପ୍ରତିଭା | ୧୫ | ଶେଷ ସକାଳ | ୩୭ |
| କ୍ଲୋଜ୍ଅପ୍ ସୋଫିଆ ଆଲମ୍ | ୧୬ | ନନ୍ଦିତାଙ୍କ ଘର | ୪୧ |
| ଓଡିଆ ସିନେମା ହାଲ୍‌ଚାଲ୍ | ୧୭ | ଆହୁରି ଅନେକ କିଛି......... | |


ଚଳିତ ମାସ ଥିଲା ଉତ୍ସବ ମୁଖର ଏକ ମାସର ଅନ୍ତ ଏବଂ ପୂତପବିତ୍ର ଅନ୍ୟ ଏକ ମାସର ଅୟମାରମ୍ଭ। ପବିତ୍ର ଦୁର୍ଗାପୂଜାର ପରିସମାପ୍ତି ଘଟିବା ସହିତ, ଆରମ୍ଭ ହୋଇଥିଲା ମାସବ୍ୟାପୀ ପବିତ୍ର କାର୍ତ୍ତିକ ମାସର ବିଭିନ୍ନ କାର୍ଯ୍ୟକ୍ରମ। ପବିତ୍ର ଶ୍ରୀ ପୁରୀ ଜଗନ୍ନାଥ ଧାମରେ ଯାଇ ମାସାଧିକ କାଳ ବ୍ରତ ଧାରଣ କରି କାର୍ତ୍ତିକ ମାସ ପାଳନ କରୁଥିବା ଅସଂଖ୍ୟ ବୃଦ୍ଧା ଭକ୍ତଙ୍କ ଦଳଚକଟାରେ ଆହତ ହେବା ଖବର ଅବଶ୍ୟ ଦୁଃଖଦାୟୀ, କିନ୍ତୁ ସମୟର ବହୁ ପୂର୍ବରୁ କୋଠଭୋଗ ଖିଆଙ୍କୁ ଉଠିବା ପାଇଁ ଆମେ କରୁଥିବା ପ୍ରାର୍ଥନା ବର୍ତ୍ତମାନ ପ୍ରକୃତରେ କୋଠର ଭୋଗ (ଜନତାଙ୍କ ପଇସା) ଖାଉଥିବା ବଡ ବାବୁଙ୍କ ପାଇଁ ପ୍ରଯୁଜ୍ୟ ହୋଇ ଉଠିଛି।

ମହାବାତ୍ୟାର ସାତବର୍ଷ ବିତିଯାଇଥିଲେ ମଧ୍ୟ ଅଧିକାଂଶ ଓଡିଆଙ୍କ ମନରୁ ବାତ୍ୟାର ବିଭିଷିକା ଏ ପର୍ଯ୍ୟନ୍ତ ଲିଭିନି, ଆଉ ତାହାକୁ ନେଇ ଆମର ବିଶେଷ ପ୍ରସ୍ତୁତି ମହାବାତ୍ୟାର ସାତବର୍ଷ। କାର୍ତ୍ତିକ ମାସ ସମାପନ ହେଉ ହେଉ ମାଣବସା ଗୁରୁବାର ପୂଜାରେ ଉତ୍ସବ ମୁଖରିତ ଓଡିଆ ମାନଙ୍କ ଜନମାନସରେ ଏକ ନୂତନ ଆହ୍ୱାନର ଉଦ୍ରେକ ହେଉ.

ଏକ ନୂତନ ପଦକ୍ଷେପ ଆରମ୍ଭ କରାଯାଇଛି, ଯେଉଁଥିରେ ଆହ୍ୱାନ ତରଫରୁ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟ କରାଯାଇ ଓଡିଶାରେ ରହୁଥିବା ବିଶେଷତଃ ଶିଶୁମାନଙ୍କ ବୌଦ୍ଧିକ ବିକାଶ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରାଯାଉଛି। ଏହା କୌଣସି ବେସରକାରୀ ସଂଗଠନ ନୁହେଁ ମାତ୍ର କିଛି ବନ୍ଧୁ ଓ ସହକର୍ମୀଙ୍କ ସହାୟତାରେ ପ୍ରତି ରବିବାର ମଧ୍ୟାହ୍ନରେ ହେଉଥିବା କାର୍ଯ୍ୟକ୍ରମ। ଆପଣ ଚାହିଁଲେ ଏହିପରି କାର୍ଯ୍ୟକ୍ରମ ନିଜ ସହରରେ କରିପାରିବେ। ଏଇଥି ପାଇଁ ବୈଷୟିକ ସହାୟତା ଯୋଗାଇ ଦେବ ଆହ୍ୱାନ। ନଚେତ୍ ଆପଣ ଆମର ଏହି କାର୍ଯ୍ୟକ୍ରମ କୁ ଆଗକୁ ବଢାଇବା ପାଇଁ ଆର୍ଥିକ ସହାୟତା ଦେଇ ପାରିବେ।ଧନ୍ୟବାଦ।

ଏଥି ସହିତ ପ୍ରସ୍ତୁତ କରାଯାଉଛି ଆହ୍ୱାନର ଦଶମ ଅଙ୍କ। ଆପଣଙ୍କର ସୁଚିନ୍ତିତ ମତାମତ ଆମ ୱେବ୍‌ସାଇଟ୍‌ରେ ଦେଇପାରିବେ। ଧନ୍ୟବାଦ।

ଆହ୍ୱାନ ପାଇଁ ମୁଦ୍ରଣ ଏବଂ ପ୍ରକାଶନ ବ୍ରହ୍ମପୁର, ଓଡିଶା ସଂପାଦକ: ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ତିନିଟି ମିନି ଗଳ୍ପ

ଅନୁବାଦ- ମୀନାକ୍ଷି ରାଉତରାୟ

## ସଂଯୋଜକ

ମୂଳହିନ୍ଦୀ- ଶୈଳେଶ ଦତ୍ତ ମିଶ୍ର

ଭକ୍ତ ଶ୍ରଦ୍ଧାପୂର୍ବକ ହାତ ଯୋଡି ପ୍ରାର୍ଥନା କଲେ- 'ହେ ମା' ଦୁର୍ଗେ, ଆପଣ ସବୁଥର ମହିଷାସୁରକୁ ମାରନ୍ତି, ମାତ୍ର ସେ ମରୁନାହିଁ କାହିଁକି? ବରଂ ସବୁଥର ସେ ଆହୁରି ବିକଟାଳ ରୂପରେ ଉଭା ହେଉଛି। ମା' ଏଥର ତାକୁ ସବୁଦିନ ପାଇଁ ଶେଷ କରିଦିଅନ୍ତୁ।' ଅଚାନକ ମୂର୍ତ୍ତିଙ୍କ ପାଖରୁ ସ୍ୱର ଭାସି ଆସିଲା- 'ବତ୍ସ, ତୁମର କହିବାଟା ଠିକ୍। ମାତ୍ର ମୋର ମଧ୍ୟ କିଛି ଅସୁବିଧା ଅଛି। ଶକ୍ତିର ସୀମା ମଧ୍ୟ ଅଛି। ଅସଲ ମହିଷାସୁର ତ ଏ ପୂଜାର ସଂଯୋଜକ।'

## ଅନ୍ଧାର

ମୂଳହିନ୍ଦୀ- ସଂଜୀବ କୁମାର ଶର୍ମା

ଛକ ଉପରେ ଅନ୍ଧକାର ସହ ଅଚାନକ ଭେଟ ହୋଇଗଲା। ମୁଁ ତତ୍କ୍ଷଣାତ୍ ପଚାରିଲି,'ମୋ ଭିତରୁ କେବେ ବାହାରି ଆସିଲୁ?' ଅନ୍ଧାର ଜବାବ ଦେଲା- 'ମୁଁ ତୁମ ଭିତରର ଅନ୍ଧାର ନୁହେଁ, ମୁଁ ତା ଭାଇ। ସକାଳୁ ଛକ ପାଖରେ ଛିଡା ହୋଇଛି ଏଇ ଆଶାରେ ଯେ କାହା ଭିତରେ ପଶି ରହିଯିବି। ମାତ୍ର ପ୍ରତ୍ୟେକ ମଣିଷ ଭିତରେ ଦେଖୁଛି କେହି ନା କେହି ମୋର ଜାତିଭାଇ ପଶି ରହିଛନ୍ତି।'

## ଆଶ୍ୱସ୍ତ

ମୂଳହିନ୍ଦୀ- ହରଦର୍ଶନ ସାଇଗଲ୍

'ମୁଁ ତା'ହେଲେ ଯାଉଛି?'

'ଠିକ୍ ଅଛି, ପଅରଦିନ ଆସି ଆପଣଙ୍କର କାଗଜ ନେଇଯିବେ।'

'କାମ ନିଶ୍ଚୟ ହୋଇଯିବ ନା?'

'ଆପଣ ଟାଣିଟୁଣି କଥାକୁ ପୁଣି ସେଇଠି ପହଞ୍ଚାଇ ଦେଉଛନ୍ତି।'

'ଆପଣ ଖରାପ ଭାବିବେନି ଆଜ୍ଞା, କାମଟା '

'ଆପଣଙ୍କର ବିଶ୍ୱାସ ହେଉନି? ଏଇ କଥାତ?'

'ବିଶ୍ୱାସ ତ ସମସ୍ତଙ୍କ ଉପରେ ରଖିବାକୁ ପଡିବ, କିନ୍ତୁ '

'କହିଲି ତ ଆପଣଙ୍କର କାମ ହୋଇଯିବ। ଆପଣ କୁହନ୍ତୁ ତ ଦେଖି ମୁଁ କଣ କଲେ ଆପଣଙ୍କର ବିଶ୍ୱାସ ହେବ!!'

'କିଛି ନାହିଁ, ଆପଣ, ମାନେ, ଆପଣ ଏ ପଚାଶ ଟଙ୍କା ନୋଟ୍‌ଟି ରଖିଦେଲେ ମୁଁ ନିଶ୍ଚିନ୍ତ ହୋଇଯିବି ।'

୪୩, କନୱର ନଗର-୨, (ପୂର୍ବ) ମୁମ୍ବାଇ-୮୩

# ନର୍ଥ କାରୋଲିନା ଦିୱାଲିରେ ଓଡିଶୀ ଝଙ୍କାର

ଗତ ୧୩ ତାରିଖରେ ଆମେରିକାର ନର୍ଥ କାରୋଲିନାରେ ଥିବା ଭାରତୀୟମାନେ ପ୍ରତିବର୍ଷ ଭଳି ଏଥର ମଧ୍ୟ ବଡ ଧୁମ୍‌ଧାମ୍‌ରେ ଦିପାବଳୀ ପାଳନ କରିଥିଲେ। ଭାରତୀୟ ସଂସ୍କୃତିର ପ୍ରଚାର ପାଇଁ ଗଡା ହୋଇଥିବା ନର୍ଥ କାରୋଲିନା ଭାରତୀୟ ସଂଗଠନ 'ହମ୍ ସବ୍' ପକ୍ଷରୁ ସ୍ଥାନୀୟ ରିଜେନ୍‌ସି ପାର୍କସ୍ଥିତ ଆଂପି ଥିଏଟର୍ ଠାରେ ଏହି ଉତ୍ସବ ଆୟୋଜନ କରାଯାଇଥିଲା। ସେଥିରେ ବିଭିନ୍ନ ସଂପ୍ରଦାୟର ୭ ହଜାରରୁ ଅଧିକ ଲୋକ ଯୋଗ ଦେଇଥିଲେ।



ଉତ୍ସବ ସ୍ଥଳରେ ଭାରତୀୟ ଖାଦ୍ୟ, ପୋଷାକ ଓ ହସ୍ତଶିଳ୍ପର ଅନେକ ଷ୍ଟଲ୍ ଖୋଲା

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



ଯାଇଥିଲା । ମନୋରଞ୍ଜନ ପାଇଁଥିଲା ଭାରତୀୟ ଶାସ୍ତ୍ରୀୟ ଓ ଲୋକ ସଂଗୀତ ଓ ନୃତ୍ୟର ସୁନ୍ଦର କାର୍ଯ୍ୟକ୍ରମ । ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ପ୍ରସ୍ତୁତ ସେହି ନୃତ୍ୟ ଓ ସଂଗୀତ ଉପସ୍ଥିତ ଦର୍ଶକମାନଙ୍କୁ ସାତ ଘଣ୍ଟାଧରି ବାନ୍ଧି ରଖିବାରେ ସଫଳ ହୋଇଥିଲା ।

ଏହି ଅବସରରେ ପ୍ରଖ୍ୟାତ ଓଡିଶୀ ନୃତ୍ୟଶିଳ୍ପୀ ମଧୁସ୍ମିତା ମିଶ୍ରଙ୍କ ଦଳ 'ଦଶ ଅବତାର' ପ୍ରଦର୍ଶନ କରିଥିଲେ। ସେଥିରେ ନିଜେ ମଧୁସ୍ମିତା ଏବଂ ତାନ୍‌ଜିନା ଖାଁ ଓ ପୂଜା ଡାଲି ଅଂଶ ଗ୍ରହଣ କରିଥିଲେ। ସେମାନଙ୍କର ନୃତ୍ୟ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା । ଭକ୍ତି, ପ୍ରେମ, ଆନନ୍ଦ ଓ ପରମାନନ୍ଦ ତଥା ସମର୍ପଣର ପ୍ରତୀକ ସେହି ନୃତ୍ୟକୁ ଦର୍ଶକେ ଭୁରି ଭୁରି ପ୍ରଶଂସା କରିଥିଲେ।

ଶେଷରେ ଥିଲା ଆକର୍ଷକ ଆତସବାଜି କାର୍ଯ୍ୟକ୍ରମ। ଆତସବାଜିର ରଙ୍ଗୀନ ଆଲୋକରେ ନର୍ଥ କାରୋଲିନାର ଆକାଶ ବେଶ୍ କିଛି ସମୟ ପାଇଁ ଛବିଳ ହୋଇ ଉଠିଥିଲା ଓ ବିଦେଶରେ ରହୁଥିବା ସେହି ଭାରତୀୟମାନଙ୍କୁ ଦେଶ କଥା ମନେ ପକାଇ ଦେଇଥିଲା ।

---

### ଚକ୍ରଧର ସାହୁଙ୍କ ଅନ୍ୟ ଦିଗନ୍ତ

## ସୀମାହୀନ ଦରିଆ, ବହୁବର୍ଣ୍ଣୀ ପ୍ରତିଭା

ଆପଣ ଚକ୍ରଧର ସାହୁଙ୍କୁ ଜାଣିଥିବେ, ଜଣେ ଭଲ ସିନେ ସଂପାଦକ ଭାବରେ ଅବା ସିନେ ନିର୍ଦ୍ଦେଶକ ଭାବରେ। ୧୯୮୮ ମସିହାରେ ପୁନାର ଫିଲ୍ମ ଓ ଟେଲିଭିଜନ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସିନେ ସଂପାଦନାରେ ଡିପ୍ଲୋମା କରିଥିବା ଚକ୍ରଧର ସିନେମା ତାଙ୍କ ପ୍ରଥମ ରୁଚି ବୋଲି ସ୍ୱୀକାର ତ କରନ୍ତି କିନ୍ତୁ ଏହା ସବାଶେଷ ରୁଚି ନୁହେଁ ବୋଲି କହନ୍ତି। ମୁମ୍ବାଇ ସିନେ ଜଗତ ସହ ଅନେକ ଦିନ ଧରି ସଂପୃକ୍ତ ଥିଲେ ସେ। ଶ୍ୟାମ ବେନେଗାଲ, ଜି ପି ସିପ୍ପି, ତ୍ରିମୂର୍ତ୍ତି ଫିଲ୍ମସ ସହ ସେ କାମ କରିଛନ୍ତି। ଉଭୟ ସମାନ୍ତରାଳ ଓ ମୁଖ୍ୟଧାରାର ସିନେମାରେ ସାମିଲ୍ ହୋଇଛନ୍ତି। ଓଡିଶା ଆସିବା ପରେ ସେ 'ଇନ୍ଦ୍ରଧନୁର ଛାଇ' ଚିତ୍ରର ସଂପାଦନା କାମ କରିଛନ୍ତି। 'ନୀଳମାଷ୍ଟ୍ରାଣୀ' ଛବିର ନିର୍ଦ୍ଦେଶନା ଓ ସଂପାଦନା କାମ ବି କରିଛନ୍ତି। ପୁଣି 'ଦୁର ଦିଗନ୍ତ' ଛବିକୁ ସଂପାଦନ କରିଛନ୍ତି। ଏବେ ସେ ପୁଣି ଏକ ବ୍ୟବସାୟିକ ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେବାପାଇଁ ଆଗଭର ହୋଇଛନ୍ତି।

ତେବେ ସିନେମା ବ୍ୟତିତ ଅନ୍ୟ କୌଣସି ରୁଚି ଅଛି ତାଙ୍କର? ଆପଣ ମାନେ ଜାଣି ଆଶ୍ଚର୍ଯ୍ୟ ହେବେ ସେ ନିଜେ ଚମତ୍କାର ଗୀତ ଗାଇପାରନ୍ତି। ଏହି କଳା ପିଲା ଦିନରୁ ଅଛି। ପିଲା ଦିନରୁ ହିଁ ସେ ସଂଗୀତ ପ୍ରତି ଆକୃଷ୍ଟ ହୋଇଥିଲେ, ଗୁଣୁଗୁଣୁ ହୋଇ ଗାଉଥିଲେ, ସେହି ଗୀତ ଗାଇବାର ମୋହ ଆଜିପର୍ଯ୍ୟନ୍ତ ରହିଛି। ତେବେ ସେ କୌଣସି ପ୍ରକାର ତାଲିମ ନେଇ ନାହାନ୍ତି। ସୌଖୀନ ଭାବରେ ବିଭିନ୍ନ ପାରିବାରିକ ମହଲରେ ସେ ଗୀତ ଗାଆନ୍ତି। ପ୍ରଶଂସିତ ହୋଇଛନ୍ତି। ହିନ୍ଦୀରେ ତାଙ୍କର ପସନ୍ଦିଦା ଗାୟକ ହେଉଛନ୍ତି ମହମ୍ମଦ ରଫି ଆଉ



ସଂଗୀତକାର ହେଉଛନ୍ତି ଶଙ୍କର-ଜୟକିଶନ୍। ପ୍ରିୟ ଗୀତ ହେଉଛି, 'ଓ ଦୁନିଆକେ ରଖୱାଲେ'। ଏହି ଗୀତକୁ ସବୁବେଳେ ନିଜ ମନରେ ଗୁଣୁଗୁଣୁ ହୋଇ ଗାଆନ୍ତି ସେ। ଓଡିଆରେ ପ୍ରଣବ ପଟ୍ଟନାୟକଙ୍କ ସ୍ୱର, ରାଧାକୃଷ୍ଣ ଭଞ୍ଜ ଏବଂ ସରୋଜ ପଟ୍ଟନାୟକଙ୍କ ସଙ୍ଗୀତ ତାଙ୍କୁ ଭଲ ଲାଗେ। ପ୍ରିୟ ଗୀତ ହେଉଛି, 'ସୀମାହୀନ ଦରିଆ'। ଚକ୍ରଧର ସାହୁ କଳା ଏବଂ ଆଇନ ବିଦ୍ୟାରେ ସ୍ନାତକ। ଏହି ତଥ୍ୟ ଅନେକ ଜାଣି ନଥିବେ ଯେ ସିନେମାକୁ ଆସିବା ଆଗରୁ, ସିନେମା ପାଠ ପଢିବା ଆଗରୁ ଚକ୍ରଧର ଓକିଲାତି ବୃତ୍ତିରେ ଥିଲେ। ଇନ୍‌କମ୍ ଟ୍ୟାକ୍ସ ସମ୍ବନ୍ଧିତ ଓକିଲାତି କରୁଥିଲେ କଟକରେ ଆଉ ତାଙ୍କର ସିନିୟର ଥିଲେ ଆଜିର ସୁପ୍ରିମ୍ କୋର୍ଟର ବିଚାରପତି ମାନ୍ୟବର ଅରିଜିତ୍ ପଶାୟତ୍। ଏହା ବି ଚକ୍ରଙ୍କ ବ୍ୟକ୍ତିତ୍ୱର ଆଉ ଏକ ଦିଗ। ଚକ୍ରଧର ସାହୁ ଭଲ ରୋଷେଇ କରନ୍ତି। ରୋଷେଇ ସେ ଶିଖିଛନ୍ତି ବାଧ୍ୟବାଧକତାରେ। ୧୯୯୧ରେ ତାଙ୍କର ବିବାହ ହୁଏ ସଙ୍ଗୀତା ଦାସଙ୍କ ସହ, ସଙ୍ଗୀତା ରୁଚିକା ସ୍କୁଲ୍‌ର ଶିକ୍ଷୟିତ୍ରୀ। ଯେହେତୁ ପତ୍ନୀ କର୍ମଜୀବି ମହିଳା ଏଣୁ ଘରକାମ ବି କିଛି କିଛି ସମ୍ଭାଳିବାକୁ ପଡେ ଚକ୍ରଙ୍କୁ। ଏଣୁ ସେ ଶିଖିଛନ୍ତି ରୋଷେଇ। ମଜାକଥା ହେଉଛି ବହି ପଢି ପଢି ସେ ରୋଷେଇ ଶିଖିଛନ୍ତି ଏବଂ ଏବେ ସେ ବହୁତ ଭଲ ରୋଷେଇ କରି ପାରୁଛନ୍ତି। ଖେଳରେ ବି ରୁଚି ରଖନ୍ତି ଚକ୍ର। କ୍ରିକେଟ୍ ତାଙ୍କର ପ୍ରିୟ ଖେଳ। କେବେ ଦିନେ କ୍ରିକେଟ ଖେଳୁଥିଲେ ସେ। ଏବେ ମ୍ୟାଚ୍ ଚାଲିଲେ ଟିଭି ସାମ୍ନାରୁ ଉଠନ୍ତି ନାହିଁ। ଯାହା କାମ ଥିଲେ ବି କ୍ରିକେଟ୍ ପାଇଁ ସବୁ ବନ୍ଦ। ତାଙ୍କର ପ୍ରିୟ ଖେଳାଳି ହେଉଛନ୍ତି ମହମ୍ମଦ ଆଝାରୁଦ୍ଦିନ, ଆଉ ଭିଭିଆନ୍ ରିଚାର୍ଡସ୍। କେବଳ ସିନେ ପର୍ଦ୍ଦାରେ ରୁଚି ନ ରଖି ନିଜକୁ ଅନ୍ୟାନ୍ୟ ରୁଚିରେ ବିସ୍ତାରି ଦେବା ଚକ୍ରଧର ସାହୁଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ଦିଗ। ଚକ୍ର କହନ୍ତି, ସେ କିନ୍ତୁ ସବୁ ରୁଚିର ମଙ୍ଗ ମୋଡନ୍ତି ସିନେମା ଆଡକୁ, ସବୁ ରୁଚିରେ ସିନେମାର ଝଲକ ଦେଖନ୍ତି। ତାଙ୍କର ବହୁବର୍ଣ୍ଣ ରୁଚିର ସବୁ ମୋଡ ସିନେମା ଦିଗକୁ।

Now only Aahwaan.tk

# ଜନ୍ମଦିନ ଓ ହୃଦ୍‌ଘାତ

ହୃଦ୍‌ରୋଗାକ୍ରାନ୍ତ ବୟସ୍କ ଲୋକମାନଙ୍କ ପାଇଁ ଜନ୍ମଦିନର ସ୍ୱତନ୍ତ୍ର ଭୂମିକା ରହିଛି। ଏକ ସର୍ଭେ ଅନୁଯାୟୀ, ନିଜର ଜନ୍ମଦିନରେ ଅଧିକାଂଶ ବୟସ୍କ ଲୋକ ହୃଦ୍‌ଘାତ ବା ହୃଦ୍‌ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ଜରୁରୀ ଚିକିତ୍ସା ପାଇଁ



ହସ୍‌ପିଟାଲ୍ ଯାଇଥିବାର ନଜିର ରହିଛି। ବିଶେଷତଃ ଉଚ୍ଚ ରକ୍ତଚାପ ଥିବା ରୋଗୀମାନେ ଅନ୍ୟ ଦିନ ଅପେକ୍ଷା ନିଜ ଜନ୍ମଦିନରେ ହୃଦ୍‌ଘାତର ଶିକାର ହେବା ସମ୍ଭାବନା ଅଧିକ ଥାଏ।

ହୃତ୍‌ପିଣ୍ଡକୁ ରକ୍ତ ସଂଚାଳନ ସାମୟିକ ଭାବରେ ବନ୍ଦ ହୋଇଗଲେ ଛୋଟ ଧରଣର ହୃଦ୍‌ଘାତ ହୁଏ। ଯଦିଓ ଏହା ହଠାତ୍ ପ୍ରାଣ ନିଏ ନାହିଁ, ତଥାପି ଭବିଷ୍ୟତରେ ବଡ ଧରଣର ହୃଦ୍‌ଘାତର ପୂର୍ବ ସୂଚନା ଦିଏ। ଏହାର ସତ୍ୟାସତ୍ୟ ପରୀକ୍ଷା କରିବା ପାଇଁ କାନାଡାର ଟରୋଣ୍ଟୋ ବିଶ୍ୱବିଦ୍ୟାଳୟର ଗବେଷକ ମାନେ ୨୦୦୨ ରୁ ୨୦୦୪ ମଧ୍ୟରେ ଜରୁରୀ ଚିକିତ୍ସା ୱାର୍ଡକୁ ଆସିଥିବା ୨୪୦୦୦ ରୋଗୀଙ୍କ ଉପରେ ଅନୁଶୀଳନ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ବୟସ ୬୮ରୁ ୭୪ ବର୍ଷ ଭିତରେ ଥିଲା ଏବଂ ପ୍ରାୟ ପ୍ରତ୍ୟେକଙ୍କ କ୍ଷେତ୍ରରେ ହୃଦ୍‌ରୋଗ ସମସ୍ୟା ନିଜର ଜନ୍ମ ଦିନ ହିଁ ଜଣାପଡିଥିଲା।

# ମୁନ୍ନା ଭାଇ ଓ ଗାନ୍ଧିଗିରି

## ଶୈଳେନ୍ଦ୍ର ଦ୍ୱିବେଦୀ



ଗାନ୍ଧିଙ୍କ ପରିକଳ୍ପିତ ସତ୍ୟାଗ୍ରହର ଶହେବର୍ଷ ବିତିଯାଇଛି । ବର୍ଣବୈଷମ୍ୟକୁ ବିରୋଧ କରି ଏହି ସତ୍ୟାଗ୍ରହ ଦିନେ ଦକ୍ଷିଣ ଆଫ୍ରିକାରୁ ଆରମ୍ଭ ହୋଇଥିଲା । ଗାନ୍ଧିଙ୍କ ପରେ ପରିସ୍ଥିତିର ଦ୍ରୁତ ପରିବର୍ତ୍ତନ ଅବଶ୍ୟ ଘଟିଛି; ପାରସ୍ପରିକ ହିଂସା ଏକ ଭୟଙ୍କର ବ୍ୟାଧି ହୋଇ ଆମ ସହିତ ଏହା ଶେଯରେ ଶୋଉଛି । ତଥାପି ସତ୍ୟାଗ୍ରହ ତଥା ଅହିଂସାର ଭୂମିକା ଏଯାବତ୍ ଶେଷ ଘଟିନାହିଁ । ମହାତ୍ମାଙ୍କ ପରେ ମାର୍ଟିନ୍ ଲୁଥର କିଙ୍ଗ୍, ନେଲ୍ସନ୍ ମାଣ୍ଡେଲା, ବିନୋବା ଭାବେ ଏବଂ ବାବା ଆମତେଙ୍କ ପରି ଅନେକ ସମର୍ପିତ ବ୍ୟକ୍ତି ଏହାକୁ ଗ୍ରହଣ କରି ଆସିଛନ୍ତି । ଏବେ ବି ଅନେକ ଆସୁଛନ୍ତି । ସେମାନେ କଳକାରଖାନା ବସାଇ ନାହାନ୍ତି, ଆଣବିକ ଅସ୍ତ୍ର ବା ପରମାଣୁ ବୋମା ତିଆରି କରି ନାହାନ୍ତି ବା ସୁପର୍ କଂପ୍ୟୁଟର୍ର ବିକାଶରେ ଆମର ସହାୟକ ହୋଇନାହାନ୍ତି । ସେମାନେ ବରଂ ଏ ସବୁର ବିରୋଧ କରିଛନ୍ତି । ହଁ, ସେମାନେ ଅବଶ୍ୟ ଏ କାମଟି କରିଛନ୍ତି- ସେମାନେ ଜୀବନକୁ, ଚାରିପାଖର ମଣିଷମାନଙ୍କୁ ଓ ସୃଷ୍ଟିକୁ ପ୍ରାଣଭରି ଭଲ ପାଇଛନ୍ତି । ଏଇ କୁନି ଗ୍ରହ ପୃଥିବୀକୁ କେମିତି ଆହୁରି ସରସ ସୁନ୍ଦର କରିହେବ, ସେମାନେ ସେଇ କଥା ଖାଲି ଚିନ୍ତା କରିଛନ୍ତି । ତେବେ ଉତ୍ତରାଧିକାର ସୂତ୍ରରେ ନୁହେଁ, ଅପରିମିତ ଆଗ୍ରହ, ସାହସ ଏବଂ ଶ୍ରଦ୍ଧାକୁ ସମ୍ବଳ କରି ଆଜି ଯାଏଁ ବଞ୍ଚି ରହିଛି ଗାନ୍ଧିଙ୍କ ବିଚାର ।

ଅହିଂସା ତଥା ସତ୍ୟାଗ୍ରହକୁ ଗାନ୍ଧି ତାଙ୍କ ଜୀବଦ୍ଦଶାରେ କେବଳ ଗୋଟିଏ ପ୍ରଭାବଶାଳୀ ଅସ୍ତ୍ର ଭାବରେ ଆବିଷ୍କାର କରି ନଥିଲେ, ଏହି ଅସ୍ତ୍ରକୁ ପହଞ୍ଚାଇଥିଲେ ତଥାକଥିତ ସବୁଠୁ ଦୁର୍ବଳ ଲୋକଟି ନିକଟରେ । ଏକ ସଫଳ ଗଣ ଆୟୁଧ ହୋଇ ସତ୍ୟାଗ୍ରହ ବିନା ରକ୍ତପାତରେ ଶକ୍ତିମାନ ହିଂସାର ମଜବୁତ୍ ଯନ୍ତ୍ରପାତି ଗୁଡାକୁ ମୁକାବିଲା କରୁଥିଲା । ସତ୍ୟାଗ୍ରହ ଏଥିପାଇଁ ବହୁ ମୂଲ୍ୟ ଏବଂ ବହୁ ସମୟ ଦେବା ପାଇଁ ପଡୁଥିଲା । ରକ୍ତ ବଦଳରେ ରକ୍ତ, ଆଖି ବଦଳରେ ଆଖି, ଗାନ୍ଧି କେବେ ଚାହିଁନଥିଲେ, କାରଣ ତାଙ୍କ ମତରେ ଏହି ମାର୍ଗରେ ସାରା ପୃଥିବୀ ନିରୋଳା ଅନ୍ଧମାନଙ୍କ ମୁଲକରେ ପରିବର୍ତ୍ତିତ ହେବାପାଇଁ ଅଧିକ ସମୟ ନେଇ ନଥାନ୍ତା । ସତ୍ୟାଗ୍ରହୀ ଆଜି ମଧ୍ୟ ମରିନାହିଁ । ଏବେ ବି ସୁନ୍ଦରଲାଲ୍ ବହୁଗୁଣା ଅଛନ୍ତି, ବାବା ଆମ୍ତେ ଅଛନ୍ତି, କିନ୍ତୁ ପାରିବା ଲୋକର ଫାଷ୍ଟ୍ ଟ୍ରାକ୍ ପୃଥିବୀରେ ଏମାନେ କଣଠେସା ହୋଇ ଅଛନ୍ତି । ଅଥଚ ମଜା କଥା ହେଉଛି ସତ୍ୟାଗ୍ରହ, ସର୍ବୋଦୟ, ସ୍ୱରାଜ, ପଞ୍ଚାୟତିରାଜ, ସ୍ୱାବଲମ୍ବନଶୀଳତା ଓ ରାମରାଜ୍ୟକୁ ( ଏ ସମସ୍ତ ଗାନ୍ଧିଙ୍କ ଦର୍ଶନର ଅନୁଷ୍ଠାନ ବା ଅଭିମୁଖ୍ୟ) ନେଇ ଆମ ସମୟରେ ଅଧିକରୁ ଅଧିକ ବୌଦ୍ଧିକ ଚର୍ଚ୍ଚା ହେଉଛି । ହୋଇପାରେ ଲୋକ ଦେଖାଣିଆ, ମାତ୍ର ଆମ ଦେଶରେ, ଦୂରଦୂରାନ୍ତରେ ମହାନଗର, ସହର, ଗାଁ ଗଣ୍ଡାରେ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଆଜି ବି ରାସ୍ତାଘାଟ, ସ୍କୁଲ୍ କଲେଜ୍ ଗାନ୍ଧିମାର୍ଗ ବା ମହାତ୍ମା ଲେନ୍ ବା ଗାନ୍ଧି ସ୍କୁଲ୍ ଅଫ୍ ଥଟ୍ ନାଁରେ ନାମିତ ହେଉଛନ୍ତି। ଗାନ୍ଧି ଓ ଗାନ୍ଧିବାଦକୁ ନେଇ ଭାରତ ସମେତ ବିଶ୍ୱର ଏକ ପ୍ରମୁଖ ବୌଦ୍ଧିକ ଜଗତ ଗୋଟାଏ ପରେ ଗୋଟାଏ ଛାୟା ଅନୁଷ୍ଠାନ ନିର୍ମାଣରେ ଲାଗିଛନ୍ତି। ପାର୍ଲିଆମେଣ୍ଟ୍ ଠାରୁ ପାନ ଦୋକାନ, ମହାତ୍ମାଠୁ ମିଛ ମହାତ୍ମା- ଗାନ୍ଧି ରୀତିମତ ଚର୍ଚ୍ଚାରେ। କିନ୍ତୁ ଗାନ୍ଧି ଚେତନାର ଏହି ଚର୍ଚ୍ଚା ସହିତ ସଂପର୍କ ନାହିଁ। ଦୀର୍ଘ ବର୍ଷଧରି ଗାନ୍ଧିଙ୍କ ଆପଣା ଦେଶରେ ତାଙ୍କୁ ସରଳ ଭାବରେ ଅଧ୍ୟୟନ କରିବାପାଇଁ ମୋଟେ ଚେଷ୍ଟା ହୁଏତ କରା ଯାଇନାହିଁ। ଆମ ପିଢିର ଖୁବ୍ କମ ଲୋକେ ଆଗ୍ରହର ସହିତ (ପାଠ୍ୟ ପୁସ୍ତକ ଓ ପ୍ରତିଯୋଗିତା ମୂଳକ ପରୀକ୍ଷା ବାଦ୍) ଗାନ୍ଧିଙ୍କୁ ପଢନ୍ତି। ଆମ ଦେଶରେ କାଶ୍ମୀରଠୁ କନ୍ୟାକୁମାରୀ ଯାଏଁ ଗାନ୍ଧିଙ୍କ ପ୍ରତି ଶ୍ରଦ୍ଧା ରଖିଥିବା ବ୍ୟକ୍ତିମାନଙ୍କର ଅଭାବ ନାହିଁ ସତ, ଅଥଚ ସେମାନେ ପ୍ରକୃତରେ ଗାନ୍ଧିଙ୍କ ଭିତରକୁ ପଶିବା ପାଇଁ ନାରାଜ। ଗାନ୍ଧିଙ୍କୁ ହୃଦୟରେ ନୁହେଁ, ମସ୍ତିଷ୍କରେ ଏକ ବୌଦ୍ଧିକ ତଥା ଆଧ୍ୟାତ୍ମିକ ଆଇକନ୍ ହିସାବରେ ଧରି ରଖିବାର ମାନସିକତା ଆଜି ଗାନ୍ଧି ବିଚାରକୁ ବିପର୍ଯ୍ୟସ୍ତ କରିଛି। ଆଣ୍ଠୁ ଲୁଚୁ ନଥିବା ଖଦଡ ଖଣ୍ଡେ ପିନ୍ଧି ପିନ୍‌ପିନ୍ ପତଳା ଲୋକଟିଏ ଯେ ଦିନେ ପାଦରେ ଚାଲିଚାଲି ଗାଁ ଗାଁ ବୁଲୁଥିଲା, ଲୋକମାନଙ୍କ ସହିତ ଭାରି ସହଜରେ ମିଶିଯାଉଥିଲା, ଖାଇବା କି ରହିବାରେ ତା'ର ଆଦୌ ବାଗ ନଥିଲା, ଅତି ସରଳ ଭାଷାରେ ସତ୍ୟାଗ୍ରହକୁ ସେଇ ଲୋକଟି ଏଇ ବୃହତ୍ତର ଜୀବନ ତଥା ଈଶ୍ୱରଙ୍କ ପ୍ରତି ନିଷ୍ଠା ବୋଲି କହୁଥିଲା- ଏକଥା ଆମେ ବିଶ୍ୱାସ କରିବାପାଇଁ ପ୍ରସ୍ତୁତ ନୁହେଁ। ଗାନ୍ଧିଙ୍କୁ ମହାତ୍ମା, ଚମତ୍କାର, ବିସ୍ମୟ, ବା ଅବତାର କହି ତାଙ୍କର ଆଦର୍ଶକୁ ଭାରତୀୟ ଖାଦୀ ଭଣ୍ଡାର ମାର୍କା ଧୋତି ଖଣ୍ଡେ ପିନ୍ଧାଇ ଆମେ ଏକ ଅପହଞ୍ଚ ଆସନରେ ବସେଇ ଦେଇଛୁ।

ତେବେ ଏଇ ଅଳ୍ପ ଦିନତଳେ ଏକ ସୁଖଦ ବ୍ୟତିକ୍ରମ ଦୃଶ୍ୟମାନ ହୋଇଛି। ଆମ ସାମୂହିକ ଚିନ୍ତନରେ ଯାହା ଗାନ୍ଧିଙ୍କୁ ସେହି ଅପହଞ୍ଚ ଉପତ୍ୟାକାରୁ ଓହ୍ଲାଇ ଆଣିଛି ମାଟି ଉପରକୁ। ବ୍ୟତିକ୍ରମଟି ହେଉଛି ଏକ ଚଳଚ୍ଚିତ୍ର। ବିଧୂ ବିନୋଦ ଚୋପ୍ରାଙ୍କ ପ୍ରଯୋଜିତ ଏବଂ ରାଜକୁମାର ହିରାନି ନିର୍ଦ୍ଦେଶିତ, 'ଲଗେ ରହୋ ମୁନ୍ନାଭାଇ'। ଯେଉଁମାନେ କେବଳ ସମାନ୍ତରାଳ ସିନେମା ବା ବୃତ୍ତଚିତ୍ର ଦେଖନ୍ତି, ସେମାନେ ମଧ୍ୟ ବଲିଉଡ୍‌ର ଏହି ମୁଖ୍ୟସ୍ରୋତର ଛବିଟିକୁ ଉପେକ୍ଷା କରିନାହାନ୍ତି ଆଉ ଦେଖିବା ସଙ୍ଗେ ସଙ୍ଗେ ତାରିଫ୍ ନ କରି ରହି ନାହାନ୍ତି। ଚଳଚିତ୍ରର ସମୀକ୍ଷା ଏଇ ଲେଖକର ଉଦ୍ଦେଶ୍ୟ କିନ୍ତୁ ନୁହେଁ। ଉଦ୍ଦେଶ୍ୟ ଚଳଚିତ୍ରର ପ୍ରଚ୍ଛନ୍ନ ନାୟକ- ଗାନ୍ଧି। ବିଶୁଦ୍ଧ ମନୋରଞ୍ଜନ ପରିବେଷଣ କରିବାକୁ ପ୍ରୟାସୀ, ଅଥଚ ଆବେଗଧର୍ମୀ ଏଇ ଛବିରେ ନାୟକ ମୁନ୍ନାଭାଇ ଓ ତା'ର ବନ୍ଧୁ ସର୍କିଟ୍ ଦାଦାଗିରି କରୁଛନ୍ତି। ଭାରି ମସ୍ତିରେ ବିତିଯାଉଛି ସେମାନଙ୍କ ଜୀବନ।



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ନାୟକ କିନ୍ତୁ ଲୋକପ୍ରିୟ ରେଡିଓ ଜକି (ବେତାର ଉଦ୍‌ଘୋଷିକା) ଜାହ୍ନବୀର ସ୍ୱରର ଯାଦୁରେ ପଡି ଯାଇଛନ୍ତି। ଜାହ୍ନବୀ ନିକଟରେ ନାୟକର ପରିଚିତି ଜଣେ ପ୍ରବୀଣ ଇତିହାସ ଅଧ୍ୟାପକ ଭାବରେ। ତାହା ହିଁ ସମସ୍ୟା। ଗାନ୍ଧି ଚଳଚିତ୍ରରେ ଆସୁଛନ୍ତି ଏକ ଭ୍ରମ ହୋଇ, ନାୟକର କ୍ରମାଗତ ଗାନ୍ଧି ସମ୍ବଳିତ ଅଧ୍ୟୟନ ଉତ୍ତାରୁ- ଲାଇବ୍ରେରୀରେ। ଅତ୍ୟନ୍ତ ନାଟକୀୟ ଭାବରେ। ଅବଚେତନରେ। ସ୍ୱାଭାବିକ, ନାୟକ ଭିନ୍ନ ସେ ଆଉ କାହାକୁ ଦୃଶ୍ୟ ହୋଇନାହାନ୍ତି। ମାତ୍ର ଥରେ ଆସିଯିବା ପରେ ବାପୁ ମୁନ୍ନାଭାଇର ହୃଦୟରେ କ୍ରମଶଃ ସ୍ଥାନଟିଏ ପାଇଛନ୍ତି। ପାରଂପାରିକ ବ୍ୟବସାୟିକ ସିନେମାରେ ଏଇ ପରିସ୍ଥିତିରେ ନାୟକର ଆକସ୍ମିକ ବଲିଉଡ୍ ବା ହଲିଉଡ୍ ସୁଲଭ ପରିବର୍ତ୍ତନ ହୋଇନାହିଁ। ଅର୍ଥାତ୍, ଦାଦାଗିରି କରିବା ଏକା ବେଳକେ ବନ୍ଦ କରି ଦେଇନାହିଁ। ମିଛ କହିବା ବନ୍ଦ କରିନାହିଁ। ଜୀବନକୁ ସରସ ଆଉ ସରଳ ଓ ସତ୍ୟନିଷ୍ଠ ଭାବରେ ସାମନା କରିବା ପାଇଁ ସେ ପ୍ରସ୍ତୁତ ହେବା ଆରମ୍ଭ କରିଛି। ପ୍ରେକ୍ଷାପଟରେ ଅଣନାଟକୀୟତା ଏବଂ ମୁନ୍ନାଭାଇର କ୍ରମବିବର୍ତନ ଏହି ଚଳଚିତ୍ରର ଏକ ଗୁରୁତ୍ୱପୂର୍ଣ ବିଭବ। ଅସୁବିଧାର ସମ୍ମୁଖୀନ ହୋଇ ମୁନ୍ନା ବାପୁଙ୍କୁ ଖୋଜୁଛି ଏବଂ ବାପୁ କ୍ଷଣେ କ୍ଷଣେ ତା ପାଖରେ ରହି ପରାମର୍ଶ ଦେଉଛନ୍ତି। ବାପୁଙ୍କ କଥା ମାନି ମୁନ୍ନା ତା'ର ପ୍ରେୟସୀ ଆଗରେ ଅସଲ ପରିଚୟ ପ୍ରକାଶ କରୁଛି, ସର୍କିଟ୍ କୁ ଭୁଲ ମାଗୁଛି, ସତ୍ୟାଗ୍ରହ ମାର୍ଗରେ ଲକି ସିଂ ଏବଂ ଖୁରାନ୍ନାଙ୍କ କବଳରୁ କେତେଜଣ ବୃଦ୍ଧ ରହୁଥିବା ସେକେଣ୍ଡ୍ ଇନିଂସ୍ ହାଉସ୍‌କୁ ମୁକ୍ତ କରୁଛି। ଅନ୍ଧ ବିଶ୍ୱାସରୁ ଖୁରାନ୍ନାଙ୍କୁ ମୁକ୍ତି ଦେଉଛି, ଏବଂ ବାଟ ହୁଡି ଯାଇଥିବା ଜଣେ ସମ୍ଭ୍ରାନ୍ତ ଯୁବକକୁ ସତ୍ୟ ତଥା ସ୍ୱାବଲମ୍ବନଶୀଳତାର ବାଟ ଦେଖାଉଛି। ସତ୍ୟର ଜୟ ହେଉଛି, ଅଥଚ ଏକଦମ୍ ଅନୌପଚାରିକ, ଅଣପାରଂପାରିକ, ଅଣନାଟକୀୟ ଶୈଳୀରେ।

ଚଳଚିତ୍ରରେ ଗାନ୍ଧି ଆଦୌ ପଦଯାତ୍ରା କରିନାହାନ୍ତି, ସତ୍ୟ ଓ ଅହିଂସା ଉପରେ ଭାଷଣ ଦେଇ ନାହାନ୍ତି, ଭାରତୀୟ ଜାତୀୟ କଂଗ୍ରେସ୍‌ର କୌଣସି ଅଧିବେଶନରେ ଯୋଗ ଦେବାର ଅବକାଶ ପାଇ ନାହାନ୍ତି। ସେ ଚରଖାରେ ସୁତା କାଟି ନାହାନ୍ତି କି ଅନଶନରେ ବି ଥରୁଟିଏ ବସି ନାହାନ୍ତି- କିନ୍ତୁ, ଜଣେ ସାଧାରଣ ମଣିଷକୁ ତା'ର ଅତି ସାଧାରଣ ସମସ୍ୟା ସମାଧାନ କରିବାପାଇଁ ପରାମର୍ଶ ଦେବାପାଇଁ ଗାନ୍ଧି ଆସିଛନ୍ତି। ଚଳଚିତ୍ରର ଅନ୍ତିମ ପର୍ଯ୍ୟାୟରେ ବି ମୁନ୍ନାଭାଇ ସିଧାସଳଖ ଏକ ସନ୍ଥରେ ପରିଣତ ହୋଇ ନାହିଁ। କିନ୍ତୁ ଏକ ଅଭୁତପୂର୍ବ ପରିବର୍ତନ ଲକ୍ଷ୍ୟ କରା ଯାଉଛି ବାତାବରଣରେ। ଯେଉଁ ଲୋକଟି କ୍ରମାଗତ ପଡୋଶୀ ଦୁଆରରେ ଛେପ ପକାଉଥିଲା, ସେ କ୍ଷତି ପହଞ୍ଚାଉଥିବା ପଡୋଶୀର ବ୍ୟବହାରରେ ପରିବର୍ତିତ ହୋଇ ଦୁଃଖ ପ୍ରକାଶ କରୁଛି। ଜରା ନିବାସକୁ ଦଖଲ କରିବାପାଇଁ ଯେଉଁମାନେ ଚେଷ୍ଟା କରୁଥିଲେ ସତ୍ୟାଗ୍ରହର ପ୍ରଭାବରେ ସେମାନେ ନିଜ ଭୁଲ ବୁଝି ପାରିଛନ୍ତି। ସମୁଦାୟ ଚଳଚିତ୍ରରେ କୌଣସି ହିଂସାତ୍ମକ ଦୃଶ୍ୟ ନାହିଁ। ଦାମିକା ସେଟ୍ ବା ବିଶେଷ ଆଉଟ୍ ଡୋର୍ ସୁଟିଂ ନାହିଁ। କିନ୍ତୁ ଚମତ୍କାର ସଫଳତା ପାଇଛି ଛବିଟି। କୁହାଯାଉଛି, ସଫଳତାର ଅନ୍ୟତମ ଶ୍ରେୟ ହେଉଛନ୍ତି ଗାନ୍ଧି। ସବୁଠାରୁ ମଜାର କଥା ହେଉଛି, ଗାନ୍ଧି ଅଭିନୟରେ ଥିବା ଅଭିନେତା ଜଣକ ଗାନ୍ଧିଙ୍କ ପରି ଆଦୌ ଦେଖାଯାଉ ନାହାନ୍ତି। ତଥାପି ଛବିଟିରେ ଗାନ୍ଧିଙ୍କ କିମିଆଁ ଦର୍ଶକଙ୍କୁ ଅଭିଭୂତ କରୁଛି।

ଏହାର କୌଣସି ଜଟିଳ କାରଣ ନାହିଁ। ମନୋରଞ୍ଜନର ଭରପୂର ଖୋରାକ ଅବଶ୍ୟ ଚଳଚିତ୍ରରେ ମହଜୁଦ୍ ଅଛି, କିନ୍ତୁ ଏକ ନିରୋଳା ବ୍ୟବସାୟିକ ଛବିକୁ ଗାନ୍ଧି ବିଚାରର ଉତ୍କର୍ଷ ଭାବରେ ଗ୍ରହଣ କରିବାରେ ଯାହା ନିର୍ଣାୟକ ଭୂମିକା ନେଇଛି ସେଇଟି ହେଉଛି ଗାନ୍ଧି ଚେତନାର ଅଣନାଟକୀୟ ପ୍ରତ୍ୟକ୍ଷ ପରିବେଷଣ। ଗାନ୍ଧିବାଦର ବିନମ୍ର ଦର୍ଶନ ପରିସ୍ଫୁଟ ସବୁଠୁ ସାଧାରଣ ମଣିଷର ଜୀବନଚର୍ଯ୍ୟାରେ। ସତ୍ୟାଗ୍ରହୀ ହେବାପାଇଁ ବିଶେଷ ତାଲିମର ଆବଶ୍ୟକତା ନାହିଁ; ଖଦଡ ଓ ଧୋତି ପିନ୍ଧିବା ଆବଶ୍ୟକ ନାହିଁ। ଆବଶ୍ୟକତା ରହିଛି ଏକ ସମର୍ପିତ, ଉଦାର ଦୃଷ୍ଟିଭଙ୍ଗୀର। ସତ୍ୟ ପ୍ରତି ନିରନ୍ତର ଶ୍ରଦ୍ଧା, ଅଧ୍ୟବସାୟ ଏବଂ ବିଶ୍ୱାସ ହିଁ ସମ୍ଭବ କରିପାରେ ଏକ ବୈପ୍ଲବିକ ଜୀବନଦୃଷ୍ଟି- ଏଇ ଚଳଚିତ୍ର ଏଇ କଥା କହୁଛି। ଗାନ୍ଧିବାଦର ଏକ ନବୀନ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ସଂସ୍କରଣକୁ ଭୂମିଷ୍ଠ କରାଇଛି, 'ଲଗେ ରହୋ ମୁନ୍ନା ଭାଇ' ଚଳଚିତ୍ର । କୁହାଯାଉଛି ଏଇ ନୂଆ ସଂସ୍କରଣଟି ହେଉଛି, 'ଗାନ୍ଧିଗିରି' । ଦାଦାଗିରି / ଭାଇଗିରି ପରି ଗାନ୍ଧିଗିରିକୁ ନକାରାତ୍ମକ କହି ଏଡାଇ ଦିଆଯାଇ ପାରେ ନାହିଁ; କାରଣ ଗାନ୍ଧିବାଦର ଏଇ କାୟିକ ନବବିନ୍ୟାସ କୌଣସି ସଚ୍ଚା ଗାନ୍ଧି-ଅନୁରକ୍ତଙ୍କୁ ଆଦୌ ବିଦ୍ରୋହୀ କରିବ ନାହିଁ । ବରଂ ଆମେ ଏୟା କହିବା ଠିକ୍ ହେବଯେ ଗାନ୍ଧିଙ୍କ ମୃତ୍ୟୁପରେ, ତାଙ୍କ ନିଜ ଦେଶରେ, ତାଙ୍କ ବିଚାରକୁ ସାଧାରଣ ମଣିଷର ସ୍ପର୍ଶ ଦେବାପାଇଁ ଗାନ୍ଧିଗିରି ମାଧ୍ୟମରେ ଏଇ ଛବିରେ ଏକ ସଫଳ ଚେଷ୍ଟା କରାଯାଇଛି ।

ଅସଲ ଗାନ୍ଧିବାଦ ଯେ ପ୍ରତିଟି ମଣିଷ ଭିତରେ ସମାବିଷ୍ଟ ଏକ ସରଳ ଅବସ୍ଥା, ଆମକୁ ଏଇ ବାର୍ତ୍ତାଟି ମିଳିଛି । ହିଂସାଠୁ ଦୂରରେ, ଏକନିଷ୍ଠ ଉଦ୍ୟମରେ ଆମେ ନିଜ ନିଜ ସ୍ତରରେ ଏବେ ବି ଏକ ଦିବ୍ୟ ପରିବର୍ତନକୁ ସମ୍ଭବ କରି ପାରିବା । ଚଳଚିତ୍ରଟି ଏଇ କଥା ବରାବର କହୁଛି । ଛବି ଉପରେ ପ୍ରତିକ୍ରିୟା ଜାଣିବା ପାଇଁ ଗାନ୍ଧିଙ୍କ ଅଣନାତି ତୁଷାର ଗାନ୍ଧିଙ୍କୁ ପ୍ରଶ୍ନ କରାଯାଇଥିଲା ।

ତୁଷାର କହିଛନ୍ତି ଯେ, ଚଳଚିତ୍ରଟି ଦେଖିବା ପରଠୁ ସେ ଗାନ୍ଧିବାଦ ଶବ୍ଦ ବ୍ୟବହାର କରିବା ବନ୍ଦ କରି ଦେଇଛନ୍ତି । ତାଙ୍କର ନୁଆ ଶବ୍ଦ ହେଉଛି, 'ଗାନ୍ଧିଗିରି' । ସେ ଏକଥା ମଧ୍ୟ କହିଛନ୍ତି ଯେ । ଏଯାବତ୍ ଗାନ୍ଧି ବିଚାରକୁ ନେଇ ପ୍ରସ୍ତୁତ କରାଯାଇଥିବା ଚଳଚିତ୍ର ସବୁ ଭାରି ଗମ୍ଭୀର ମନେ ହୋଇଛନ୍ତି ଏବଂ ବାପୁଙ୍କ ଅସଲ ବାର୍ତାଟି ଯେମିତି ଦୁରନ୍ତ ହୋଇ ରହିଯାଇଛି । ବାପୁଙ୍କ ଦର୍ଶନର ଯେ ସିଧା ସଳଖ ଏକ ବ୍ୟବହାରିକ ଦିଗ ରହିଛି ଯାହା ସାଧାରଣ ମଣିଷର ଜୀବନଚର୍ଯ୍ୟା ନିମନ୍ତେ ଅଭିପ୍ରେତ, ଏକଥା ଆଗରୁ ଏତେ ସ୍ପଷ୍ଟ ଭାବରେ କେହି କହିବା ପାଇଁ ସମର୍ଥ ହୋଇନାହାନ୍ତି । ହାସ୍ୟରସ ମାଧ୍ୟମରେ ଏଇ ଛବିଟି ବାପୁଙ୍କ ବିଚାରର ବାସ୍ତବିକତାକୁ ଆମ ଭିତରକୁ ନେଇ ଆସିଛି । ତୁଷାର ଆହୁରି ମଧ୍ୟ କହିଛନ୍ତି ଯେ ଯୁବ ପିଢି ଏଥର ଗାନ୍ଧିଙ୍କ ବୌଦ୍ଧିକ ସଂଜ୍ଞା ଖୋଜିବାରେ ବ୍ୟସ୍ତ ରହିବେ ନାହିଁ- ମୁନ୍ନା ଭାଇ ବ୍ରାଣ୍ଡ୍ ର ହାସ୍ୟରସ ମାଧ୍ୟମରେ ସେମାନେ ଆଜି ଆବିଷ୍କାର କରିବେ ଜଣେ ନୁଆ ଗାନ୍ଧିଙ୍କୁ । 'ଆଜି ବାପୁ ବଞ୍ଚିଥିଲେ, ଗାନ୍ଧିଗିରି ବୋଲି ବା ଭାଷା ବ୍ୟବହାର କରିଥା'ନ୍ତେ ।' ମିଡ୍ -ଡେ ରେ ପ୍ରକାଶିତ ଏକ ସାକ୍ଷାତକାରରେ ତୁଷାର ଏହା କହିଛନ୍ତି ।

ଗାନ୍ଧି ଥରେ କହିଥିଲେ, ଗାନ୍ଧିବାଦ କ'ଣ ସେ ଜାଣନ୍ତି ନାହିଁ । ମାର୍ଚ ୩, ୧୯୩୬ରେ ସେ ଗାନ୍ଧି ସେବା ସଂଘର ଏକ ବୈଠକରେ ଏକଥା ମଧ୍ୟ କଅହିଥିଲେ । 'ମୋର କୌଣସି ବଡ ଧରଣର ଯୋଜନା ଆଦୌ ନାହିଁ । ମୋ ନିଜ ଢଙ୍ଗରେ ଦୈନନ୍ଦିନ ଜୀବନର ସୁଖଦୁଃଖ, ଅଭାବ ଅସୁବିଧାକୁ ସାମନା କରିବା ପାଇଁ ମୁଁ ସତ୍ୟ ଏବଂ ଅହିଂସାର ଶାଶ୍ୱତ ସାଧନକୁ ଯାହା ପ୍ରୟୋଗ କରୁଛି'

ଗାନ୍ଧିଙ୍କ ମୃତ୍ୟୁର ପାଖାପାଖି ଷାଠିଏ ବର୍ଷ ପୂରିଗଲାଣି । ଗାନ୍ଧିଙ୍କୁ ମହାତ୍ମା ଆସନରେ ବସେଇ ଦେଇ, ତା'ଙ୍କ ପ୍ରତିମୂର୍ତ୍ତିରେ ଆନୁଷ୍ଠାନିକ ଭାବରେ ସରକାରୀ ଗଜରା ହାର ଲମ୍ବେଇ ଦେଇ ଆମେ ଏକ ପବିତ୍ର ଜାତୀୟ କର୍ତବ୍ୟ ପାଳନ କରୁଛୁ ବୋଲି ମନେ କରୁଛୁ । ଯାହା କିନ୍ତୁ ଜ୍ଞାତସାରରେ ଆମେ ବିସ୍ମିତ ହେଉଛୁ ସେଇଟି ହେଉଛି ଗାନ୍ଧିଙ୍କ ବିଚାରର ଗ୍ରହଣୀୟ ବ୍ୟବହାରିକ ଅଙ୍ଗୀକାର । ଆପଣା ଜୀବନରେ ସତ୍ୟ ସହିତ ସାମିଲ୍ ହୋଇ ରହିବାର ସରଳ ବିଚାର । ସଦାଚାର । ଗାନ୍ଧିଙ୍କ ଆଦର୍ଶ ଏଇଥି ପାଇଁ ବୈପ୍ଳବିକ ନଥିଲା ଯେ ସେ ସତ୍ୟର ଅକ୍ଷତ, ପରିପୂର୍ଣ, ଚବିଶି କ୍ୟାରେଟ୍ ସ୍ୱରୂପକୁ ବିଜ୍ଞାପିତ କରୁଥିଲେ । ବରଂ ଏଇଥି ପାଇଁ ଯେ ଗାନ୍ଧି ଜୀବନଚକ୍ରରେ ଏକ ନ୍ୟୂନତମ ହିଂସାର ସ୍ଥିତିକୁ ସ୍ୱୀକାର କରିଥିଲେ ଏବଂ ସେଇ ସ୍ଥିତିରେ ସମ୍ଭବ ଏକ ମହତ୍ତର, ମର୍ଯ୍ୟାଦାପୂର୍ଣ ଜୀବନ ବଞ୍ଚିବାପାଇଁ ଚମତ୍କାର ନକ୍ସା ଟିଏ ପ୍ରସ୍ତୁତ କରିଥିଲେ । ସେଇ ନକ୍ସାର ପ୍ରାସଂଗିକତା ପୃଥିବୀପୃଷ୍ଠରେ ମଣିଷର ଜୀବନ ସହିତ, ସୃଷ୍ଟି ସହିତ ସିଧାସଳଖ ସଂଯୁକ୍ତ ହୋଇ ଆସିଛି ଏବଂ ସେଇ ମର୍ମରେ ଗାନ୍ଧିଙ୍କ ବିଚାର ଆମ ସମୟର ପୃଥିବୀ ପାଇଁ ଅଧିକ ପ୍ରାସଙ୍ଗିକ ମନେ ହେଉଛି ।

(ପ୍ରକାଶିତ ସମ୍ବାଦର ଗୁରୁବାର, ଅକ୍ଟୋବର ୫, ୨୦୦୬ ସଂଖ୍ୟା)

## ରାଜ୍ୟ ରାଜନୀତି

ଗୋପାଳ ମିଶ୍ର

# ଲଗେ ରହୋ ନବୀନ ଭାଇ

ରାଜ୍ୟମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସୂଚୀରେ ଓଡିଶା ସବାତଳ ପାହାଚକୁ ଚାଲିଗଲା। ନିକଟରେ ତ ଏକ ସର୍ବେକ୍ଷଣ ରିପୋର୍ଟରେ ପ୍ରକାଶ ପାଇଛି ଯେ ଓଡିଶାର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ସମଗ୍ର ଏସିଆ ମହାଦେଶରେ ଦରିଦ୍ରତମ ଅଞ୍ଚଳ।

ଆମ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୬୦ ପୁରି ୬୧ ଚାଲିଲା ଗତ ୧୬ତାରିଖ ଠାରୁ। ଜନ୍ମ ଦିବସର ଅନେକ ଅନେକ ଶୁଭେଚ୍ଛା। ସେ ଦୀର୍ଘାୟୁ ହୁଅନ୍ତୁ। ଭଉଣୀ ଗୀତା ମେହେଟା ଜଣେ ଆନ୍ତର୍ଜାତିକ ଖ୍ୟାତି ସଂପର୍ଣ୍ଣ ଲେଖିକା। ଭାଇ ନବୀନ ମଧ୍ୟ ଇଂରାଜୀ ଭାଷାରେ ଲେଖକ ହିସାବରେ ଜୀବନ ଆରମ୍ଭ କରିଥିଲେ। ଓଡିଆ ଭାଷା ଜାଣିନଥିଲେ। ଭାଇ ନବୀନଙ୍କର (ଡାକ ନାମ ପପୁ) ଲେଖକ ଜୀବନରୁ ରାଜନୈତିକ ଜୀବନକୁ ଘଟାନ୍ତର ହେଲା ୧୯୯୭ ସାଲରେ, ପ୍ରବାଦ ପୁରୁଷ ପିତା ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ।



ସ୍ୱୀକାର କରିବି ଯେ ୨୦୦୦ ସାଲରେ ସେ ମୁଖ୍ୟମନ୍ତ୍ରୀ ପଦରେ ଅଧିଷ୍ଠିତ ହେବାବେଳେ ତାଙ୍କ ସଂପର୍କରେ ଆମମାନଙ୍କର ଯେଉଁ ଧାରଣା ଥିଲା ତାହା ଅନେକ ପରିମାଣରେ ବଦଳିଯାଇଛି। ଓଡିଶାର ଜଟିଳ ରାଜନୀତି ଏବଂ ସେ ରାଜନୀତିର ରଙ୍ଗମଞ୍ଚରେ ଯେଉଁ ଖେଳୁଆଡ ନାୟକ ମାନେ ଥିଲେ ସେମାନଙ୍କୁ ମୁକାବିଲା କରି କେତେଦିନ ତିଷ୍ଠି ରହିପାରିବେ ସେ ସଂପର୍କରେ ସନ୍ଦେହ ହେଉଥିଲା। କିନ୍ତୁ ଦେଖାଗଲା ଧୁରନ୍ଧର ରାଜନୈତିକ ନେତା ମାନଙ୍କୁ ସେ ପ୍ରଥମ କେତୋଟି ବର୍ଷ ମଧ୍ୟରେ ଟପିଗଲେ। ବିଜୁ ଜନତାଦଳ ଗଠନ କରି ଭାଜପା ସହିତ ମେଣ୍ଟ କରିବାରେ ଯେଉଁମାନେ ତାଙ୍କର ପ୍ରମୁଖ ସହଯୋଗୀ ଥିଲେ ସେମାନେ ବୋଧହୁଏ ମନେ କରିଥିବେ ଯେ ବିଜୁବାବୁଙ୍କ ଛାୟାତଳେ ନବୀନ ବାବୁଙ୍କ କାନ୍ଧରେ ବନ୍ଧୁକ ରଖି ସେମାନେ ତାଙ୍କୁ କିସ୍ତିମାତ କରିଦେବେ। ରାଜନୀତିରେ ଅପରିପକ୍ୱ ନବୀନ ବାବୁଙ୍କ ଧମନୀରେ କିନ୍ତୁ ରାଜନୀତିଜ୍ଞର ରକ୍ତ ଥିଲା।

ମୁଖ୍ୟମନ୍ତ୍ରୀତ୍ୱର ପ୍ରଥମ ଦୁଇ ତିନି ବର୍ଷ ମଧ୍ୟରେ ସେ ଦଳୀୟ ପ୍ରତିପକ୍ଷ ମାନଙ୍କ ପକ୍ଷ ଛେଦନ କରିବା ସହିତ ଦଳ ମଧ୍ୟରେ ସୁଚିନ୍ତିତ ଗୋଟି ଚଳାଇ ନିଜକୁ ସୁପ୍ରିମୋ ଭାବରେ ପ୍ରତିଷ୍ଠା କରି ଦେଇଥିଲେ। ରାଜନୈତିକ ଖେଳରେ ଏତେ କମ୍ ସମୟ ମଧ୍ୟରେ ଏପରି ଚମତ୍କାରିତାର ଖୁବ୍ କମ ଦୃଷ୍ଟାନ୍ତ ରହିଛି। ଜୀବଦ୍ଦଶାରେ ବିଜୁବାବୁ ବି ନିଜ ଦଳର ସର୍ବୋଚ୍ଚ କର୍ତ୍ତା ଥିଲେ। ତଥାପି ଦଳୀୟ ନେତା ମାନଙ୍କ ମଧ୍ୟରୁ କେହି କେହି ଖୋଲାଖୋଲି ଭାବରେ ତାଙ୍କର ବିରୋଧ କରିବାର ଦୃଷ୍ଟାନ୍ତ ରହିଛି। ପ୍ରଥମ କେତେ ବର୍ଷ ମଧ୍ୟରେ ନବୀନବାବୁ ଏ ପ୍ରକାର ପରିସ୍ଥିତିର ଯେ ସମ୍ମୁଖୀନ ହୋଇ ନଥିଲେ, ତା' ନୁହେଁ; କିନ୍ତୁ ସେ ପରିସ୍ଥିତି ଆଜି ନାହିଁ। ବିଦ୍ରୋହୀ ମାନଙ୍କ ମଧ୍ୟରୁ ଅନେକ ସୁନାପୁଅ ପରି ଫେରିଆସି ତାଙ୍କର ଶରଣାପନ୍ନ ହେଲେ। ଯେଉଁମାନେ ରହିଗଲେ, ଭିତରେ ଭିତରେ ଅସନ୍ତୋଷ ଥିଲେ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ମଧ୍ୟ ପଦାକୁ ବାହାରିବା ପାଇଁ ସେମାନଙ୍କର ସାହାସ କୁଳାଉନାହିଁ। ଦଳ ମଧ୍ୟରେ ଏକାଧିପତ୍ୟ ସାଙ୍ଗକୁ ପରିସ୍ଥିତି ଏପରି ହୋଇଛି ଯେ ବିରୋଧୀ ଦଳମାନେ ତାଙ୍କର ବିକଳ୍ପ ଠିଆ କରାଇବାରେ ଏପର୍ଯ୍ୟନ୍ତ ସମର୍ଥ ହୋଇନାହାନ୍ତି । ସେମାନଙ୍କ ମଧ୍ୟରେ ପରସ୍ପର ପ୍ରତି ଅନ୍ତହୀନ ଛକାପଂଝା ହୁଏତ ଏହାର ଗୋଟିଏ କାରଣ ହୋଇପାରେ। କ୍ଷମତା ରାଜନୀତିରେ ନବୀନବାବୁ ନିଜକୁ ଏକ ଅନୁକୂଳ ପରିସ୍ଥିତିରେ ଏତେ କାଳ ରଖିପାରିବା କମ୍ କଥା ନୁହେଁ। ଭଲକଥା। ଲଗେ ରହୋ ନବୀନ ଭାଇ।

ତଥାପି ସ୍ମରଣ କରାଇ ଦେବା ଉଚିତ ହେବ ଯେ ରାଜନୈତିକ ପଶାଖେଳରେ ଚମତ୍କାରିତା ଦେଖାଇବା ଶେଷକଥା ନୁହେଁ। ତାର ଅସଲ ଦିଗଟି ହେଉଛି ନିରଙ୍କୁଶ କ୍ଷମତାରେ ରହି ରାଜ୍ୟ ଓ ରାଜ୍ୟବାସୀଙ୍କ ପାଇଁ କଣ କରିଯାଇଛନ୍ତି ତାର ହିସାବ ଫର୍ଦ୍ଦ। ମୁଖ୍ୟମନ୍ତ୍ରୀତ୍ୱର ପ୍ରଥମ ତିନି ଚାରି ବର୍ଷ ମଧ୍ୟରେ ସେ ଦିଗରେ ସେ ସେପରି କିଛି ସଫଳତା ହାସଲ କରିପାରି ନାହାନ୍ତି, ଅବଚେତନ ମନରେ ହେଲେ ବି ନବୀନବାବୁ ଏହା ଉପଲବ୍ଧି କରିଥିବେ। ରାଜନୀତିରେ ନିଜକୁ ଶକ୍ତ କରିବାରେ ଏହି ସମୟ ବିତିଗଲା। ଦାରିଦ୍ର୍ୟ ଉପଶମନ ହେଉ କିମ୍ବା କୃଷି ଓ ଶିଳ୍ପାୟନ କ୍ଷେତ୍ରରେ ହେଉ ଓଡିଶା ଯେଉଁ ତିମିରେକୁ ସେହି ତିମିରେ ରହି ଯାଇଥିଲା। ବରଂ ରାଜ୍ୟମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସୂଚୀରେ ଓଡିଶା ସବାତଳ ପାହାଚକୁ ଚାଲିଗଲା। ନିକଟରେ ତ ଏକ ସର୍ବେକ୍ଷଣ ରିପୋର୍ଟରେ ପ୍ରକାଶ ପାଇଛି ଯେ ଓଡିଶାର ଦକ୍ଷିଣ ଓ ପଶ୍ଚିମାଞ୍ଚଳ ସମଗ୍ର ଏସିଆ ମହାଦେଶରେ ଦରିଦ୍ରତମ ଅଞ୍ଚଳ। ରାଜ୍ୟରେ ଆଦିବାସୀ ଓ ହରିଜନ ମୋଟ ଲୋକ ସଂଖ୍ୟାର ୩୮ ପ୍ରତିଶତ। ଆଦିବାସୀମାନଙ୍କ ମଧ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି ୭୨ ପ୍ରତିଶତରୁ ଅଧିକ ଲୋକ। ଆଦିବାସୀ ଜିଲ୍ଲା ମାନଙ୍କରେ ଅଧାରୁ ପାଠ ଛାଡୁଥିବା ଝିଅ ପିଲାଙ୍କ ହାର ପ୍ରାୟ ୮୦ ପ୍ରତିଶତ। ପୁଷ୍ଟିହୀନ ଶିଶୁ ଓ ଶିଶୁ ମୃତ୍ୟୁହାର ଆମ ରାଜ୍ୟରେ ସର୍ବାଧିକ। ଆଭ୍ୟନ୍ତରୀଣ ଅଞ୍ଚଳରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା ସ୍ୱପ୍ନରେ ହିଁ ରହିଯାଇଛି। ଏପରିକି ସ୍ୱାସ୍ଥ୍ୟ ସେବା ପାଇଁ ଯାହା ଅର୍ଥ ମିଳୁଛି ତାର ପୂର୍ଣ୍ଣ ବିନିଯୋଗ କରାଯାଇ ପାରୁନାହିଁ। ଓଡିଶା କୃଷି ବିଶ୍ୱବିଦ୍ୟାଳୟର ଏକ ସର୍ବେକ୍ଷଣ ଅନୁଯାୟୀ କୃଷି ଉତ୍ପାଦନର ହାର ସ୍ଥାଣୁ ପ୍ରାୟ ଅବସ୍ଥାରେ ରହିଛି। ୩୫ ପ୍ରତିଶତ ଚାଷ ଜମି ପାଇଁ ମଧ୍ୟ ନିର୍ଭରଯୋଗ୍ୟ ଜଳସେଚନ ବ୍ୟବସ୍ଥା ନାହିଁ।



ସବୁଠାରୁ ପଛୁଆ ଅବିଭକ୍ତ କଳାହାଣ୍ଡି, ବଲାଙ୍ଗୀର ଓ କୋରାପୁଟ ଜିଲ୍ଲାପାଇଁ ସ୍ୱତନ୍ତ୍ର କେବିକେ ଯୋଜନା କାର୍ଯ୍ୟକାରୀ କରାଯାଉଥିଲେ ମଧ୍ୟ ଦାରିଦ୍ର୍ୟର ହାର କମିନାହିଁ। ଏବେ ମଧ୍ୟ ଏହି ଜିଲ୍ଲା ମାନଙ୍କରେ କ୍ଷୁଧା ପ୍ରବଣତା ଜାରୀ ରହିଛି। ଜାତୀୟ ମାନବାଧିକାର କମିସନଙ୍କ ସଦ୍ୟତମ ରିପୋର୍ଟରେ ୧୯୯୬ ପରେ ୨୧ ଅନାହାର ମୃତ୍ୟୁ ଅଭିଯୋଗ ସଂପର୍କରେ କରାଯାଇଥିବା ତଦନ୍ତରୁ ୧୭ ଜଣଙ୍କ ମୃତ୍ୟୁ ଅନାହାର ସଂପର୍କିତ ବୋଲି କୁହାଯାଇଛି। ଅଥଚ କେବିକେ ଯୋଜନାକୁ ନେଇ ରାଜନୈତିକ ବଳ କଷାକଷିର ଅନ୍ତନାହିଁ।

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



ଜାତୀୟ ମୁଣ୍ଡପିଛା ହାରାହାରି ଆୟ ଏବଂ ଓଡିଶାର ମୁଣ୍ଡ ପିଛା ହାରାହାରି ଆୟ ମଧ୍ୟରେ ବ୍ୟବଧାନ ବଢିଚାଲିଛି । ପ୍ରଥମ ତିନିଚାରି ବର୍ଷ ମଧ୍ୟରେ ଗୋଟିଏ ହେଲେ ବଡ ଶିଳ୍ପ ଗଢିଉଠିଲା ନାହିଁ । ଶହ ଶହ କ୍ଷୁଦ୍ର ରୁଗ୍ଣ ହୋଇଗଲେ କିମ୍ବା ଅକାଳ ମୃତ୍ୟୁବରଣ କଲେ। ଅନାହାର ଏବଂ କ୍ଷୁଧା ସାଙ୍ଗକୁ ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଅପାରଗତାର ବାତାବରଣ ଲାଗିରହିଛି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ରାଜନୀତିରେ ନିଜକୁ ଶକ୍ତ କରି ୨୦୦୪ ସାଲରେ ଦ୍ୱିତୀୟ ଥର ପାଇଁ ନବୀନବାବୁ ମୁଖ୍ୟମନ୍ତ୍ରୀ ଆସନ ଅଳଂକୃତ କରିବା ପରେ ଆଶା କରାଯାଉଥିଲା ବହୁ ଅଛିଣ୍ଡା ସମସ୍ୟାର ସମାଧାନ କରିବା ଦିଗରେ ଫଳପ୍ରଦ କାର୍ଯ୍ୟାନୁଷ୍ଠାନ କରାଯିବ । କିନ୍ତୁ ସେ ମନେ କଲେ ଯେ ଉଦ୍ୟୋଗପତି ମାନେ ଖଣିଜ ଦ୍ରବ୍ୟରେ ଭରପୂର ଓଡିଶାକୁ ଆସିବା ଲାଗି ଯେପରି ଆଗ୍ରହ ପ୍ରକାଶ କରୁଛନ୍ତି ତାହାର ସୁବିଧା ନେବାକୁ ହେବ ଏବଂ ଶିଳ୍ପାୟନ ଉପରେ ସର୍ବାଧିକ ଗୁରୁତ୍ୱ ଦିଆଯିବ । ତା'ସହିତ ଉପରବର୍ଣ୍ଣିତ ସମସ୍ୟାଗୁଡିକ ଯେ କ୍ରମଶଃ ତାଙ୍କର ଦୃଷ୍ଟି ଏଡାଇ ଯାଉଛି ତାହା ସେ ବୋଧହୁଏ ହୃଦୟଙ୍ଗମ କରି ପାରୁନାହାନ୍ତି । ପୂର୍ବରୁ ବିଜୁବାବୁ ବା ଜାନକୀବାବୁଙ୍କ ଅମଳରେ ଯେ ଉଦ୍ୟୋଗପତି ମାନେ ଏମ୍‌ଓୟୁ (ବୁଝାମଣାପତ୍ର) ସ୍ୱାକ୍ଷର କରୁନଥିଲେ ତା' ନୁହେଁ। କିନ୍ତୁ ସେତେବେଳେ ଆମକୁ ସେମାନଙ୍କ ପଛରେ ଗୋଡାଇବାକୁ ପଡୁଥିଲା । ଏବେ ଜଗତ୍‌କରଣ ଓ ମୁକ୍ତ ବଜାରର ଉଦାରୀକରଣ ଅର୍ଥନୀତି ସହିତ ଇସ୍ପାତ, ବିଦ୍ୟୁତ ଓ ଆଲୁମିନିୟମ୍ ପରି ଶିଳ୍ପର ଚାହିଦା ବଢିଯାଇଛି । ଫଳରେ ଉଦ୍ୟୋଗପତି ମାନେ ଓଡିଶାକୁ ଧାଡି ଲଗାଇଛନ୍ତି । ସେମାନେ ଆମ ପଛରେ ଗୋଡାଇଛନ୍ତି । କାରଖାନା ବସାଇବା ଛଡା ସର୍ବୋତ୍କୃଷ୍ଟ ବେଳାଭୂମିରେ ଗୋଟିଏ କଂପାନୀପକ୍ଷରୁ ୮୦୦ ରୁ ୧ ହଜାର ଏକର ଜମିନେଇ ଆନ୍ତର୍ଜାତିକ ମାନର ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ପାଇଁ ମଧ୍ୟ ଏମ୍‌ଓୟୁ ହେଲାଣି ।

ପ୍ରସ୍ତାବଟିଏ ଆସିଗଲେ କାଳବିଳମ୍ବ ନ କରି ଏମ୍‌ଓୟୁ ସାକ୍ଷର କରିବା ଏବେ ସରକାରଙ୍କ ମୁଖ୍ୟ କାର୍ଯ୍ୟକ୍ରମ ହୋଇଛି । ଏମ୍‌ଓୟୁର ସଂଖ୍ୟା ୫୦ ପାଖାପାଖି ପହଞ୍ଚିଲାଣି । ଏପରିକି ଗୋପାଳପୁରଠାରେ 'ଅତ୍ୟାଧୁନିକ' କୁହାଯାଉଥିବା ସାଇକେଲ କାରଖାନା ବସାଇବା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି । ଯେତେଗୁଡିଏ ଇସ୍ପାତ କାରଖାନା ପାଇଁ ଏମ୍‌ଓୟୁ ସ୍ୱାକ୍ଷରିତ ହେଲାଣି ତାହା କାର୍ଯ୍ୟକାରୀ ହେଲେ ଦେଶରେ ମୋଟ ୩୬ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରାଯାଉଥିବା ବେଳେ କେବଳ ଓଡିଶାରେ ପ୍ରାୟ ୬୦ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରାଯିବ । ଅଥଚ କଞ୍ଚାମାଲ, ଜମି, ପାଣି, ଭିତ୍ତିଭୂମି ଓ ପରିବେଶ ସୁରକ୍ଷା ଇତ୍ୟାଦି ସଂପର୍କରେ ଚିତ୍ର ସ୍ପଷ୍ଟ ନୁହେଁ। ବହୁ ଚର୍ଚ୍ଚିତ ପୋସ୍କୋର ପ୍ରସ୍ତାବିତ ଇସ୍ପାତ ପ୍ରକଳ୍ପକୁ ସମ୍ଭାବ୍ୟ ବିସ୍ଥାପିତ ମାନଙ୍କ ବିରୋଧ ତୀବ୍ର ଆକାର ଧାରଣ କରି ମେଧା ପାଟେକରଙ୍କ ଠାରୁ ଆରମ୍ଭ କରି କୁଲ୍‌ଦୀପ୍ ନାୟାରଙ୍କ ପର୍ଯ୍ୟନ୍ତ ସେମାନଙ୍କ ସହ ଯୋଗଦେଲେଣି ।





ଗୋଟିଏ କଥାରେ କହିବାକୁ ଗଲେ ଆମ ରାଜ୍ୟରେ ଏକ ପ୍ରକାର ଏମ୍ଓୟୁ ସର୍ବସ୍ୱ ରାଜୁତି ଚାଲିଛି ବୋଲି କୁହାଯାଇପାରେ। ଶିଳ୍ପାୟନ କିମ୍ବା ଉଚ୍ଚମାନର ଶିକ୍ଷାନୁଷ୍ଠାନ ପ୍ରତିଷ୍ଠାର କେହି ବିରୋଧୀ ନୁହନ୍ତି। କିନ୍ତୁ ଦୋହରାଇବାକୁ ହେଲେ ମଧ୍ୟ ଗୋଟିଏ କଥା ମନେ ରଖିବାକୁ ପଡିବ ଯେ ଓଡିଶାକୁ ଶିଳ୍ପ ସମୃଦ୍ଧି କିମ୍ବା ଜ୍ଞାନ ସମୃଦ୍ଧି କରିବା ପାଇଁ ଉଦ୍ୟୋଗପତିମାନେ ଭିଡ ଲଗାଇଛନ୍ତି ବୋଲି ମନେ କରିବା ଭୁଲ ହେବ। ସେମାନଙ୍କର ଲୋଲୁପ ଦୃଷ୍ଟି ଆମ ରାଜ୍ୟରେ ଭୂଇଁତଳେ ଥିବା ଅମୂଲ୍ୟ ଖଣିଜ ସଂପଦ। ପରିବର୍ତ୍ତିତ ପରିସ୍ଥିତିରେ ଆମେ ସେମାନଙ୍କ ସହିତ ମୂଲଚାଲ କରିବା ଅବସ୍ଥାରେ ଅଛୁ। ଠିକଣା ଭାବରେ ପ୍ରତ୍ୟେକଟି ଉଦ୍ୟୋଗର ପ୍ରସ୍ତାବ ଆକଳନ ଏବଂ ଖଣିଜ ଦ୍ରବ୍ୟ ଜଳ, ଜଙ୍ଗଲ ଓ ପରିବେଶର ସଂରକ୍ଷଣ କରିବାରେ ସାବଧାନତା ଅବଲମ୍ବନ କରା ନ ଗଲେ ଭବିଷ୍ୟତରେ ଏଥିପାଇଁ ରାଜ୍ୟବାସୀଙ୍କୁ ବହୁ ମୂଲ୍ୟ ଦେବାକୁ ପଡିବ।

ଶିଳ୍ପାୟନ କର। କିନ୍ତୁ ବୁଝିବିଚାରି କର। ଦାରିଦ୍ର୍ୟଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କର ଅନ୍ୟାନ୍ୟ ସମସ୍ୟାକୁ ଶିଳ୍ପାୟନର ମୋହାଚ୍ଛନ୍ନ ହୋଇ ଏଡାଇ ଯାଅନାହିଁ। ଲଗେ ରହୋ, କିନ୍ତୁ ସବୁ ଆଡକୁ ଦୃଷ୍ଟି ଦେଇ ଲଗେ ରହୋ। ଏହା ହିଁ ଜନ୍ମଦିବସ ଅବସରରେ ରାଜ୍ୟବାସୀ ଆଶା କରିବେ।

**Contact us at:**
**dr.odia@gmail.com**

# ଭିନ୍ନ ଏକ ଜନ୍ମଦିନ

ଶିଶୁଟିଏ ଥିବା ବେଳେ ଜନ୍ମ ଦିନର ଆନନ୍ଦ କହିଲେ ନ ସରେ। ସମସ୍ତଙ୍କ ପାଇଁ ଭାରୀ ଖୁସିର ଦିନଟିଏ। କୋମଳମତି ଶିଶୁମନରେ ନିଜ ବନ୍ଧୁ ମାନଙ୍କ ମେଳରେ ଜନ୍ମଦିନ ପାଳନର ଅନୁଭୂତି ସବୁବେଳେ ଅଗ୍ରାଧିକାର ପାଏ। ସେହିପରି ଏକ ଜନ୍ମଦିନର କାହାଣୀକୁ ବୟାନ କରୁଛି ଆମର ଏହି କ୍ଷୁଦ୍ର ଲେଖା।


ଡ ସତ୍ପାଲ୍ ସିଂ ବିଷ୍ଟ, ମୋ ସହକର୍ମୀ ଆଉ ସଂପ୍ରତି ରୋଲାଣ୍ଡ ଫାର୍ମାସୀ କଲେଜରେ ବାୟୋଟେକ୍ନୋଲୋଜି ବିଭାଗର ବିଭାଗୀୟ ମୁଖ୍ୟ, ପ୍ରତିବର୍ଷ ନିଜ ଏକ ମାତ୍ର ପୁତ୍ର ଓଏସିସ୍‌ର ଜନ୍ମଦିନକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରନ୍ତି। ସହଧର୍ମିଣୀ ସଂପ୍ରତି ଗୋପାଳପୁରଠାରେ ଥିବା ଭୂତତ୍ତ୍ୱ ଅନୁସନ୍ଧାନ କେନ୍ଦ୍ରରେ ମୁଖ୍ୟ ରୂପରେ ଅବସ୍ଥାପିତା। ପ୍ରତିବର୍ଷ ନିଜ ଅଲିଅଳ ପୁଅର ଜନ୍ମଦିନକୁ ବହୁ ଯାକଜମକରେ ପାଳନ



କରନ୍ତି ଏହି ଦଂପତି। ଏହି ବର୍ଷ ସେ ଜନ୍ମ ଦିନକୁ ସେଇମିତି ଧୁମ୍‌ଧାମ୍‌ରେ ହିଁ ପାଳନ କରିଥିଲେ, କିନ୍ତୁ ଏକ ଭିନ୍ନ ଭାବରେ।

ପ୍ରତି ବର୍ଷ ପରି ଏ ବର୍ଷ ମଧ୍ୟ ଜନ୍ମ ଦିନରେ ଅନେକ ଅତିଥି ଉପସ୍ଥିତ ଥିଲେ, ସମସ୍ତେ ସ୍ଥାନୀୟ ଏକ ଅନାଥାଶ୍ରମର ଶିଶୁ। ସିଂ ଦଂପତି ଏହି ସ୍ୱତନ୍ତ୍ର ଜନ୍ମଦିନ ପାଳନ କରିଥିଲେ ଗୋପାଳପୁର ଠାରେ ଥିବା ଏକ ଅନାଥାଳୟରେ। ଜନ୍ମଦିନର

## ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



ଅବ୍ୟବହିତ ପୂର୍ବରୁ ଡ ସିଂ ସେହି ଅନାଥାଶ୍ରମରେ ଅନୁରୋଧ ପତ୍ର ଦାଖଲ କରିଥିଲେ, ଏବଂ ସେହି ଅନାଥାଳୟର କାର୍ଯ୍ୟନିର୍ବାହୀ ଅଧିକାରୀ ତାଙ୍କର ଅନୁରୋଧକୁ ସ୍ୱୀକାର କରି ଅନୁମତି ପ୍ରଦାନ କରିଥିଲେ, ଅବଶ୍ୟ ପୂର୍ବରୁ ସେହି ଅନାଥାଳୟରେ ଜନୈକ ସ୍ଥାନୀୟ ନେତା ଦାନଧର୍ମ କରିବା ନାମରେ ରାଜନୀତି କରିବା ପରଠାରୁ ସେହି ସ୍ଥାନରେ କୌଣସି ପ୍ରକାର କାର୍ଯ୍ୟକ୍ରମକୁ ଅନୁମତି ଦିଆଯାଉ ନଥିଲା। ଅନାଥାଳୟରେ ରହୁଥିବା ୬୨ ଜଣ ଅନ୍ତେବାସୀଙ୍କ ମଧ୍ୟରୁ ୫୮ଜଣଙ୍କ ଉପସ୍ଥିତିରେ ଏହି ଉତ୍ସବ ପାଳନ କରିଥିଲା ଓଏସିସ୍। ଜନ୍ମ ଦିନର ପାଳନ ଅବସରରେ ପ୍ରତ୍ୟେକ ଅନ୍ତେବାସୀଙ୍କୁ ଡ ସିଂ ଉପହାର ସ୍ୱରୂପ ପାଠ୍ୟ ଉପକରଣ ପ୍ରଦାନ କରିଥିଲେ। ଏବଂ କାର୍ଯ୍ୟକ୍ରମର ସମାପନ ବେଳେ ସମସ୍ତ ଶିଶୁଙ୍କ ମଧ୍ୟରେ ବସି ଓଏସିସ୍ ଭୂରୀଭୋଜନ କରିଥିଲା।



ଏହି ପରି ଏକ ଜନ୍ମ ଦିନପାଳନ କରିବା ପଛରେ ଏକ ଗୂଢ ତତ୍ତ୍ୱ ରହିଥିବା କଥା କହନ୍ତି ଶ୍ରୀ ସିଂ। ପ୍ରତି ବର୍ଷ ହଜାର ହଜାର ଟଙ୍କା ଖର୍ଚ୍ଚ କରି ପୁଅର ଜନ୍ମ ଦିନ ପାଳନ କରୁଥିବା ଏହି ଦଂପତି କହନ୍ତି, ବର୍ତ୍ତମାନ ଆମ ସନ୍ତାନ ସାଧାରଣ ଜ୍ଞାନ ଯୋଗ୍ୟ ହେଲାଣି, ତେଣୁ ତାକୁ ଅନ୍ୟମାନଙ୍କ ପ୍ରତି ଦୟା ଆଉ ସହାନୁଭୂତିର ଶିକ୍ଷା ଦେବା ଅତ୍ୟନ୍ତ ଜରୁରୀ ଯାହା ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସେ ନିଶ୍ଚିତ ରୂପରେ ପାଇଥିବ। ଆଉ ମଧ୍ୟ ଏହିପରି କାର୍ଯ୍ୟକ୍ରମ ସବୁ କରାଯାଇ ଅନାଥାଳୟର ଶିଶୁ ମାନଙ୍କୁ ଏଥିରେ ସହଭାଗୀ କରାଯିବା ଦ୍ୱାରା ସେମାନଙ୍କ କୋମଳ ମନରେ ସ୍ନେହ ଆଉ ପ୍ରେମକୁ ଜାଗ୍ରତ କରାଯାଇ ପାରିବ।

ଆଶା କରିବୁ ଯେ ଡ ଶ୍ରୀ ସିଂ ଏହି ଅଭିନବ ପ୍ରୟାସକୁ ପଢିବା ପରେ ଅନେକେ ନିଜ ନିଜ ସନ୍ତାନ ମାନଙ୍କ ଜନ୍ମଦିନ ଏହିପରି ସ୍ଥାନ ମାନଙ୍କରେ ପାଳନ କରିବାକୁ ଆଗଭର ହେବେ। ଶ୍ରୀ ସିଂଙ୍କ ପ୍ରୟାସକୁ ଆମର ପ୍ରଣାମ।

## ତେନ୍ଦୁଲକରଙ୍କ ଆୟ ପ୍ରଧାନମନ୍ତ୍ରୀଙ୍କ ଠାରୁ ୨୦୦୦ ହଜାର ଗୁଣ ଅଧିକ

ମୁମ୍ବାଇ, : କ୍ରିକେଟ୍ ତାରକା ସଚିନ୍ ତେନ୍ଦୁଲକର ଆୟ ଦୃଷ୍ଟିରୁ ଭାରତର ସବୁଠାରୁ ଧନୀ ବ୍ୟକ୍ତି। ଏହି ଦୃଷ୍ଟିରୁ ଉଭୟ ପ୍ରଧାନମନ୍ତ୍ରୀ ଓ ରାଷ୍ଟ୍ରପତି ତାଙ୍କ ପଛକୁ ଅଛନ୍ତି। ଏକ ସର୍ଭେ ରିପୋର୍ଟରୁ ଜଣାପଡିଛି ଯେ ମିନିଟ୍ ପିଛା ପ୍ରଧାନମନ୍ତ୍ରୀ ଶ୍ରୀ ମନମୋହନ ସିଂହ ଯାହା ଆୟ କରନ୍ତି ତାହା ତେନ୍ଦୁଲକର କରୁଥିବା ଆୟର ୨୦୦୦ ଭାଗରୁ ଏକ ଭାଗ। କେବଳ ଏତିକି ନୁହେଁ ରାଷ୍ଟ୍ରପତି କଲାମ୍ଙ୍କ ଆୟ ମଧ୍ୟ ତେନ୍ଦୁଲକରଙ୍କ ଆୟର ୧୦୦୦ ଭାଗରୁ ଏକ ଭାଗ ସହ



ସମାନ । ଏହି ସର୍ଭେ ରିପୋର୍ଟରେ ଜଣାପଡିଛି ଯେ ସଚିନ୍ ତେନ୍ଦୁଲକରଙ୍କ ଆୟ ମିନିଟ୍ ପିଛା ୧୧୬୩ ଟଙ୍କା ରହିଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଆୟ ହେଉଛି ୫୬ ପଇସା ଆଉ ରାଷ୍ଟ୍ରପତି କଲାମ୍ ପାଆନ୍ତି ମିନିଟ୍ ପିଛା ୧ ଟଙ୍କା ୧୪ ପଇସା । ରାଷ୍ଟ୍ରପତିଙ୍କ ବାର୍ଷିକ ଆୟ ୬ ଲକ୍ଷ ଟଙ୍କାଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ବାର୍ଷିକ ଆୟ ୩ ଲକ୍ଷ ୬୦ ହଜାର ଟଙ୍କା ।

ସେହି ଭଳି ବିଶିଷ୍ଟ ଶିଳ୍ପପତି ତଥା ରିଲାଏନ୍ସ ଗୋଷ୍ଠୀର ଅଧ୍ୟକ୍ଷ ମୁକେଶ ଅମ୍ବାନୀଙ୍କ ମିନିଟ୍ ପିଛା ଆୟ ୪୧୩ ଟଙ୍କା ଥିବା ବେଳେ ବଲିଉଡ୍ ସିନେତାରକା ଅମିତାଭ ବଚ୍ଚନ୍ଙ୍କ ଆୟ ୩୧୬ ଟଙ୍କା ଏବଂ ଶାହରୁଖ ଖାନ୍ଙ୍କ ଆୟ ୨୪୬ ଟଙ୍କା । ସୂଚନାଯୋଗ୍ୟ, ସଚିନ୍ ତେନ୍ଦୁଲକର ଏକ ବିଜ୍ଞାପନ ଏଜେନ୍ସି ସହ ଚୁକ୍ତି ସ୍ୱାକ୍ଷର କରିଛନ୍ତି । ଚୁକ୍ତି ଅନୁଯାୟୀ ତାଙ୍କୁ ବାର୍ଷିକ ୧୮୦ କୋଟି ଟଙ୍କା ମିଳୁଛି । ଏହା ଛଡା ଟେଷ୍ଟ୍ ମ୍ୟାଚ୍ ଖେଳିବା ପାଇଁ ତାଙ୍କୁ ୨ ଲକ୍ଷ ୩୫ ହଜାର ଟଙ୍କା ମିଳୁଥିବା ବେଳେ ଏକ ଦିବସୀୟ ମ୍ୟାଚ୍ ଲାଗି ତାଙ୍କୁ ମିଳୁଛି ୨ ଲକ୍ଷ ୫୦ ହଜାର ଟଙ୍କା । ତାଙ୍କର ସର୍ବମୋଟ ବାର୍ଷିକ ଆୟ ହେଉଛି ୬୧ କୋଟି ୧୫ ଲକ୍ଷ ଟଙ୍କା ।

ଆପଣଙ୍କ ସୁଚିନ୍ତିତ ମତାମତ ଆମକୁ ଲେଖି ଜଣାନ୍ତୁ, ଏବଂ ଏହି ପତ୍ରିକାର ଉନ୍ନତିରେ ଭାଗୀଦାର ହୁଅନ୍ତୁ । ଆସନ୍ତୁ ଆମେ ଓଡିଆ ଭାଷାକୁ ଏହାର ପ୍ରାପ୍ୟ ସମ୍ମାନ ଓ ପ୍ରତିଷ୍ଠା ଫେରାଇ ଆଣିଦେବା ।

# ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ମହିଳା ଇନ୍ଦ୍ରା ନୁଇ

ନ୍ୟୁୟର୍କ: ଭାରତରେ ଜନ୍ମ ନେଇଥିବା, ତଥା ମୃଦୁ ପାନୀୟ କଂପାନୀ ପେପ୍ସିକୋର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଇନ୍ଦ୍ରା ନୁଇ ଆଉ ଏକ ବିଶ୍ୱସ୍ତରୀୟ ସମ୍ମାନର ଅଧିକାରିଣୀ ହୋଇଛନ୍ତି । ଫର୍ଚୁନ୍ ପତ୍ରିକା ତରଫରୁ ଶ୍ରୀମତି ନୁଇଙ୍କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ବ୍ୟବସାୟିକ ମହିଳା ( ମୋଷ୍ଟ୍ ପାୱାରଫୁଲ୍ ବିଜିନେସ୍ ଓମ୍ୟାନ୍) ଭାବେ ଘୋଷଣା କରାଯାଇଛି । ଗତ ଦୁଇ ବର୍ଷ ଧରି ଏହି ସମ୍ମାନର ଅଧିକାରୀ ହୋଇଥିବା ଇ-ବେ ମୁଖ୍ୟ ମେଗ୍ ହ୍ୱାଇଟ୍‌ମ୍ୟାନ୍ଙ୍କୁ ପଛରେ ପକାଇ ସେ ଏହି ସମ୍ମାନ ହାସଲ କରିଛନ୍ତି । କିଛି ସପ୍ତାହ ପୂର୍ବରୁ ମଧ୍ୟ ଯେତେବେଳେ ଇନ୍ଦ୍ରା ନୁଇଙ୍କୁ ପେପ୍ସୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ମନୋନୀତ କରାଯାଇଥିଲା, ସେତେବେଳେ ଫୋର୍ବସ୍ ପତ୍ରିକା ତାଙ୍କୁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ ମହିଳା ଭାବେ ଘୋଷଣା କରିଥିଲା ।

ସି ଏନ୍ ଏନ୍ ଓ ଟାଇମ୍ ୱାର୍ଣର ଗ୍ରୁପ୍‌ର ବିଜିନେସ୍ ମ୍ୟାଗାଜିନ୍ 'ଫର୍ଚୁନ୍' ପକ୍ଷରୁ ୨୦୦୬ ମସିହା ଲାଗି ବିଶ୍ୱର ୫୦ ଜଣ ପ୍ରଭାବଶାଳୀ ମହିଳାଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଛି । ଏହି ତାଲିକାରେ ଶୀର୍ଷରେ ଇନ୍ଦ୍ରା ନୁଇଙ୍କ ନାମ ରହିଥିବା ବେଳେ ଦ୍ୱିତୀୟ ସ୍ଥାନରେ ଜେରକ୍ସ ଅଧ୍ୟକ୍ଷା ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଆନି ମୁଲ୍‌କାହି ରହିଛନ୍ତି । ଗତ ଦୁଇ ବର୍ଷ ଧରି ଏହି ତାଲିକାର ପ୍ରଥମ ସ୍ଥାନରେ ରହିଥିବା ଇ-ବେ'ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ମେଗ୍ ହ୍ୱାଇଟ୍‌ମ୍ୟାନ୍ ଚଳିତ ବର୍ଷର ତାଲିକାରେ ତୃତୀୟ ସ୍ଥାନକୁ ଖସି ଆସିଛନ୍ତି ।

ପେପ୍ସୀର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀମତି ନୁଇଙ୍କୁ ଉଚ୍ଛସିତ ପ୍ରଶଂସା କରି ଏହି ପତ୍ରିକା କହିଛି


# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

ଯେ ତାଙ୍କ ଦୃଢ ନେତୃତ୍ୱ ଯୋଗୁଁ କଂପାନୀ ଆଶାନୁରୂପ ଲାଭ ହାସଲ କରିପାରିଛି । କେବଳ ସେତିକି ନୁହେଁ, କଂପାନୀର ଷ୍ଟକ୍ ବଜାରର ମୂଲ୍ୟ ୧୮୦ ବିଲିଅନ୍ ଡଲାର୍‌ରେ ଆସି ପହଞ୍ଚିବାରେ ଶ୍ରୀମତି ନୁଇ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଛନ୍ତି । ଉଲ୍ଲେଖନୀୟ ଭାବେ ଶ୍ରୀମତି ନୁଇ ଗତ ବର୍ଷର ଫର୍ଚୁନ୍ ତାଲିକାର ଏକାଦଶ ସ୍ଥାନରେ ରହିଥିଲେ। ଅନ୍ୟ ପକ୍ଷରେ ଆଉ ଜଣେ ଭାରତୀୟ ମହିଳା ପଦ୍ମଶ୍ରି ୱାରିଅର୍‌ଙ୍କୁ ବିଶ୍ୱର ଚାରିଜଣ ଉଦୀୟମାନ ମହିଳାଙ୍କ ତାଲିକାରେ ଅନ୍ତର୍ଭୂକ୍ତ କରାଯାଇଛି । ଶ୍ରୀମତି ୱାରିଅର୍ ସଂପ୍ରତି ମୋଟୋରୋଲା କଂପାନୀରେ ମୁଖ୍ୟ ବୈଷୟିକ ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି । ଫର୍ଚୁନ୍ ପତ୍ରିକାର ଅକ୍ଟୋବର ୯ ତାରିଖ ସଂସ୍କରଣରେ ଏହି ତାଲିକାର ସବିଶେଷ ବିବରଣୀ ପ୍ରକାଶ ପାଇଛି ।

## ଅନନ୍ୟ ପ୍ରତିଭା

ମନରେ ତାଙ୍କର ଭୟ ଥିଲା କାଳେ ସେ ପାଗଳ ହୋଇଯିବେ । ସେୟା ବି ହୋଇଥିଲା । ଶେଷ ଜୀବନରେ ତାଙ୍କର ମାନସିକ ବିକୃତି ଘଟିଥିଲା । ମାନସିକ ବିକୃତ ଅବସ୍ଥାରେ ସେ ପ୍ରାଣତ୍ୟାଗ କରିଥିଲେ । ତେବେ ମୃତ୍ୟୁପରେ ତାଙ୍କ ସଂପତ୍ତିକୁ ମାନସିକ ଅନଗ୍ରସରଙ୍କ ପାଇଁ ଚିକିତ୍ସାଳୟଟିଏ ନିର୍ମାଣ କରିବା ପାଇଁ ଉଇଲ୍ (ସରକାରୀ ଦସ୍ତାବେଜ) କରିଯାଇଥିଲେ । ସେ ଥିଲେ ଜୋନାଥନ୍ ସୁଇଫ୍‌ଟ, ବିଶିଷ୍ଟ ଇଂରେଜୀ ସାହିତ୍ୟିକ । ହୁଏତ ସୁଇଫ୍‌ଟ କହିଲେ ଅନେକେ ତାଙ୍କୁ ଚିହ୍ନି ପାରିବେ ନାହିଁ । ମାତ୍ର 'ଗଲିଭର୍ ଟ୍ରାଭେଲ୍‌ସ'ର ଲେଖକ ଭାବେ ସାରା ପୃଥିବୀରେ ଛୋଟବଡ ଅନେକଙ୍କ ପାଖରେ ସେ ସୁପରିଚିତ । ଦାରିଦ୍ର୍ୟ, ହତାଶା, ପ୍ରେମରେ ବିଫଳତା, ବନ୍ଧୁ ବିୟୋଗଜନିତ ଦୁଃଖରେ ଅତ୍ୟଧିକ ଭାବପ୍ରବଣ ସୁଇଫ୍‌ଟ୍‌ଙ୍କ ଶେଷ ଜୀବନ ଅତ୍ୟନ୍ତ ଦୁଃଖଦ ଥିଲା ।

୧୬୬୭ ମସିହା ନଭେମ୍ବର ୩୦ ତାରିଖରେ ସୁଇଫ୍‌ଟଙ୍କ ଜନ୍ମ ହୁଏ ଡବ୍‌ଲିନ୍ ସହରରେ । ତାଙ୍କୁ ୩ ବର୍ଷ ହୋଇଥିବା ସମୟରେ ତା'ଙ୍କ ମା' ତାଙ୍କୁ ଛାଡିଦେଇଥିଲେ ଜଣେ ସଂପର୍କୀୟ କକାଙ୍କ ପାଖରେ । କକା ତାଙ୍କୁ ପଠାଇଥିଲେ କିଲ୍‌କେନି ସ୍କୁଲ୍‌କୁ । ସେହି ସ୍କୁଲ୍‌ରେ ଜନ୍ ଗ୍ରୀଭ୍‌ଙ୍କ ସହ ସାକ୍ଷାତ ହୁଏ ସୁଇଫ୍‌ଟ୍‌ଙ୍କ । ୧୪ ବର୍ଷ ବୟସରେ ସେ ଡବ୍‌ଲିନ୍‌ର ଟ୍ରିନିଟି କଲେଜ୍‌ରେ ଯୋଗ ଦିଅନ୍ତି । ଓ ୧୬୮୫ ମସିହାରେ ସ୍ନାତକ ଶିକ୍ଷା ସମାପ୍ତ ହୁଏ । ସ୍ନାତକ ପରେ ସେ ମା'ଙ୍କ ନିକଟକୁ ଲିସେଷ୍ଟର୍ ଫେରିଯାଇ ଖୋଜନ୍ତି କାମ । ଉକ୍ତ କକାଙ୍କ ଜଣେ ବନ୍ଧୁଙ୍କ ପୁଅ ତଥା ମା'ଙ୍କ ବାନ୍ଧବୀଙ୍କ ସ୍ୱାମୀଥିଲେ ବିଶିଷ୍ଟ କୂଟନୀତିଜ୍ଞ, ସାହିତ୍ୟିକ ସାର୍ ୱିଲିୟମ୍ ଟେଂପଲ୍ । ଟେଂପଲ୍ ସୁଇଫ୍‌ଟ୍‌ଙ୍କୁ ଗୋଟିଏ ଚର୍ଚ୍ଚରେ ଚାକିରୀ କରାଇ ଦିଅନ୍ତି । ଟେଂପଲ୍‌ଙ୍କ ସହ ସଂପର୍କ ଦ୍ୱାରା ସୁଇଫ୍‌ଟଙ୍କୁ ଦୁଇଟି ଲାଭ ହୁଏ । ପ୍ରଥମତଃ ପ୍ରଚୁର ପଠନର ସୁଯୋଗ ଆଉ ଦ୍ୱିତୀୟଟି ହେଲା ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସହ ମିଳାମିଶା । ୧୬୯୪ ରୁ ୧୬୯୬ ପର୍ଯ୍ୟନ୍ତ ସେ ଚର୍ଚ୍ଚରେ କାମ କରିଛନ୍ତି । ୧୬୯୬ରେ ସେ କେନ୍



ୱାରିଂ ନାମକ ମହିଳାଙ୍କ ପ୍ରେମରେ ପଡନ୍ତି । ମାତ୍ର ଏକ ପାଖିଆ ପ୍ରେମ ଅଧିକ ଦିନ ଚାଲିପାରେ ନାହିଁ । ଅନେକ ଥର ପ୍ରେମ ନିବେଦନ କରିବା ତଥା ବିବାହ ପାଇଁ ରାଜି କରାଇବାର ବିଫଳ ପ୍ରୟାସ ପରେ ୧୭୦୦ ମସିହାରେ ସେ ଏକ ଦୀର୍ଘ ଚିଠି ଲେଖି ସେ ମହିଳାଙ୍କ ସହ ସମସ୍ତ ସଂପର୍କ ତୁଟାଇ ଦେଇଥିଲେ। ଚର୍ଚ୍ଚରୁ ଫେରିବା ପରେ ସୁଇଫ୍ଟ ଟେଂପଲ୍ଙ୍କ ସେକ୍ରେଟାରୀ କାର୍ଯ୍ୟ ତୁଲାଉଥିଲେ । ସେତେବେଳେ ସେଟେଂପଲଙ୍କ ଜଣେ ଆଶ୍ରିତା ଏସ୍ଥରଙ୍କ ଘରୋଇ ଶିକ୍ଷକ ବି ଥିଲେ। ଏସ୍ଥର ଟେଂପଲ୍ଙ୍କ ଅବୈଧ ସନ୍ତାନ ବୋଲି ମଧ୍ୟ କୁହାଯାଉଥିଲା। ଏସ୍ଥରଙ୍କୁ ସେ ଡାକୁଥିଲେ ଷ୍ଟେଲୋ, ଏହି ଷ୍ଟେଲୋ ଚରିତ୍ର ତାଙ୍କ ଅନେକ କାହାଣୀରେ ଦେଖିବାକୁ ମିଳେ। ଟେଂପଲ୍ ଦଂପତିଙ୍କ ସ୍ୱର୍ଗାରୋହଣ ପରେ ସୁଇଫ୍ଟ ଏସ୍ଥରଙ୍କ ଅଭିଭାବକ ହେଲେ। ଏସ୍ଥରଙ୍କ ଜଣେ ବାନ୍ଧବୀ ହେଷ୍ଟର୍ଙ୍କ ସହ ତାଙ୍କର ଅନ୍ତରଙ୍ଗତା ବଢିଥିଲା। ତେବେ ହେଷ୍ଟର୍ଙ୍କ ମଧ୍ୟ ଅକାଳ ମୃତ୍ୟୁ ହୋଇଥିଲା।

୧୬୯୭ ବେଳକୁ ସୁଇଫ୍ଟ ଲେଖାଲେଖି ଆରମ୍ଭ କରିଥିଲେ। ତାଙ୍କର ପ୍ରଥମ ପୁସ୍ତକ 'ଏ ବ୍ୟାଟଲ୍ ଅଫ୍ ବୁକସ୍' ସେହି ସମୟରେ ଲେଖାଯାଇ ଥିଲା। ତେବେ ଏହାର ପ୍ରକାଶନ ହୋଇଥିଲା ୧୭୦୧ ରେ। ତାଙ୍କର ବିଖ୍ୟାତ ପୁସ୍ତକ 'ଗଲିଭର୍ସ ଟ୍ରାଭେଲ୍ସ'ର ପ୍ରକାଶନ ୧୭୨୬ରେ। ପ୍ରଥମରେ ଲେଖକ ଭାବରେ ସେ ନାଁ ଦେଇନଥିଲେ ଏଥିରେ। ତେବେ ବହିଟି ଅପ୍ରତ୍ୟାଶିତ ଲୋକପ୍ରିୟତା ହାସଲ କରିଥିଲା। ବହିଟି ତତ୍କାଳୀନ ସାମାଜିକ ବ୍ୟବସ୍ଥା, ରାଜନୀତି ଆଦି ପ୍ରତି ତୀକ୍ଷ୍ଅଣ ବ୍ୟଙ୍ଗ। ତେବେ କିଶୋର ମାନଙ୍କ ପାଇଁ ଏହା ବେଶ୍ ରୋଚକ ଭ୍ରମଣ କାହାଣୀଟିଏ। ଚାରିଭାଗରେ ବିଭକ୍ତ 'ଗଲିଭର୍ସ ଟ୍ରାଭେଲ୍'ର ପ୍ରଥମ ଦୁଇଟି ଭାଗ କିଶୋର ବର୍ଗ ଉପରେ ବେଶି ପ୍ରଭାବ ପକାଇଥିଲା।

---

ପବିତ୍ର ମାଣବସା ଗୁରୁବାର ନିମନ୍ତେ ଆମର ସମସ୍ତ ପାଠକ ଓ ପାଠିକା ମାନଙ୍କୁ ଆମର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ। ମାଣବସା ଗୁରୁବାର ପୂଜା ବା ଲକ୍ଷ୍ମୀପୁରାଣ ର ଇ-ପତ୍ରିକା ପାଇବା ପାଇଁ ଆମ ସହ ଯୋଗାଯୋଗ କରନ୍ତୁ।

## କ୍ଲୋଜ୍ ଅପ୍

ସୋଫିଆ ଆଲମ୍



- ସୋଫିଆ ଆଲମଙ୍କ ଡାକ ନାଁ ସୋନି।
- ୨୯ ଏପ୍ରିଲ୍ ସୋଫିଆଙ୍କ ଜନ୍ମଦିନ।
- ସୋଫିଆଙ୍କ ବାପା ମହମ୍ମଦ ସିକନ୍ଦର ଆଲମ୍ ଓ ମା' ନାଦିଆ ଆଲମ୍।
- ସୋଫିଆଙ୍କର ପରଦା ନାମ ହେଉଛି ବର୍ଷା।
- ଦୁହିତା ଓ ମହାଯଜ୍ଞରେ ଅଭିନୟ କରି ସୋଫିଆ ଲୋକପ୍ରିୟତା ଅର୍ଜିଛନ୍ତି।
- ମିଛ ଓ କପଟକୁ ସାଂଘାତିକ ଘୃଣା କରନ୍ତି ସୋଫିଆ।
- ଭୂତକୁ ସୋଫିଆଙ୍କ ଭାରି ଡର।
- ସୋଫିଆ ଭଗବାନଙ୍କ ଉପରେ ଆସ୍ଥା ରଖନ୍ତି।
- ସୋଫିଆଙ୍କ ସ୍ୱପ୍ନ ହେଉଛି ବିରାଟ ସୁରମ୍ୟ ପ୍ରାସାଦ ଯାହାର

ଚତୁର୍ପାଶ୍ୱରେ ଥିବ ଗୋଲାପ ଫୁଲ ଭର୍ତ୍ତି ବଡ ବଗିଚାଟିଏ।
*ଭଲ ପର୍ଫ୍ୟୁମ୍ ହେଉଛି ସୋଫିଆଙ୍କ ଦୁର୍ବଳତା।
*ଭଲ ରୋଷେଇ କରି ଅନ୍ୟକୁ ଖୁଆଇବା ସୋଫିଆଙ୍କ ହବି।
*ସୋଫିଆଙ୍କ ପ୍ରିୟ ବାନ୍ଧବୀ ତାଙ୍କର ଭଉଣୀ ନାଜିଆ।
*ସୋଫିଆଙ୍କ ଧୈର୍ଯ୍ୟ ବହୁତ, ସେ ଜମାରୁ ବିରକ୍ତ ହୁଅନ୍ତି ନାହିଁ।

# ଓଡିଆ ସିନେମା ହାଲ୍‌ଚାଲ୍

ସବ୍ୟସାଚୀ ମହାପାତ୍ରଙ୍କ 'ଜୟ ଜଗନ୍ନାଥ' ଚଳଚ୍ଚିତ୍ରର ପ୍ରେସ ସୋ ନଭେମ୍ବର ୯ ତାରିଖରେ ହୋଇପାରେ। ଭାରତର ୧୬ଟି ଆଞ୍ଚଳିକ ଭାଷା ସମେତ ଇଂରେଜୀରେ ନିର୍ମିତ ଏହି ଛବି ସମସ୍ତଙ୍କ ଦ୍ୱାରା ଆଦୃତ ହେବ ବୋଲି ଦୃଢ ମତପୋଷଣ କରନ୍ତି ମହାପାତ୍ରବାବୁ। ଏହି ଛବିରୁ ଆୟ ହେଉଥିବା ସମସ୍ତ ଧନର ୫୦ ପ୍ରତିଶତ ଭାଗ ଓଡିଶାରେ ବିଭିନ୍ନ ଜଗନ୍ନାଥ ମନ୍ଦିରର ଉନ୍ନତି ପାଇଁ ଖର୍ଚ୍ଚ କରାଯିବ ବୋଲି ପ୍ରଯୋଜନା ସଂସ୍ଥା ପୂର୍ବାନୁମାନ ଦେଇଛି।

ପଙ୍କଜିନୀ ପିକ୍‌ଚର୍ସ ବ୍ୟାନରରେ ଓ କଳ୍ପନା ମହାନ୍ତିଙ୍କ ପ୍ରଯୋଜନାରେ ଖୁବ୍ ଶୀଘ୍ର ନୂଆ ସିନେମା 'ବନ୍ଧନ୍'ର ସୁଟିଂ ଆରମ୍ଭ ହେବ। ଶୀର୍ଷାନନ୍ଦ ଦାସ କାନୁନ୍‌ଗୋଙ୍କ ଗୀତକୁ ଗାଇଛନ୍ତି ଶିବ ରଥ, ଇରା ମହାନ୍ତି, ପମ୍ପି, ଶୈଳଭାମା, ଓ କୁମାର ବାପି। ବନ୍ଧନର ନିର୍ଦ୍ଦେଶନା ଦେଉଛନ୍ତି ଦିଲୀପ ପଣ୍ଡା। ଏହାର ବ୍ୟୟ ଅଟକଳ ୬୫ ଲକ୍ଷ ଟଙ୍କା ରଖାଯାଇଛି।

ଦେବୁ ପଟନାୟକଙ୍କ ନିର୍ଦ୍ଦେଶନାରେ 'ମହାନାୟକ' ଚଳଚ୍ଚିତ୍ରର ସୁଟିଂ ଜୋର୍‌ସୋରରେ ଚାଲିଛି। ହାଇଦ୍ରାବାଦ ସ୍ଥିତ ରାମୋଜୀ ଫିଲ୍ମ ସିଟିରେ ଏହାର ସୁଟିଂ ହେଉଛି। ଏଥିରେ ଅଭିନୟ କରୁଛନ୍ତି ଅନୁଭବ, କୋଏଲ୍ ମଲ୍ଲିକ୍, ବିଜୟ ମହାନ୍ତି, ତନ୍ଦ୍ରାରାୟ, ପିଣ୍ଟୁ ନନ୍ଦ ଓ ହରି। ସିନେମାରେ ସଙ୍ଗୀତ ଦେଉଛନ୍ତି ଟି ସୌରୀ। ବଲିଉଡ୍ ଅଭିନେତା ରାହୁଲ୍ ଦେବ ଏଥିରେ ଏକ ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି।

ରବୀନ୍ଦ୍ର ସାହୁଙ୍କ ପ୍ରଯୋଜନାରେ ହେବାକୁ ଥିବା ସିନେମା 'ରସିକ ନାଗର' ପାଇଁ ସଙ୍ଗୀତ ଦେଉଛନ୍ତି ପ୍ରେମ୍ ଆନନ୍ଦ। ଗୀତ ଲେଖିଛନ୍ତି, ବିଜୟ ମଲ୍ଲ, ଅରୁଣ ମନ୍ତ୍ରୀ, ଦିଲୀପ ଜେନା, ପ୍ରଭାଂଶୁ ସାମନ୍ତରାୟ। ଏଥିରେ କଣ୍ଠଦାନ କରିବେ ତପୁ ମିଶ୍ର, କୁମାର ବାପି ଓ ଶ୍ରୀଚରଣ।

ମା ତାରେଣୀ ଫିଲ୍ମସର ବ୍ୟାନରରେ 'ରକତେ ଲେଖିଛି ନାଁ'ର ମହୁରତ ନଭେମ୍ବର ମାସ ୩ ତାରିଖରେ ସଂପାଦିତ ହେବାର କାର୍ଯ୍ୟକ୍ରମ ରହିଥିଲା ଏହା ଆସନ୍ତା ୭ ତାରିଖକୁ ଘୁଞ୍ଚିଛି। ହିମାଂଶୁ ପରିଜାଙ୍କ ନିର୍ଦ୍ଦେଶନାରେ ଏହି ସିନେମାରେ ପ୍ରମୁଖ କଳାକାର ହେଲେ ମିହିର ଦାସ, ସିଦ୍ଧାନ୍ତ, ସୁନୀଲ କୁମାର, ଜୟୀ, ରାଇ ମୋହନ, ଦେବୁ ବୋଷ, ସୀମା ଚକ୍ରବର୍ତୀ (ମୁମ୍ବାଇ), ମାମୁନି, ରଶ୍ମି, ବଲିଉଡ୍ ତାରିକା ଆୟେଶା ଝୁଲକା ଓ ଟିଭି ତାରିକା ଜୁହି ପର୍‌ମାର।

ମନମୋହନ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ସିନେମା 'ବିଟ୍‌ସ ଏଣ୍ଡ୍ ପିସେସ୍'ର ଶେଷ ପର୍ଯ୍ୟାୟ ସୁଟିଂ ଭୁବନେଶ୍ୱରରେ ଚାଲିଛି। ଏହି ପର୍ଯ୍ୟାୟରେ ଅଭିନେତା ରାହୁଲ ବୋଷଙ୍କ ସୁଟିଂ ରହିଛି। ରାହୁଲ ଏଥିପାଇଁ ମୁମ୍ବାଇରୁ ଭୁବନେଶ୍ୱରରେ ଆସି ରହିଛନ୍ତି। ଏହି ଚଳଚ୍ଚିତ୍ରରେ ରିୟାସେନ ଏବଂ ଦିୟା ମୀର୍ଜା ମଧ୍ୟ ଅଭିନୟ କରୁଛନ୍ତି।

ରାଜଶ୍ରୀ ପିକ୍‌ଚର୍ସ ପରିବେଷିତ 'ଅନାମ' ସିନେମାରେ ଅଭିନୟ କରୁଛନ୍ତି ସିଦ୍ଧାନ୍ତ ଓ ଅନୁଭବ। ନାୟିକା ଭୂମିକାରେ ଆସିବେ ଉପାସନା ମହାନ୍ତି। ଅବଶ୍ୟ ନିର୍ଦ୍ଦେଶକ କିଏ ହେବେ ଠିକ୍ ହୋଇନାହିଁ। ହୁଏତ ବଲିଉଡ୍‌ରୁ କେହି ଜଣେ ନିର୍ଦ୍ଦେଶନା ଦେବାକୁ ଆସିପାରନ୍ତି।



## ମହାବାତ୍ୟାର ସାତବର୍ଷ

# ମଣିଷ ପ୍ରକୃତି ମରିଲେ ଯାଏ ।

୧୯୯୯ ମସିହା ଅକ୍ଟୋବର ମାସ ୨୯ ତାରିଖ, ଯାହା ମାନସପଟରେ ଚିରକାଳ ଲିପିବଦ୍ଧ ହୋଇରହିବ । ପୁରୀଜିଲ୍ଲା ନିମାପଡା ବ୍ଲକର ଶଗଡ ଗ୍ରାମପଞ୍ଚାୟତ ଅନ୍ତର୍ଭୁକ୍ତ ଆମ ଛୋଟିଆ ଗାଁ । ନାଁ ବଡମାଳପୁର । ଗାଁ ଗୋଟିଏ ପଟରୁ ନୁଆଁ ହୋଇ ଅପର ପଟକୁ ବଢିଚାଲିଛି । ଘରେ ଘରେ ମାର୍ଗଶୀର ଗୁରୁବାରର ପୂଜା । ଘରେ ଘରେ ଲକ୍ଷ୍ମୀପୂଜା ପାଇଁ ସଜବାଜ ଚାଲିଥାଏ, କିନ୍ତୁ ପ୍ରକୃତି ଖେଳୁଥାଏ ଅଜବ ଖେଳ ଯାହା ମଣିଷମାନଙ୍କ ଅଣ୍ଟାଭାଙ୍ଗିଦେବା ପାଇଁ ଥିଲା ଯଥେଷ୍ଟ । ଅନେକ ଥର ରେଡିଓରେ ଶୁଣୁଥିଲୁ, ବାତ୍ୟା ଆସିବ, ଘଣ୍ଟାକୁ ୬୦ ରୁ ୮୦ କିଲୋମିଟର ବେଗରେ ପବନ ବହିବ । ମା ଆମକୁ ଘରେ ବାନ୍ଧି ରଖୁଥିଲେ, କେହି ବି ପଦାକୁ ଯାଉନଥିଲୁ, କିନ୍ତୁ ବାତ୍ୟା ଯେମିତି ଉଭାନ ହେଇଯାଉଥିଲା । ମୁଁ ଥାଏ ଭୁବନେଶ୍ୱରରେ ନିଜ ବଡଭାଇଙ୍କ ପାଖରେ କର୍ମସଂସ୍ଥାନର ଯୋଗାଡ କରୁଥାଏ, ବଡ ଭଉଣୀ ଥାଏ ମାଉସୀ ଘରେ ଯାନ୍ତ୍ରିକ ଶିକ୍ଷାରେ ଟ୍ରେନିଂ ନେଉଥାଏ, ଗାଁରେ ଥାଆନ୍ତି ସାନ ଭଉଣୀ ଆଉ ବୋଉ । କିଛି ଦିନ ପୂର୍ବରୁ ଜେଜେ ଙ୍କ ଦେହ ଖରାପ ହେବା ଯୋଗୁଁ ସେ



ଥାଆନ୍ତି, ଭୁବନେଶ୍ୱରର କ୍ୟାପିଟାଲ୍ ହସ୍ପିଟାଲ୍ରେ, ଆଉ ତାଙ୍କ ପାଖେ ଥାଆନ୍ତି, ବାପା । ଦିନ ସାରା ପାଗ କୋହଲା ରହିବା ସହିତ ରେଡିଓରେ ବାରଂବାର ବାତ୍ୟା ହେବାର ଖବର ପ୍ରସାରିତ ହେବାପରେ ସନ୍ଧ୍ୟାରେ ମୁଁ ବସରେ ବସି ଆସିଗଲି ନିଜ ଗାଁକୁ । ପବନ ବେଗ ବଢ଼ିବାକୁ ଆରମ୍ଭ ହୋଇଥାଏ । ଭାଇ କହିଲେ କିଛି ଟଙ୍କା ସାଥିରେ ନେଇ ଯା, ଯଦି ଆଉ କିଛି ଆବଶ୍ୟକ ହୁଏ କହିବୁ । ରାତି ନ'ଟାରେ ଗାଁରେ ପହଞ୍ଚିଲି, ତଥାପି ପବନର ବେଗ ବଢିନଥାଏ । ଆମେ ସବୁ ବଡ ହୋଇଯାଇଥିଲୁ, ତେଣୁ ସମ୍ଭବତଃ ବୋଉର ଚିନ୍ତା ନଥିଲା । ଘରେ ପହଞ୍ଚି ଏଣୁତେଣୁ କଥାବାର୍ତା ସାରି ଖାଇବା ପାଇଁ ବସିଲା ବେଳକୁ ବିଦ୍ୟୁତ ଲୁଚକାଳି ଖେଳିବା ଆରମ୍ଭ କଲା । ଲଣ୍ଠନ ଆଲୁଅରେ ରାତ୍ର ଭୋଜନ ସାରି ଆମେ ସବୁ ଶୋଇଗଲୁ । ବାକି ଯାହା ଭଗବାନ ଭରସା । ଗାଁ ଘର ଯେତେବେଡ ତା'ଠୁ ତେର ବଡ ଥାଏ ବାଡି । ଏକୁଟିଆ ଘର ପାଇଁ ଡର ଅଧିକ ଥାଏ । ତଥାପି ପରିଶ୍ରମ ପାଇଁ ରାତିରେ ନିଦ ଆସିଗଲା, କିନ୍ତୁ ମଧ୍ୟରାତି ପରେ ବୋଉ ମୋତେ ହାତ ହଲେଇ ଉଠେଇଲା ବେଳକୁ ଲାଗୁଥାଏ, ବାହାରେ ଯେମିତି ଯୁଦ୍ଧ ହେଉଛି । ଏତେ ଯୋରରେ ଶବ୍ଦ ହେଉଥାଏ ଲାଗୁଥାଏ କାନ ଫାଟିଯିବଅ । କବାଟ ଖୋଲି ବାହାରକୁ ଦେଖିଲି, ଯେମିତି ଧ୍ୱଂସ ଲୀଳା ଚାଲିଛି । ବାଡିରେ ଥିବା ଅସଂଖ୍ୟ ନଡିଆ ଗଛ, ନଇଁ ଆସି ଜମିରେ ପିଟି ହେଉଛି । ଅତି ଭୟଙ୍କର ସେ ଦୃଶ୍ୟ । ଅବିଶ୍ୱସନୀୟ ଲାଗୁଥିଲେ ବି ସତ । ଚାରିଆଡେ ଶୁନ୍ଶାନ୍, କିନ୍ତୁ ଭଙ୍ଗା ଆଉ ଦୁର୍ବଳ କବାଟ ମାନଙ୍କର ଧଡଧାଡ ଶବ୍ଦ, ଉଡିଯାଉଥିବା ଟିଣ ଚଦରର ଟଣ୍ଟାଣ୍ ଶବ୍ଦ । ଗଛମଚ୍ଛିଦେଇ ବହୁଥିବା ଘୋର ବାୟୁର ଘୁ ଘୁ ଶବ୍ଦ । ମନରେ ଶଂକା ଜାଗ୍ରତ କରୁଥିଲା । ଆଉ ଆଖିରେ ନିଦର ତିଳେ ହେଲେ ସ୍ଥାନ ନଥିଲା, ଏହିପରି ଅବସ୍ଥା ହୋଇଥିଲା ସମଗ୍ର ଗାଁରେ ଥିବ ଅଧିବାସୀ ମାନଙ୍କ । ନିଜ ଭିଟାମାଟିକୁ ଜାବୁଡି ଧରି ଆମେ ପଡିରହିଲୁ ଆଉ ଅପେକ୍ଷା କରିଥିଲୁ ସକାଳର । ସକାଳ ହେଲା ସତ କିନ୍ତୁ ଘରୁ ବାହାରିବା ପାଇଁ ବାଟ ନଥିଲା । ପୁରା ଗାଁ ଦାଣ୍ଡ ଗୋଟିଏ ନଇରେ ପରିଣତ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ




ହୋଇଯାଇଥିଲା । ଅଧାରୁ ଅଧିକ ଘରର ଛଣଛପର ଉଡିଯାଇଥିଲା । ଆମ ଘରର ଏକ ମାତ୍ର ସାହା ଧାନକଳର ଉପର ଛାତ ସମେତ ଅର୍ଦ୍ଧାଧିକ ଅଂଶ ବାତ୍ୟାର କରାଳତା ସହିତ ଯୁଦ୍ଧ କରିକରି ଡେର ହୋଇଯାଇଥିଲା, ଆଉ ମିଲ୍‌ରେ ଥିବା ଧାନ ଚାଉଳରେ ପାଣି ପଶି ସମସ୍ତ ଆଶାକୁ ଧୋଇଦେଇ ଯାଇଥିଲା ।

ଗାଁ ସାରା କେବଳ ଗୋଟିଏ ଧ୍ୱନୀ, ' ହେ ଜଗନ୍ନାଥ, ତୁମ ଶରଣ ପ୍ରଭୂ, ବଞ୍ଚାଇ ରଖ' ଗାଁ ମୁଣ୍ଡରେ ଥିବା ହରିଜନ ବସ୍ତି ଉପରେ ଅତ୍ୟଧିକ ମାଡ ପଡିଥିବା ଦେଖାଯାଇଥିଲା, ଯେମିତି ଦିନ ଆରମ୍ଭ ହୋଇଛି ଆମ ଦୁଆରେ ଆସି ପୁରା ହରିଜନ ସାହି ଲୋକେ ଆଶ୍ରା ନେଲେ, କାରଣ ଆମ ଘର ପିଣ୍ଡା ଅପେକ୍ଷାକୃତ ଭାବେ ଅନ୍ୟ ଘର ମାନଙ୍କଠାରୁ ଉଚ୍ଚରେ ଥିଲା ଆଉ ବଡ ଥିଲା । ଛୋଟ ଛୋଟ ଛୁଆମାନଙ୍କୁ କୋଳରେ ଧରି ଆସିଥିବା ମା' ମାନଙ୍କ ବିକଳ ମୁହଁ ଦେଖି ଆଖିରେ ଲୁହ ଜକେଇ ଆସୁଥିଲା । ପିଲା ସେମାନେ, କାହୁଁ ବୁଝିବେ କଣ ହୋଇଛି, ସକାଳ ହେଲା ସେମାନଙ୍କୁ ଭୋକ । ଦେଖୁ ଦେଖୁ ଆମ ଦୁଆରଟା ଗୁହାଳ ପରି ହୋଇଗଲା, ମଣିଷ ପଶୁ ସମସ୍ତେ ଏକାଠି ବେଡିରହିଲେ । କୌଣସି ଜାତିଭେଦ ନାହିଁ ।

ଆମ ଘର ଉପରକୁ ବିପଦସଂକୁଳ ଭାବରେ ନଇଁ ରହିଥିବା ଗୋଟିଏ ଗଛକୁ ସାଙ୍ଗେ ସାଙ୍ଗେ କାଟି ଦିଆଗଲା, ଆଉ ଏହି ସମୟରେ ଖବର ଆସିଲା, ଗାଁର ଜଣେ ଦାଦାଙ୍କୁ ସାପ କାମୁଡି ଦେଇଛି । ଅନ୍ୟ ଉପାୟ ନପାଇ ଆମେ କେତେଜଣ ଡେଇଁପଡିଲୁ ଗାଁ ଦାଣ୍ଡରେ ବହୁଥିବା ନଈ ଭିତରକୁ ଆଉ ପହଁରି ପହଁରି ଯାଇ ଦାଦାଙ୍କ ଘରେ ହାଜର ହୋଇ ତା' ତାଙ୍କୁ ଧରି ଚାଲିଲୁ ଅନ୍ୟ ସାହିରେ ଥିବା ଗାଁର ଗୁଣିଆ ଘରକୁ । ଏତେ ଅସୁବିଧାରେ ଡାକ୍ତରପାଖକୁ ଯିବା ସମ୍ଭବ ନଥିଲା ଆଉ ସାପ କାମୁଡା ଭଲ କରିବାରେ ଗାଁ ଗୁଣିଆ ସିଦ୍ଧହସ୍ତ ଥିଲା । ଏମିତି ଅସୁବିଧା ବେଳେ ବି ମଣିଷ ଖଳ ପ୍ରକୃତିକୁ ତ୍ୟାଗ କରେନି ଯାହା ଆମେ ଦେଖିଲୁ କିଛି ଲୋକଙ୍କ ଠାରେ ଯେଉଁମାନେ ଚୁଡା କଳରୁ ଚୁଡା ଚୋରାଇବା ପାଇଁ ଯାଉଥିଲେ । ସେ ଯାହେଉ ଦାଦାଙ୍କ ଅବସ୍ଥା ଠିକ ଅଛି କହିବା ପରେ ସମସ୍ତେ ଆଶ୍ୱସ୍ତ ହେଲୁ । ପବନର ବେଗ ଧିର ହୋଇନଥାଏ, ହଠାତ୍ ଗାଁ ଭିତରକୁ ବହି ଆସିଥିଲା ଆଉ ଏକ ତୀବ୍ର ବାୟୁର ଧାର ଯାହାର ପ୍ରଭାବରେ ଆମେ କିଛି ଜଣ ଠେଲି ହୋଇଯାଇଥିଲୁ ଗାଁ ମୁଣ୍ଡ କେନାଲ ଭିତରକୁ, କିନ୍ତୁ ପହଁରି ଜାଣିଥିବା ଯୋଗୁଁ ବିଶେଷ କିଛି ଅସୁବିଧା ହୋଇନଥିଲା । ଏମିତି ଅବସ୍ଥାରେ ଦୁଇ ଦିନ କେମିତି ବିତିଲା ଜାଣିହେଲାନି । ଘରେ ଯାହା ଥିଲା, ବାହାରେ ଜମା ହୋଇଥିବା ଲୋକମାନଙ୍କ ଭିତରେ ଦିଆ ଦେଇ କରି ସରିଲା । ପବନ ଏମିତି ବହୁଥାଏ ଯେ ୨ ଦିନ ହେବ କାହା ଘର ଚଉଁରାରେ ଦୀପ କି ସଳିତା ଟିଏ ବି ଜଳିଲାନି । ସମସ୍ତେ ବ୍ୟଗ୍ର ଆଉ ଚିନ୍ତିତ, ବର୍ଷା ଛାଡିଲେ ଯାଇ ଦେଖି ଆସନ୍ତେ, ଝାଟିମାଟିକୁ । ଏହି ସମୟରେ ଜଣେ ହରିଜନ ମହିଳା ଜନ୍ମ ଦେଇଥିଲେ ନିଜ ଶିଶୁକୁ । ଆମ ଘର ବାରଣ୍ଡାରେ ତା'କୁ ଜନ୍ମ କଲାବେଳେ ଅନ୍ୟଜଣେ କହୁଥାଏ, କାହିଁକି ଆସିଲୁ ବାପ ଏ ଧରା ପୃଷ୍ଠକୁ? କାଳ କରିଛି, ସମସ୍ତଙ୍କୁ ନେବ, ମାଳିକା କହିଥିଲା, ଧରା ଧ୍ୱଂସ ପାଇବ । ଇତ୍ୟାଦି ଇତ୍ୟାଦି ।

ତୃତୀୟ ଦିନ ବି ବତାସର ଥମିବାର ମନ ନଥାଏ, ତେଣେ ଘର ଭିତରଟାରେ ବାନ୍ଧି ହୋଇ ମନ ଅଥୟ ହୋଇପଡୁଥାଏ । ବୋଉର କାନ୍ଦ ଦେଖି ନିଜକୁ ଧିକାରିବାକୁ ଇଚ୍ଛା ହେଉଥାଏ, ତେଣେ ବାପା, ଭାଇ ଭଉଣୀ ସବୁ ଭୁବନେଶ୍ୱରରେ ଅଛନ୍ତି, ସେମାନଙ୍କ କଥା କିଏ ବୁଝୁଥିବ? ମନକୁ ଆସ୍ୱସ୍ତି ଦେଉଥିଲି, ଯେ ସେମାନେ ରାଜଧାନୀରେ ଅଛନ୍ତି, ଯେତେ ଅସୁବିଧା ହେଲେ ବି, ଭଲରେ ଥିବେ । ଦିନ ଦଶଟା ହେଲା ବେଳକୁ କିଛି ଯୁବକ କହିଲେ ଚାଲ ବାହାରି ଯିବା ହରିଜନ ସାହି ଆଉ ପାଖ ତଳଗାଁକୁ ଦେଖି ଆସିବା । ସେଇଠୁ ପାଣିରେ ପାଣିରେ ବାଡି ଗୋଟାଏ ଧରି ବାହାରି ଗଲୁ, ସବୁଠି ଏକା ଅବସ୍ଥା । କିଏ ବଞ୍ଚିଛି କିଏ ନାହିଁ

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ



ଜାଣିହେଉନି, ହରିଜନ ସାହି ପାଣିରେ ଧୋଇ ହୋଇସାରିଥିଲା, କାଁ ଭାଁ ଘରର କାଛ ଦିଶୁଥିଲା, ତଳ ସାହି ଗାଁ ଲୋକମାନେ ଆମକୁ ଦେଖି ଖୁସି ହେଲେ ଯେତିକି ତାଠୁ ଅଧିକ ଚିନ୍ତିତ ହୋଇପଡିଲେ।

ନିଜଅ ଗାଁ ଅବସ୍ଥା କହିଲା ବେଳକୁ ବଡ ଲୋକମାନେ ଭୋ ଭୋ ହୋଇ କାନ୍ଦି ପକାଇବା ଦେଖି ଆମେ ମାନେ ବି ଲୁହ ଝରାଇ ବସିଥିଲୁ। କିନ୍ତୁ ଅନ୍ୟୋପାୟ ନଥିଲା। ସମସ୍ତଙ୍କୁ ଟିକେ ଦେଖି ଦେଇ ଆଶ୍ୱସ୍ତି ଲାଗିଲା ଯେ ବାତ୍ୟାରେ ଧନ



କ୍ଷତି ହୋଇଛି ସତ କିନ୍ତୁ ଜୀବନ ହୋଇନି। କେହି କେହି କହୁଥିଲେ ଯେ ବାତ୍ୟାରେ ଭୁବନେଶ୍ୱରରେ ଅନେକ କୋଠାଘର ଭୁଷୁଡି ପଡିଛି। (ଏହା ସବୁ ମିଥ୍ୟା ବୋଲି ପରେ ଜାଣିଲି)।

ସୋମବାର ସକାଳ ବେଳକୁ ଗାଁ ଦାଣ୍ଡରୁ ପାଣି ବହି ଯାଇଥିଲା, ସମସ୍ତେ ଦୌଡିଯାଇଥିଲେ ନିଜ ନିଜ ଘରଦ୍ୱାରର ଅବସ୍ଥା ଦେଖିବା ପାଇଁ ଆଉ ମୁଁ ବାହାରି ପଡିଲି ସାଇକେଲଟିଏ ରେ ଚାଉଳ ଆଉ କିଛି ପରିବା ନେଇ, ଭୁବନେଶ୍ୱର ଅଭିମୁଖେ। କେମିତି ଯେ ଏତେ ବାଟ ମୁଁ ସାଇକେଲ୍ ଚଳାଇ ଆସିଲି ତାହା ଅବର୍ଣ୍ଣନୀୟ, କିନ୍ତୁ ଆଶ୍ଚର୍ଯ୍ୟ ଜନକ ଭାବେ ମୁଁ ନିରାପଦରେ ପହଞ୍ଚିଗଲି ରାଜଧାନୀରେ। ସାରା ରାସ୍ତା ବାତ୍ୟାର କରାଳ ବିଭିଷିକା ଦେଖି ଦେଖି ଆସିଲି।

କ୍ୟାପିଟାଲ୍ ହସ୍ପିଟାଲ୍‌ରେ ପହଞ୍ଚିଲା ବେଳକୁ ଜେଜେ ନିସ୍ତେଜ ହୋଇ ପଡିଥାଆନ୍ତି, ଆଉ ସେଇଠି ପଡିଥାନ୍ତି ଆମର ଦୁରସଂପର୍କୀୟ ଆଉ ଜଣେ ଦାଦା ଯିଏ ମହାବାତ୍ୟାରେ ପାଗଳ ହୋଇଯାଇଥିଲେ। ସେ ଯା'ହେଉ ସନ୍ଧ୍ୟାସୁଦ୍ଧା ଭୁବନେଶ୍ୱରରେ ବାପା, ଭାଇ ଓ ଭଉଣୀକୁ ଦେଖିସାରି ଗାଁକୁ ଫେରିଲି। ଘରେ ପହଞ୍ଚି କବାଟ ମାରିଲା ବେଳକୁ ବୋଉ ଡରି ଡରି କବାଟ ଖୋଲିଲା, ଆଶ୍ଚର୍ଯ୍ୟ ହୋଇ ପଚାରିବାରୁ କହିଲା, ହରିଜନ ପଡାର କିଛି ଲୋକ କଥା ହେଉଥିଲେ, ଯେ ଏମାନଙ୍କ ଘରେ କେହି ନାହାନ୍ତି, ଏମାନଙ୍କୁ ମାରି ଚାଉଳ ଆଉ ବାସନ ସବୁ ଲୁଟିନେବା। ଭାରି କାନ୍ଦ ଲାଗିଲା, ସେହି ଲୋକମାନେ ଆମ ଦୁଆରେ ଆସି ତିନିଦିନ ଧରି ଆଶ୍ରୟ ନେଲେ ଆମ ହାଣ୍ଡିରୁ ଭାତ ଖାଇଲେ, ଆମ ଦୁଆରେ ପିଲା ଜନ୍ମ କଲେ ଅଥଚ ବିପଦ ଟଳିଗଲାପରେ ବଦଳିଗଲେ? ମଣିଷ ପ୍ରକୃତି ସତରେ ଭୟଙ୍କର। ଠାକୁର ଭରସା କରି ଆମେ ଘରେ ରହିଲୁ ସିନ ମନରୁ ଭୟକୁ ପୁରାପୁରି ପୋଛି ଦେଇପାରିଲୁ ନାହିଁ। ମହାବାତ୍ୟାରେ ୩୦୦ କିଲୋମିଟର ବେଗରେ ବହିଥିବା ପବନକୁ ଦେଖି ଭୟ ହୋଇନଥିଲା, ଏମାନଙ୍କ କଥା ଶୁଣି ଆଖିରୁ ନିଦ ଚାଲିଗଲା।

ଭୁବନେଶ୍ୱରରୁ ଫେରିବ ବାଟରେ ପିପିଲି ହାଟରୁ ଆଣିଥିଲି ବିସ୍କୁଟ୍ ପ୍ୟାକେଟ୍ ଯାହା ଘରେ ପଶିବା ପୂର୍ବରୁ ବାଣ୍ଟି ଦେଇଥିଲି ସେଇ ହରିଜନ ପିଲାଙ୍କ ପାଖରେ। ବୋଉଠୁ ଖବର



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ



ସବୁ ଶୁଣି ମନ ଭଲ ଲାଗିଲା ନାହିଁ। ବୋଉ କହିଲା, ଦାଦାଙ୍କୁ ଡାକି ଆଣ ଆଉ ତୋର କିଛି ସାଙ୍ଗଙ୍କୁ ବି ଡାକି ଆଣେ, ଆଉ ଏହି ସବୁ ହରିଜନଙ୍କୁ ଦୁଆରୁ ବିଦା କରିଦେ। କଣ କରିବି ଭାବି ପାରିଲି ନାହିଁ। ସନ୍ଧ୍ୟା ହେବାକୁ ଆସିଲାଣି, ଏବେ ସେ ମାନେ ଯିବେ କୁଆଡେ? ଖାଇବେ କଣ? ତାପରେ କିଛି ଲୋକ ଖରାପ ହେଲେ କଣ ସବୁ ଖରାପ? ନା' ଭଗବାନଙ୍କ ଯାହା ଇଛା ଥିବ ହେବ ଏୟା ଭାବି ବୋଉକୁ ବୁଝେଇଦେଲି, କହିଲି ଯଦି ଭାଗ୍ୟରେ ମରିବା ଥିବା କେହି ଅଟକାଇ ପାରିବେନି, କିନ୍ତୁ ଭଗବାନଙ୍କ ଉପରେ ଭରସା ରଖ। ବାହାରକୁ ଯାଇ ସେହି ଲୋକମାନଙ୍କୁ ପରଦିନ ନିଜ ନିଜ ଘରକୁ ଫେରିଯିବା ପାଇଁ କହି ଦେଇଆସିଲି।

ସାତ ବର୍ଷ ବିତିଯାଇଛି, ହେଲେ ଆଜି ବି ଯଦି ପବନର ବେଗ ସାମାନ୍ୟ ବଢିଯାଉଛି, ଛାତି ଧଡଧଡ ହୋଇଯାଉଛି, ଆଉ ସେ ଦିନ ମାନଙ୍କର ସ୍ମୃତି ସବୁ ମନକୁ ଅସ୍ଥିର କରି ପକାଉଛି। ହଜାର ହଜାର ନିରୀହ ଲୋକ ତଥା ଅସଂଖ୍ୟା ଗୋରୁଗାଇ ଓ ବଣ୍ୟ ପଶୁ ଏହି ବାତ୍ୟାର ଶୀକାର ହେଲେ। ଅଜସ୍ର ସଂପତ୍ତି ନଷ୍ଟ ହୋଇଗଲା। ଅନେକ ଗାଁ ଧରା ପୃଷ୍ଠରୁ ନିଶ୍ଚିହ୍ନ ହୋଇଗଲେ। ରାସ୍ତାଘାଟ ସବୁ କୁଡ କୁଡ ଶବ ମାନଙ୍କର ଆଶ୍ରୟ ସ୍ଥଳୀ ହୋଇଗଲା। ଏତେ ସଂଖ୍ୟକ ଶବ ପୋଡିବା ପାଇଁ କାଠର ଅଭାବ ହେଲା, ଆନ୍ଧ୍ରପ୍ରଦେଶ ସରକାର ତଥା ଅନେକ ବେସରକାରୀ ଓ ସରକାରୀ ସଂଗଠନର ସହାୟତାରେ ବାତ୍ୟା ପରବର୍ତ୍ତୀ ଥଇଥାନ କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରି କରାଗଲା।

ଏହି ମହାବାତ୍ୟା ଥିଲା ଓଡିଶାକୁ କାହାର ମହାଭିଶାପ। ଯେମିତି ଭାବରେ ଅସଂଖ୍ୟ ଲୋକ ମୃତ୍ୟୁବରଣ କଲେ ତାହା ନିଶ୍ଚୟ ଭାବରେ ଅବର୍ଣ୍ଣନୀୟ। ମହାବାତ୍ୟାର ସପ୍ତାହକ ପୂର୍ବରୁ ଦକ୍ଷିଣ ଓଡିଶାର ପ୍ରମୁଖ ସହର ବ୍ରହ୍ମପୁର ଓ ଏହାର ଆଖପାଖରେ ବି ବାତ୍ୟା ହୋଇ ପ୍ରଭୂତ କ୍ଷତି ହୋଇଥିଲା। ଏବଂ ଲୋକମାନେ ଭାବିଥିଲେ, ଏଇ ଥିଲା ବାତ୍ୟା, କିନ୍ତୁ ସମସ୍ତ କଳ୍ପନାଜଳ୍ପନାକୁ ପଛରେ ପକାଇ ଠିକ୍ ଏକ ସପ୍ତାହ ପରେ ହୋଇଥିଲା ମହାବାତ୍ୟା।

ମହାବାତ୍ୟା ସମାପ୍ତ ହେଉ ହେଉ ଜେଜେ ଆମର ଇହଧାମ ତ୍ୟାଗ କରିସାରିଥିଲେ, ତାଙ୍କର ଶବକୁ ଗାଁକୁ ଆଣି ଶବଦାହ କରିଲୁ। ସକାଳ ହେଲା ବେଳକୁ ଗାଁରେ ଚାନ୍ଦା କରାଯାଇଥିଲା, ନୁଆ କିଛି ନିଷ୍ପତ୍ତି ନେଇ ଗାଁ ପୁନର୍ଗଠନ ପାଇଁ। ମହାବାତ୍ୟା ଆସିଲା, ଆଉ ତା ସାଥିରେ

ନେଇଗଲଆ, ଅସଂଖ୍ୟ ସଧବାଙ୍କ ମୁଣ୍ଡର ସିନ୍ଦୁର, ମା' କୋଳରୁ ଛୁଆ, ଧନୀ ଗରିବ ନିର୍ବିଶେଷରେ ସମସ୍ତଙ୍କ ଉପରୁ ଛାତ, କାହାର ଘର, କାହାର ରୋଜଗାର, ତଥାପି ନେଇପାରିଲାନି ମଣିଷ ଭିତରେ ଲୁଚି ରହିଥିବା ଅମଣିଷ ପଣିଆକୁ। ଭଗବାନଙ୍କ ଦ୍ୱାରା ସୃଷ୍ଟି ପ୍ରକୃତି ଏତେ ନିଷ୍ଠୁର ହେଲା ସତ କିନ୍ତୁ ମନୁଷ୍ୟ ମନର ନିଷ୍ଠୁରତାକୁ ସେ ଟପିଯାଇ ପାରିଲା ନାହିଁ। ଯେଉଁ ଲୋକମାନେ ପ୍ରାଣ ବଞ୍ଚାଇବା ପାଇଁ ଆଶ୍ରୟ ଦାତାଙ୍କ ଦାନର ମହତ୍ତ୍ୱକୁ ବୁଝିବା କଥା ସେମାନେ ହିଁ ଆଶ୍ରୟଦାତାଙ୍କ ହତ୍ୟା ପରି ଜଘନ୍ୟ ଅପରାଧର ଷଡଯନ୍ତ୍ର ରଚନା କରିବସିଲେ। ହେ ଭଗବାନ ଆମକୁ ମହାବାତ୍ୟା ଦିଅ କିନ୍ତୁ ନିଷ୍ଠୁର ଆଉ ପାଷାଣ ମନୁଷ୍ୟ ଦିଅନାହିଁ।

କାହାଣୀ ଓ ଚିତ୍ର ସଂଗ୍ରହ:

**ସଞ୍ଜୟ କୁମାର ସାହୁ**

**ବଡମାଛପୁର, ନିମାପଡା, ପୁରୀ**

# ଯେଉଁ ଦିନ ମହମବତୀରେ ରୋଷେଇ କଲୁ

ମହାବାତ୍ୟାର ଦଶ ଦିନ ପୂର୍ବରୁ ଘଟିଥିଲା ଏକ ଅନନ୍ୟ ବାତ୍ୟା ଯାହା ଦକ୍ଷିଣ ଓଡିଶାର ମେରୁଦଣ୍ଡକୁ ଦୋହଲାଇ ଦେଇଥିଲା । ସମ୍ଭବତ: ଓଡିଆ ଜାତିକୁ ପୂର୍ବରୁ ସୂଚେଇ ଦେଇଥିବା ଏହି ବାତ୍ୟା ମହାବାତ୍ୟା ତୁଳନାରେ କୌଣସି ପ୍ରକାର କମ ନ ଥିଲା, ଅବଶ୍ୟ ଏଥିରେ ମୃତାହତଙ୍କ ସଂଖ୍ୟା ପରବର୍ତ୍ତୀ ମହାବାତ୍ୟା ତୁଳନାରେ ବହୁତ କମ ଥିଲା । ସେହି ଦୁର୍ଭାଗ୍ୟପୂର୍ଣ୍ଣ ଦିନ ଓ ରାତିକୁ ଅଙ୍ଗେ ନିଭାଇଥିବା ଏହି କାହାଣୀ, ଯେତିକି ଭୟଙ୍କର ତା'ଠୁ ଅଧିକ ରୋମାଞ୍ଚକର ମଧ୍ୟ ।

ଅକ୍ଟୋବର ମାସର ୧୭ କିମ୍ବା ୧୮ ତାରିଖର କଥା, ୧୯୯୯ ମସିହା । ଦଶହରାର ଧୂମ୍‌ଧାମ୍ ପାଳନକୁ ଫିକା ପକାଇ ଦେଇଥିଲା ଅଚାନକ୍ ଆଗନ୍ତୁକ ବର୍ଷା । ବ୍ରହ୍ମପୁର ସହରରେ ପୂଜାର ସମସ୍ତ ଆନନ୍ଦକୁ ଘର କଣରେ ବାନ୍ଧି ପକାଇଦେଲା ଏହି ବର୍ଷା । ମେଡିକାଲ୍ କଲେଜର ଛାତ୍ର ଥିବା ସମୟରେ ଦଶହରାର ଛୁଟି କାଟିବା ପାଇଁ ହଷ୍ଟେଲ୍ ପ୍ରାୟ ଜନଶୂନ୍ୟ ହୋଇପଡିଥିବା ବେଳେ ଆମେ କେତେଜଣ ଆଡ୍ଡା ଜମେଇଥିଲୁ ହଷ୍ଟେଲ୍‌ରେ । ଯଦ୍ୟପି ଆମେ ବ୍ରହ୍ମପୁରବାସୀ ତଥାପି ହଷ୍ଟେଲ୍‌ରେ



ରହିବାର ଅଭିପ୍ରାୟ ଥିଲା, ଛୁଟିର ସଦୁପଯୋଗ, ମାନେ ତାସ୍ ଖେଳ । ଦଶହରା ଓ କୁମାରପୂର୍ଣ୍ଣମା ତିଥୀରେ ସମଗ୍ର ଗଞ୍ଜାମ ଜିଲ୍ଲାରେ ତାସ ଖେଳ ବ୍ୟାପକ ରୂପରେ ହୁଏ ଆଉ ଆମେ ବା କେମିତି ବାଦ୍ ଯାଇଥାନ୍ତୁ ସେଥିରୁ । ପୂର୍ବ ଦୁଇ ଦିନର ବର୍ଷା ସତ୍ତ୍ୱେ ଆମର ଉତ୍ସାହର ଅନ୍ତ ନଥିଲା ।

ସକାଳ ଦଶଟା ବେଳକୁ ଧିରେ ଧିରେ ପବନର ବେଗ ବଢିବାକୁ ଲାଗିଲା । ଆମେ ସବୁ ଘରେ ଦୋପହରର ଭୋଜନ ସାରି ହଷ୍ଟେଲ୍‌କୁ ଚାଲି ଆସିଥିଲୁ ଖେଳ ଜମାଇବା ପାଇଁ । ଦିନସାରା ତାସ୍ ଖେଳିଲା ବେଳେ ରେଡିଓ ଓ ଟିଭିରେ ବାରଂବାର ବାତ୍ୟା ହେବାର ପୂର୍ବାନୁମାନ ଦିଆଯାଉଥିଲା ଆଉ ଆମେ ସେଥିକୁ କର୍ଣ୍ଣପାତ କରିନଥିଲୁ । ସନ୍ଧ୍ୟା ପ୍ରାୟ ସାଢେ ପାଞ୍ଚଟା ବେଳକୁ ପବନର ବେଗ ହଠାତ୍ ବହୁତ ଅଧିକ ହୋଇଯାଇଥିଲା । ଘରୁ ଫୋନ୍ ଆସିଲା, ଆଉ ରାତିରେ ଘରକୁ ଆସନି, ହଷ୍ଟେଲ୍‌ରେ ରହିଯା, ବାତ୍ୟା ହେବ ଏଣେ ଅହରହ ବର୍ଷା ଯୋଗୁଁ ରାସ୍ତାଘାଟ ପାଣି ଭରିଗଲାଣି । ସନ୍ଧ୍ୟା ସାତଟା ବେଳକୁ ହଠାତ୍ ବିଦ୍ୟୁତ୍ ଚାଲିଗଲା ।

ତଳକୁ ଯାଇ ହଷ୍ଟେଲ୍ ନନା (ରୋଷେୟା)କୁ ଖୋଜିଲା ବେଳକୁ ସେ ବାତ୍ୟା ଭୟରେ ଗାଁକୁ ଚାଲିଯାଇଥିଲା । ଖାଇବା କଣ???

ମୋର ଜନୈକ ବନ୍ଧୁ କହିଲେ, 'ଆମେ ଦିନେ ଭୋକରେ ରହି ପାରିବାନି? ମନେ ପକାଅ ଅସଂଖ୍ୟ ଭାରତୀୟ ଯେଉଁମାନେ ପ୍ରତିଦିନ ଭୋକ ଉପାସରେ ରହୁଛନ୍ତି । ବନ୍ଧୁଙ୍କ ସାରଗର୍ଭକ ଭାଷଣରୁ ଏତିକି ମାତ୍ର ଜଣାପଡିଲା ଯେ ସେ ମଧ୍ୟ ଭୋକ ବିକଳ ଆଉ ନିଜ ମନରୁ ଭୋକକୁ ଦୁରେଇ ଦେବାକୁ ଚେଷ୍ଟା କରି ସେ ଏମିତି ଗୋଟିଏ ଭାଷଣ ଦେଇ ପକାଇଲେ । ଜଣେ ବନ୍ଧୁ ଶାସ୍ତ୍ରୀ (ଡ ଏମ୍ ଭି ଏମ୍ ଶାସ୍ତ୍ରୀ ଅଧୁନା ଲଣ୍ଡନରେ ଅବସ୍ଥିତ) କହିଲେ ଚାଲ ରୁମରେ ଚାଉଳ ଅଛି ହିଟର ଲଗେଇ ଭାତ କରି ଖାଇବା । ପ୍ରସ୍ତାବରେ ବହୁତ ଦମ୍ ଥିଲା । ରୁମ୍‌କୁ ଫେରି ଆସି ଅପେକ୍ଷା କଲୁ ବିଦ୍ୟୁତ୍‌ର ପ୍ରତ୍ୟାବର୍ତ୍ତନ ପାଇଁ କିନ୍ତୁ ସାଢେ ଆଠଟା ହେଲା ଲାଇଟ୍‌ର ଦେଖା ନାହିଁ ।

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

ଜଣେ ବନ୍ଧୁ ଦିବାକର (ଡ ଦିବାକର ସାହୁ, ସରକାରୀ ଚାକିରୀରେ ଅଭିଷିକ୍ତ)ଙ୍କ ରୁମ୍‌ରେ ସମସ୍ତେ ଏକାଠି ଖଟ ଉପରେ ଶୋଇ ଶୋଇ ଗପ କରୁ କରୁ ରାତି ସାଢେ ନ'ଟା ହେଲା। ତଳକୁ ଯାଇ ଦେଖିଲି ଟେଲିଫୋନ୍ ବି ଡେଡ୍। ଚତୁର୍ଦିଗ ଅନ୍ଧାର, ଭାରୀ ଭୟ ଲାଗେ ମୋତେ। ତଥାପି ସମସ୍ତେ ଏକାଠି ଦିବାକରଙ୍କ ରୁମ୍‌ରେ ରହିଲୁ। ରାତି ପ୍ରାୟ ସାଢେ ଦଶଟା ବେଳେ ଶାସ୍ତ୍ରୀ କହିଲେ, ଆଉ ଭୋକ ସମ୍ଭାଳି ହେବନି, କିଛି ଖାଇବାକୁ ପଡିବ। ଏଣେ ହଷ୍ଟେଲ୍‌ରେ କେହି ନାହାନ୍ତି। ଖୋଜିଲେ ବି ବିସ୍କୁଟ୍ ପକେଟ୍ ମିଳିବ ନାହିଁ।

ଶାସ୍ତ୍ରୀ କହିଲେ, ମୋ ପାଖରୁ ନୁଡୁଲ୍‌ସ ପ୍ୟାକେଟ୍ ଦୁଇ ତିନିଟା ଅଛି, ଚାଲ ତାକୁ ରୋଷେଇ କରି ଖାଇବା। କିନ୍ତୁ କେମିତି? ସମସ୍ତଙ୍କ ମନରେ ଏହି ପ୍ରଶ୍ନ। ମୁଁ ପ୍ରସ୍ତାବ ଦେଲି ଏମିତି ବାତ୍ୟା ଆଉ ପବନରେ ଚୁଲି ଜଳିବ ନାହିଁ, ତେଣୁ ହଷ୍ଟେଲ୍‌ର ଗୋଟିଏ କୋଠରୀକୁ ଚାରିଆଡୁ କବାଟ ଦେଇ ରୋଷେଇ କଲେ ହେବ। ସମସ୍ତେ ହସି କହିଲେ, ଲାଇଟ୍ ନାହିଁ ହିଟର୍ ଚାଲିବନି ରୋଷେଇ କଣ କ୍ୟାଣ୍ଡଲ୍ (ମହମବତୀ)ରେ କରିବ? କଥାଟା ଅଖାଡୁଆ ଲାଗୁଥିଲେ ମଧ୍ୟ ଶାସ୍ତ୍ରୀ ଓ ମୋ ମନକୁ ପାଇଗଲା। କହିଲୁ ଚେଷ୍ଟା କରିବା। ଆମେ ଦୁଇ ଜଣ ଅନ୍ୟ ରୁମ୍‌କୁ ଯାଇ ମହମବତୀ ଜଳାଇ ପାଣି ଗରମ କରିବାକୁ ଚେଷ୍ଟା କଲୁ। ସତକୁ ସତ ତଳେ ତମ୍ବାର ଆବରଣ ଦିଆ ଯାଇଥିବା ପ୍ୟାନ୍‌ରେ ପାଣି ଗରମ ହୋଇଗଲା, ଅବଶ୍ୟ କିଛି ସମୟ ଲାଗିଲା, ସେହି ସମୟ ଭିତରେ ରୁମ୍‌ରେ ଥିବା ସମସ୍ତ ଅନାବନା କାଗଜ ପତ୍ରକୁ ଏକାଠି କରି

ଧୁନି ଜଳାଇ ପାତ୍ରକୁ ଦେଖାଇବା ପରେ ନୁଡୁଲ୍‌ସ ତିଆରି ହୋଇଗଲା। ସେ ଯା ହେଉ କ୍ଷୁଧା ନିବାରଣାର୍ଥ ଏହି ପ୍ରଚେଷ୍ଟା ବୃଥା ଗଲାନି। ଆମର ଏହି ପ୍ରକ୍ରିୟାରେ ହେଉଥିବା ବିଳମ୍ବକୁ ଦେଖି ଅନ୍ୟ ବନ୍ଧୁମାନେ ଯେତେବେଳେ ସେହି ରୁମ୍‌କୁ ଆସିଲେ, ସେତେବେଳକୁ ଆମେ ଦୁଇ ବନ୍ଧୁ କିଛି କିଛି ନୁଡୁଲ୍‌ସ ଉଦରସ୍ଥ କରି ସାରିଥିଲୁ। ଆମ ପ୍ରଚେଷ୍ଟାକୁ ବାରମ୍ବାର ଦୋହରାଇ ସେଇ ରାତିରେ ସମସ୍ତେ ଶାସ୍ତ୍ରୀର ରୁମ୍‌ରେ ଥିବା ନୁଡୁଲ୍‌ସକୁ ଖାଇ ଭୋକ ମେଣ୍ଟାଇଥିଲୁ। ଅବିଶ୍ୱସନୀୟ ଭାବେ ସାମାନ୍ୟ ମହମବତୀର ଝାସରେ ନୁଡୁଲ୍‌ସ ତିଆରି ହେବା ଆମ ପାଇଁ ଦୈବୀ ବରଦାନ ପରି ଥିଲା।

ରାତି ଏଗାରଟା ବେଳକୁ ସମସ୍ତେ ଏକାଠି ଶୋଇଥିବା ସମୟରେ ଚିନ୍ତା କଲୁ ଯେ ଯାହାର ରୁମ୍‌କୁ ଚାଲିଯିବା ପାଇଁ। ଯଦ୍ୟପି ଅନ୍ୟ ବନ୍ଧୁମାନେ ମନା କରିଥିଲେ ତଥାପି ମୁଁ ବାହାରି ପଡିଲି ନିଜ ରୁମ୍ ଆଡକୁ। ମୋ ରୁମ୍ ହଷ୍ଟେଲ୍‌ର ସର୍ବ ଉପର ସ୍ତରରେ ତଥା ସବୁଠୁ ପଛରେ ଥିଲା। ମନରେ ଭୟ ଥିଲେ ସୁଦ୍ଧା ନିର୍ଭୟ ଥିଲି ଯେ ଏତେ ଉପରେ ରହିବା ଦ୍ୱାରା ପାଣି ଉପରକୁ ଆସିବ ନାହିଁ।

ରାତି ବାରଟା ବେଳକୁ ରୁମ୍‌ରେ ଏତେ ବଡ ଶବ୍ଦ ସହ ପବନର ବହିବା ଆରମ୍ଭ ହେଲା ଯେ ମୋ ରୁମ୍‌ର ଠିକ୍ ସାମନାରେ ରହୁଥିବା ମୋ ବନ୍ଧୁଙ୍କ ରୁମ୍ ଦେଖା ଯାଇନଥିଲା କି କୌଣସି କଥା ଶୁଣା ଯାଇନଥିଲା। ଏଣେ ଥଣ୍ଡା ପବନ ଯୋଗୁଁ ଦେହ ଥରି ଉଠିବା ଦ୍ୱାରା ଶୀତ ହେଉଥିଲା, ଏଣୁ ମୋ ରୁମ୍‌ରେ ଥିବା ଦୁଇଟା କମ୍ବଳ ଘୋଡେଇ ହୋଇ ଶୋଇବାକୁ ଚେଷ୍ଟା କଲି। ମୋ ରୁମ୍‌ର ଝରକା ଯାହା ହଷ୍ଟେଲ୍‌ର ବାଡି ପଟକୁ ଖୋଲାଥିଲା, ସର୍ବଦା ଖୋଲା ରହୁଥିଲା, କାରଣ ତା'ର କିଛି ଯାନ୍ତ୍ରିକ ତ୍ରୁଟି ଥିଲା, ଯାହାକୁ ମୁଁ କେବେ ତିଆରି କରିବା କଥା ସ୍ୱପ୍ନରେ ବି ଭାବିନଥିଲି। ଆଜି କିନ୍ତୁ ଲାଗୁଥିଲା କାହିଁକି ସେ ଝରକା ତିଆରି କଲି ନାହିଁ? ମୋ ରୁମ୍ ଭିତରକୁ ପାଣିର ଛିଟା ଆସି ଆସି ମୋ ଉପରର କମ୍ବଳକୁ ଓଦା କରିବା ପୂର୍ବରୁ ମୋତେ ନିଦ ହୋଇଯାଇ ଥିଲା। ସାରା ରାତି ଘଡି ଘଡି ନିଦ ଚାଉଁ କରି ଭାଙ୍ଗି ଯାଉଥିଲା, ଯେତେବେଳେ ଦେଖୁଥିଲି, ଝରକା ସେପାଖେ ପୁରା ଅନ୍ଧକାର, ଦୁରରୁ ଦେଖା ଯାଉଥିବା ବ୍ୟାଙ୍କ କଲୋନୀ ଜମା ଦେଖା ଯାଉ ନଥିଲା। ଆଉ ପବନର ସେ ଭୟଙ୍କର ଶବ୍ଦ ମୋ କାନକୁ ଖୋଳି ପକାଉଥିଲା।

ସକାଳ ଆଠଟା ବେଳକୁ ହଠାତ୍ ମୋ କବାଟରେ ଘର୍ଘର କରାଘାତ ଦ୍ୱାରଆ ନିଦ ଭାଙ୍ଗିଲା, ବାହାରେ ଶାସ୍ତ୍ରୀ, ଡୋରା (ଡ ସନ୍ତୋଷ କୁମାର ଡୋରା), ଦିବାକର, ସତ୍ୟ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

(ଡ ସତ୍ୟନାରାୟଣ ପାତ୍ର) ଆଦି ସମସ୍ତେ ଜମା । କଣ ହେଲା କହିବା ପୂର୍ବରୁ ସମସ୍ତେ ମୋତେ ଠେଲି ନେଇ ଝରକା ପାଖରେ ଠିଆ କରାଇ ଦେଲେ, ଦେଖିଲି, ମେଡିକାଲ୍ କଲେଜ ଖେଳ ପଡିଆଟା ଗୋଟିଏ ବଡ ହ୍ରଦରେ ପରିଣତ ହୋଇ ଯାଇଥିଲା । ଭାବିନିପୁର ଯିବାକୁ ରାସ୍ତାରେ ମଣିଷ ଉଚ୍ଚରେ ପାଣି ବହୁଥିଲା । ପାଣିରେ ବହିଯାଉଥିବା ପାଣି ଟାଙ୍କିକୁ ଧରିବା ପାଇଁ ଅନେକ ଲୋକ ପ୍ରୟାସ କରୁଥିଲେ । ଭାରୀ କାନ୍ଦ ଲାଗିଲା । ସମସ୍ତେ ଚିନ୍ତା କଲୁ କଣ କରିବା? ପ୍ରଥମେ ସମସ୍ତେ କହିଲେ ଆଗ ନିଜ ନିଜ ଘରକୁ ଯାଇ ଦେଖିବା ଅବସ୍ଥା କଣ ହୋଇଛି । ଜିନ୍ସ ପ୍ୟାଣ୍ଟ୍ ଆଉ ଟି-ସାର୍ଟ ପକାଇ, ସାଧା ହାୱାଇ ଚପଲ ହଲେ ପିନ୍ଧି ଅଣ୍ଟା ପର୍ଯ୍ୟନ୍ତ ପାଣିରେ ପଶି ପଶି ଆମେ ହଷ୍ଟେଲ୍‌ରୁ ବାହାରିଲୁ ।

ବ୍ରହ୍ମପୁର ରାଜରାସ୍ତା ଜଳମଗ୍ନ ଥିଲା, ଆଉ ସ୍ଥାନେ ସ୍ଥାନେ ବଡ ବଡ ଗଛ ପଡି ରାସ୍ତା ବନ୍ଦ ହୋଇଯାଇଥିଲା । ବାତ୍ୟାର ପ୍ରକୋପ ଏତେ ଥିଲା ଯେ ଆମ ହଷ୍ଟେଲ୍ ସାମନାରେ ଥିବା ଉଦ୍ୟାନର ଅଧିକାଂଶ ବଡ ଗଛ ଉପୁଡି ଯାଇଥିଲା କିମ୍ବା ନଇଁ ପଡିଥିଲା । ଘରେ ପହଞ୍ଚି ଦେଖିଲି, କୌଣସି ପ୍ରକାର କ୍ଷୟକ୍ଷତି ହୋଇନାହିଁ । ଏତେ ବଡ ବାତ୍ୟା ହେବା ସତ୍ତ୍ୱେ ଛ ଇଞ୍ଚ ବହଳର କାଚ ବି କିଛି ହୋଇନି । ଅବଶ୍ୟ କିଛି କଦଳି ଗଛ ଯାହା ଭାଙ୍ଗି ଯାଇଥିଲା । ଆଉ ଛାତ ଉପରେ ପାଣି ଟାଙ୍କିର ଘୋଡଣୀଟା କୁଆଡେ ଉଡି ଯାଇଥିଲା ।

ପାଗ ସଂପୂର୍ଣ୍ଣ ଶୁଖିଲା ହୋଇଗଲା । ପାଣିଧାର କମିବା ଅପେକ୍ଷାରେ ରହିଲେ ସମସ୍ତେ । ସମଗ୍ର ବ୍ରହ୍ମପୁର ଅନ୍ଧକାରରେ ବୁଡି ରହିଲା । କେବଳ ମେଡିକାଲ୍ କଲେଜ୍‌କୁ ବିଦ୍ୟୁତ୍ ଯୋଗାଣ କରାଇ ଦିଆଗଲା, ଯାହା ଫଳରେ କେବଳ ଆମ ହଷ୍ଟେଲ୍‌କୁ ବିଦ୍ୟୁତ ଯୋଗାଣ ହୋଇପାରିଲା । ବାତ୍ୟା ପରବର୍ତ୍ତୀ ଦ୍ୱିତୀୟ ଓ ତୃତୀୟ ଦିନ ମାନଙ୍କରେ ରାଜ୍ୟର ଅନ୍ୟ ସ୍ଥାନରୁ ଆସି ପଢୁଥିବା ଅନେକ ସହପାଠୀ ଫେରି ଆସିଲେ ଦେଖିବା ପାଇଁ, ଯେ ଅବସ୍ଥା କଣ ଅଛି । ମୋର ଜନୈକ ସହପାଠୀ ନାଥ (ଡ ପ୍ରତାପ ଚନ୍ଦ୍ର ନାଥ) କଥା ଛଳରେ କହିଲା, ତୁମେ ବ୍ରହ୍ମପୁରରେ ସବୁ ଲୋକ ଅନ୍ୟାୟ ଆଉ ଅପରାଧ କରୁଥିଲ ତ ସେଇଥି ଲାଗି ଭଗବାନ ଏଇ ଦଣ୍ଡ ଦେଲେ । ଅବଶ୍ୟ ତାହାର ମାତ୍ର ଦଶ ଦିନ ମଧ୍ୟରେ ଯେଉଁ ମହାବାତ୍ୟା ଓଡିଶାରେ ହୋଇଥିଲା ସେଥିରେ ସଂପୃକ୍ତ ବନ୍ଧୁଙ୍କ ସଂପୂର୍ଣ୍ଣ ଗାଁ ବାତ୍ୟା ପରବର୍ତ୍ତୀ ମାନଚିତ୍ରରୁ ଉଭେଇ ଯାଇଥିଲା । ସେ ଯାହେଉ, ବାତ୍ୟା ଦ୍ୱାରା ଅନେକ କ୍ଷୟକ୍ଷତି ଘଟିଥିଲା ।

ବାତ୍ୟା ପରେ ପ୍ରାୟ ଚାରିଦିନ ପରେ ଯେତେବେଳେ ସମଗ୍ର ଗଞ୍ଜାମ ଜିଲ୍ଲାରେ ଜଳସ୍ତର ହ୍ରାସ ପାଇଲା, ସେତେବେଳେ ଆମେ ବନ୍ଧୁମାନେ ବାହାରି ପଡିଲୁ, ବାତ୍ୟା ପରବର୍ତ୍ତୀ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବା ପାଇଁ, ଏହି ପରିପ୍ରେକ୍ଷୀରେ ଆମେ ସମସ୍ତ ହଷ୍ଟେଲ୍‌କୁ ଯାଇ ବସ୍ତ୍ର ଓ ସାଂପଲ୍ ମେଡିସିନ୍ କଲେକ୍ସନ କଲୁ । ଆଉ ସେ ସବୁକୁ ଧରି ବ୍ରହ୍ମପୁର ଉପକଣ୍ଠରେ ଥିବା ପ୍ରାୟ ପ୍ରତ୍ୟେକ ଗ୍ରାମକୁ ଯାଇ ସାହାଯ୍ୟ ଓ ସ୍ୱାସ୍ଥ୍ୟ ଶିବିର ମାନ ଆୟୋଜନ କରିଥିଲୁ । ଯେମିତି ଯେମିତି ଗଞ୍ଜାମ ଜିଲ୍ଲାର ସ୍ୱାସ୍ଥ୍ୟରେ ସୁଧାର ହୋଇ ଆସିଲା, ଠିକ୍ ସେହି ସମୟରେ ଆସିଲା ମାହାବାତ୍ୟା ଯେଉଁଥିରେ ଅସଂଖ୍ୟ ନିରୀହ ଜନଜୀବନ ନଷ୍ଟ ହୋଇଗଲା ।

ବାତ୍ୟା ପରେ ଯେତେବେଳେ କଲେଜ ଖୋଲିଲା, ଆମେ ସମସ୍ତ ବନ୍ଧୁଙ୍କୁ ଦେଖି ବହୁତ ଖୁସି ହୋଇଥିଲୁ । ଅନେକ ଦିନ ପର୍ଯ୍ୟନ୍ତ ବାତ୍ୟାରେ ବିତାଇଥିବା ସମୟ ସବୁର ଚର୍ଚ୍ଚା କଲୁ କିନ୍ତୁ ଅଧିକାଂଶ ସମୟ ଏଇ କଥାରେ ବିତିଯାଇଥିଲା, ଯେ ବାତ୍ୟା ରାତିରେ ଜ୍ୟୋତି ଆଉ ଶାସ୍ତ୍ରୀ ମହମବତୀରେ ନୁଡୁଲ୍ସ କରି ସମସ୍ତଙ୍କୁ ଖୁଆଇଥିଲେ ।

## ସ୍ମୃତିରେଖ

# ପ୍ରଶାନ୍ତ ନନ୍ଦ

ଓଡିଆ ସିନେମାର ମୁଭି ମୋଗଲ ପ୍ରଶାନ୍ତ ନନ୍ଦ । ଅଭିନୟରୁ ନିର୍ଦ୍ଦେଶନା, ଗୀତ ରଚନା, ସଂଗୀତ ରଚନା, ସ୍କ୍ରିନ୍ ପ୍ଲେରେ ପରିବ୍ୟସ୍ତ ତାଙ୍କର ପଥର ଓ ପୃଥିବୀ । ଏହି ମୁଭି ମୋଗଲଙ୍କ ସଂପର୍କରେ ଆପଣ କେତେ ଜାଣନ୍ତି ? ତଳେ ଲେଖାଯାଇଥିବା ପ୍ରଶ୍ନାବଳୀର ଉତ୍ତର ଦେଇ ଦେଖନ୍ତୁ ।

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ବାନ

ପ୍ରଶାନ୍ତ ନନ୍ଦଙ୍କ ପ୍ରଥମ ଚଳଚ୍ଚିତ୍ରର ନାମ କଣ ଥିଲା?

କ ନୂଆ ବୋଉ

ଖ ଦସ୍ୟୁ ରତ୍ନାକର

ଗ ସାଧନା

ଶିଶୁ କଳାକାର ଭାବରେ ସିନେ ପ୍ରବେଶ କରିଥିବା ପ୍ରଶାନ୍ତ କେଉଁ ସିନେମାରେ ଶରତ ପୂଜାରୀଙ୍କ ପିଲାଦିନର ଅଭିନୟ କରିଥିଲେ?

କ ସାଧନା

ଖ ମାଟିର ମଣିଷ

ଗ ନୂଆ ବୋଉ

ପ୍ରଶାନ୍ତ ପ୍ରଥମେ କେଉଁ ସିନେମା ପାଇଁ କାହାଣୀ ଲେଖିଲେ?

କ ମମତା

ଖ ସମୟ

ଗ ଶେଷ ଶ୍ରବଣ

'ଲୋ ବାରମାସୀ' ଏହି ଗୀତ ଗାଇ ପ୍ରଥମେ ସିନେ ପ୍ଲେ ବ୍ୟାକ୍‌କୁ ଆସିଲେ ପ୍ରଶାନ୍ତ । ତାହା କେଉଁ ସିନେମାର ଗୀତ?

କ ସବୁ ମାୟାରେ ବାୟା

ଖ ପକା କଂବଳ ପୋତ ଛତା

ଗ ଜଗା ବଳିଆ

ପ୍ରଶାନ୍ତ ନନ୍ଦ ନିର୍ଦ୍ଦେଶତ ପ୍ରଥମ ହିନ୍ଦୀ ସିନେମାର ନାମ କଣ?

କ ପହେଲି

ଖ ନୈୟା

ଗ ନୟାଜହର

ପ୍ରଶାନ୍ତ ନନ୍ଦଙ୍କ ସଂଗୀତ ନିର୍ଦ୍ଦେଶନାର ପ୍ରଥମ ସିନେମା କଣ?

କ ପଞ୍ଚୁପାଣ୍ଡବ

ଖ କନ୍ୟେଇ

ଗ ଲୁଟ୍‌ତରାଜ୍

ମହାଶ୍ୱେତା ହେଉଛନ୍ତି ପ୍ରଶାନ୍ତଙ୍କ ଆବିଷ୍କାର । କେଉଁ ସିନେମାର ଗ୍ରୁପ୍ ଡ୍ୟାନ୍‌ସ ସୁଟିଂ ବେଳେ ମହାଶ୍ୱେତାଙ୍କୁ ଆବିଷ୍କାର କରିଥିଲେ ପ୍ରଶାନ୍ତ?

କ ସିନ୍ଦୁରବିନ୍ଦୁ

ଖ ବନ୍ଧନ

ଗ ମମତା

'ଶେଷ ଶ୍ରାବଣ' ପ୍ରଶାନ୍ତଙ୍କ ନିର୍ଦ୍ଦେଶିତ ପ୍ରଥମ ସିନେମା ଓ ମହାଶ୍ୱେତାଙ୍କ ଅଭିନୀତ ପ୍ରଥମ ସିନେମା । ଏଥିରେ ପ୍ରଶାନ୍ତ ଓ ମହାଶ୍ୱେତାଙ୍କ ନାମ କଣ ଥିଲା?

କ ଗୁରେଇ ଓ ଭଗିଆ

ଖ ସନିଆ ଓ ମାଣିକ

ଗ ସାରିଆ ଓ ଛକଡି

ପ୍ରଶାନ୍ତଙ୍କ ନିର୍ଦ୍ଦେଶିତ ପ୍ରଥମ ବଙ୍ଗଳା ସିନେମାଟି କଣ?

କ ନ୍ୟାୟଚକ୍ର

ଖ ମା

ଗ ଲାଲ୍‌ପାନ୍ ବିବି


ପ୍ରଶାନ୍ତ ନନ୍ଦ ପ୍ରଥମେ କେଉଁ ସିନେମାରେ ଅଭିନୟ ପାଇଁ ଶ୍ରେଷ୍ଠ ଅଭିନେତାର ରାଜ୍ୟସ୍ତରୀୟ ସମ୍ମାନ ପାଇଥିଲେ?

କ ଅଦିନମେଘ

ଖ ବନ୍ଧନ

ଗ ମନ ଆକାଶ

ଏହି ସମସ୍ତ ପ୍ରଶ୍ନର ଉତ୍ତର ଦେଖିବା ପାଇଁ ୩୦ତମ ପୃଷ୍ଠା ଦେଖନ୍ତୁ ।




ଏହି ଇ-ପତ୍ରିକା ଆପଣ ଡାଉନ୍‌ଲୋଡ୍ କରିବା ପରେ ପ୍ରିଣ୍ଟ୍ କରିପାରିବେ । ଓଡିଶା ବାହାରେ ରହୁଥିବା ଓଡିଆ ମାନଙ୍କ ପାଇଁ ଏହା ଏକ ଉତ୍କୃଷ୍ଟ ଉପହାର । ଏହି ପୁସ୍ତିକାଟି ଆପଣଙ୍କୁ ସଂପୂର୍ଣ୍ଣ ମାଗଣାରେ ଯୋଗାଇଦିଆ ଯିବ । ଏଥି ପାଇଁ ଆପଣଙ୍କୁ କୌଣସି ପ୍ରକାରର ଶୁଳ୍କ ଦେବାକୁ ପଡିବ ନାହିଁ ।

ଅସୀମ ଆଶା ଓ
ଅଣାୟତ ଉନ୍ମାଦନାର

# ଆହ୍ୱାନ

## ନୋବେଲ ଇତିହାସରେ ବିରଳ ପରଂପରା




ବିଶ୍ୱର ସର୍ବୋଚ୍ଚ ସମ୍ମାନ 'ନୋବେଲ୍ ପୁରସ୍କାର'କୁ ନେଇ ରହିଛି କେତେ କେତେ ରୋଚକ କଥା ଓ କାହାଣୀ। ପୁରସ୍କାର ପରି ଏହି କଥା ଓ କାହାଣୀ ସବୁ ରୋମାଞ୍ଚ ଆଣେ, ଶିହରଣ ବି ଆଣେ। ଏହିପରି କିଛି କଥା ଓ କାହାଣୀକୁ ନେଇ ଆମର ବିଶେଷ ପ୍ରସ୍ତୁତି।


ବିଶ୍ୱର ସର୍ବୋଚ୍ଚ ଏହି ପୁରସ୍କାର କେବେ କେବେ ଗୋଟିଏ ପରିବାରକୁ ପ୍ରଦାନ କରାଯାଇଛି। ଯେମିତି ବାପା ବି ପାଇଛନ୍ତି, ମା' ବି ପାଇଛନ୍ତି; ପୁଣି ପାଇଛନ୍ତି ଝିଅ ଓ ଜୋଇଁ। ଆଉ କେଉଁଠି ମାମୁ ଓ ଭଣଜା ମଧ୍ୟ ପାଇଛନ୍ତି।

### ବାପର ନୋବେଲ୍ ପୁଅ ଜିନ୍‌ରେ

୧୯୫୯ ମସିହାରେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଜଣେ ଆମେରିକୀୟ ବୈଜ୍ଞାନିକ ଆର୍ଥର କର୍ନବର୍ଗଙ୍କୁ ନୋବେଲ୍ ପୁରସ୍କାର ମିଳିଥିଲା। ତାଙ୍କ ଗବେଷଣାର ବିଷୟବସ୍ତୁ ଥିଲା ମାତା କୋଷରୁ କନ୍ୟା କୋଷକୁ ଜିନୀୟ ସନ୍ଦେଶ ସଂଚରଣ। ୨୦୦୬ ମସିହା ପାଇଁ ଅକ୍ଟୋବର ୩ ତାରିଖରେ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ମଞ୍ଚରେ ଆଉଜଣେ କର୍ନବର୍ଗଙ୍କୁ ଦେଖିବାକୁ ମିଳିଥିଲା। ସେ ହେଉଛନ୍ତି ଆର୍ଥର କର୍ନବର୍ଗଙ୍କ ପୁଅ ରୋଜର କର୍ନବର୍ଗ। ତାଙ୍କୁ ଯେତେବେଳେ ୧୨ ବର୍ଷ ବୟସ ହୋଇଥିଲା ସେ ପିତାଙ୍କ ପୁରସ୍କାର ଗ୍ରହଣ ଉତ୍ସବରେ ଯୋଗ ଦେବାପାଇଁ ଯାଇଥିଲେ ଷ୍ଟକ୍‌ହୋମ୍। ସେଦିନର ସେହି ଘଟଣା ତାଙ୍କ ମନରେ ଗଭୀର ରେଖାପାତ କରିଥିଲା। ପରବର୍ତ୍ତୀ ସମୟରେ ସେ ପିତାଙ୍କ ଜିନ୍ ସଂକ୍ରାନ୍ତୀୟ ଗବେଷଣାକୁ ଆଉ କେଇପାଦ ଆଗେଇ ନେଇ ଜିନ୍‌ରେ ସଂଚିତ ମଣିଷର ସମସ୍ତ ଗୁଣାବଳୀର ସନ୍ଦେଶ କିପରି ପ୍ରତିଲିପିକରଣ କରିଆରେ ପ୍ରୋଟିନ୍‌ରେ ରୂପାନ୍ତରିତ ହୋଇ ନୂଆ ଜୀବକୋଷ ସୃଷ୍ଟି କରେ ତା'ଉପରେ ଆଲୋକପାତ କରିଛନ୍ତି। ବାପ-ପୁଅ ଯୋଡି ନୋବେଲ୍ ପୁରସ୍କାର ପାଇବା ଇତିହାସରେ ଏହା ହେଉଛି ଷଷ୍ଠ ଘଟଣା।

### ପିତାଙ୍କ ମତକୁ କାଟି ପୁଅ ଜିତିଲା ନୋବେଲ୍

୧୯୦୬ ମସିହାରେ ଇଂଲଣ୍ଡର ବୈଜ୍ଞାନିକ ଜେ ଜେ ଥମ୍‌ସନ୍ ଅଳ୍ପ ଚାପଯୁକ୍ତ ଗ୍ୟାସ୍ ମଧ୍ୟରେ ବିଦ୍ୟୁତ୍ ପ୍ରବାହିତ



ଉଇଲିୟମ୍ ହେନେରୀ ବ୍ରାଗ୍ | ଜୁଲିଅଟ୍ କ୍ୟୁରୀ | ଜେ.ଜେ. ଥମ୍‌ସନ୍ | ପିଅରେ କ୍ୟୁରୀ | ଫ୍ରେଡେରିକ୍ ଜୁଲିଅଟ୍ | ଜି.ପି. ଥମ୍‌ସନ୍ | ଚନ୍ଦ୍ରଶେଖର ଭେଙ୍କଟରମଣ | ନିଲ୍ସ ବୋର୍

କରି ଏକ ରହସ୍ୟମୟ ଉପାଦାନ ଆବିଷ୍କାର କରିଥିଲେ। ସେ ଏହି ଉପାଦାନର ଚାର୍ଜ ଓ ବସ୍ତୁତ୍ୱର ଅନୁପାତ ନିରୂପଣ କରି ଏହାକୁ ଏକ 'କଣିକା' ରୂପେ ପ୍ରତିପାଦନ କରିଥିଲେ, ଯାହାର ନାଁ ଥିଲା 'ଇଲେକ୍ଟ୍ରନ୍'। ତାଙ୍କର ଏହି ମହତ୍ତ୍ୱପୂର୍ଣ୍ଣ ଅବଦାନ ପାଇଁ ତାଙ୍କୁ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସେ ବର୍ଷର ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟରେ ଏଭଳି ଅନେକ ଘଟଣାବଳୀ ନଜରକୁ ଆସିଲା ଯାହାକୁ ଇଲେକ୍ଟ୍ରନ୍‌ର କଣିକା ତତ୍ତ୍ୱ ବୁଝାଇପାରିଲା ନାହିଁ। ଜେ ଜେ ଥମ୍‌ସନ୍‌ଙ୍କ ପୁଅ ଜି ପି ଥମ୍‌ସନ୍ ଏକ ଉଚ୍ଚକୋଟୀର ପରୀକ୍ଷା ମାଧ୍ୟମରେ ଇଲେକ୍ଟ୍ରନ୍‌ର 'ତରଙ୍ଗ' ଆଚରଣ ସଂପର୍କରେ ସୂଚନ ଦେଇ ଉପୁଜିଥିବା ସମସ୍ୟାର ସମାଧାନ ନିମନ୍ତେ ଦିଗ୍‌ଦର୍ଶନ ଦେଲେ। ତାଙ୍କର ଏହି ବୈପ୍ଲବିକ ଆବିଷ୍କାର ପାଇଁ ତାଙ୍କୁ ୧୯୩୭ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା।




## ବାପ-ପୁଅ ପୁରସ୍କାର ବାଣ୍ଟିଲେ

ବ୍ରିଟେନ୍‌ର ଦୁଇଜଣ ପଦାର୍ଥ ବିଜ୍ଞାନୀ ଉଇଲିୟମ୍ ହେନେରୀ ବ୍ରାଗ୍ (ପିତା) ଓ ଉଇଲିୟମ୍ ବ୍ରାଗ୍ (ପୁତ୍ର) ଏକ ସ୍ଫଟିକ ମଧ୍ୟରେ 'ଏକ୍ସ-ରେ' ରଶ୍ମି ଅତିକ୍ରମ କରି ଗୋଟିଏ ଫୋଟୋଗ୍ରାଫି ଫିଲ୍ମରେ ଏହାର ପ୍ରତିବିମ୍ବ ଲକ୍ଷ୍ୟକଲେ। ଏହି ରଶ୍ମି ସ୍ଫଟିକ ମଧ୍ୟରେ ଥିବା ପରମାଣୁ ଦ୍ୱାରା ବଙ୍କେଇ ପ୍ରତିବିମ୍ବରେ ଛାଇ ଆଲୁଅର ରୂପରେଖମାନ ସୃଷ୍ଟି କଲା। ବ୍ରାଗ୍ ପିତା-ପୁତ୍ର ଦ୍ୱୟ ଏହି ରୂପରେଖକୁ ଆଲୋକର ଏକ ବିଶେଷ ଧର୍ମ 'ଡିଫ୍ରାକ୍ସନ୍' ସଙ୍ଗେ ସଂଶ୍ଳିଷ୍ଟ କରି ସ୍ଫଟିକର ପରମାଣୁ ମଧ୍ୟରେ ଥିବା ସୂକ୍ଷ୍ମାତିସୂକ୍ଷ୍ମ ବ୍ୟବଧାନକୁ ନିରୂପଣ କଲେ। ଏହି ପଦ୍ଧତିରେ ପରମାଣୁର ତ୍ରୈମାସିକ ସଂରଚନାର ସ୍ପଷ୍ଟ ଚିତ୍ର ମିଳିପାରିଲା। ଏହି ଆବିଷ୍କାର ପାଇଁ ପିତାପୁତ୍ର ଦ୍ୱୟଙ୍କୁ ୧୯୧୫ ମସିହାରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା।

## ବାପ-ପୁଅ ପଦାର୍ଥ ବିଜ୍ଞାନୀ

ଡେନ୍‌ମାର୍କର ପଦାର୍ଥ ବିଜ୍ଞାନୀ ନେଲ୍‌ସ ବୋର୍ 'ପରମାଣୁର ଗଠନ ଓ ବିକିରଣ' ସଂପର୍କରେ ଗବେଷଣା କରି ୧୯୨୨ ମସିହାରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପ୍ରାପ୍ତ ହୋଇଥିବା ବେଳେ ୧୯୭୪ ମସିହାରେ ତାଙ୍କ ସୁଯୋଗ୍ୟ ପୁତ୍ର ଆଜେ ବୋର୍ ସେହି ପଦାର୍ଥ ବିଜ୍ଞାନରେ ଆଉ ଏକ ନୋବେଲ୍ ପୁରସ୍କାର ଲାଭ କରିଥିଲେ।

## ପିତା-କନ୍ୟା

ଫ୍ରାନ୍‌ସର ବୈଜ୍ଞାନିକ ପାଏରେ କ୍ୟୁରୀ ୧୯୦୩ ମସିହାରେ ପ୍ରାକୃତିକ ତେଜସ୍କ୍ରିୟ ପଦାର୍ଥ ଉପରେ ଗବେଷଣା କରି ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିଲେ। ୧୯୩୫ ମସିହାରେ ତାଙ୍କ କନ୍ୟା ଇଭିନ୍ ଜୁଲିଏଟ୍ କ୍ୟୁରୀ



# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ




ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଇ ପିତା-କନ୍ୟା ଯୋଡି ରେକର୍ଡ କରିଥିଲେ।

## ପତି-ପତ୍ନୀ

୧୯୦୩ ମସିହାରେ ଫ୍ରାନ୍ସର ପାଏରେ କ୍ୟୁରୀ ଏବଂ ତାଙ୍କ ପତ୍ନୀ ମ୍ୟାରୀ କ୍ୟୁରୀ ପଦାର୍ଥ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିବା ବେଳେ ୧୯୩୫ ମସିହାରେ ସେହି ଫ୍ରାନ୍ସର ଫ୍ରେଡ୍ରିକ୍ ଜୁଲିଏଟ୍ କ୍ୟୁରୀ ଏବଂ ତାଙ୍କ ପତ୍ନୀ ଇର୍ୱିନ୍ ଜୁଲିଏଟ୍ କ୍ୟୁରୀ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଇଥିଲେ।

## ମାମୁ-ଭଣଜା

୧୯୩୦ ମସିହାରେ ଭାରତୀୟ ବୈଜ୍ଞାନିକ ସାର୍ ଚନ୍ଦ୍ରଶେଖର ଭେଙ୍କଟରମଣ ସ୍ଫଟିକ ଦ୍ୱାରା ଆଲୋକର ବିଚ୍ଛୁରଣ ଉପରେ ଗବେଷଣା କରି ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ନୋବେଲ୍ ପୁରସ୍କାର ପାଇଥିବା ବେଳେ ତାଙ୍କ ଭଣଜା ସୁବ୍ରମଣ୍ୟମ୍ ଚନ୍ଦ୍ରଶେଖର 'ଶ୍ୱେତବାମନ ତାରକା' ସଂପର୍କରେ ଆଲୋକପାତ କରି ୧୯୮୩ ମସିହାରେ ନୋବେଲ୍ ପୁରସ୍କାର ପାଇଥିଲେ।

## ଜଣେ ଦୁଇଥର

ଫ୍ରାନ୍ସର ମ୍ୟାରୀ କ୍ୟୁରୀ ୧୯୦୩ରେ ପଦାର୍ଥ ବିଜ୍ଞାନରେ ଏବଂ ୧୯୧୧ରେ ରସାୟନ ବିଜ୍ଞାନରେ ନୋବେଲ୍ ପୁରସ୍କାର ପାଇଥିଲେ। ସେହିପରି ଯୁକ୍ତରାଷ୍ଟ୍ର ଆମେରିକାର ଲିନ୍ସ ପାଉଲିଙ୍ଗ୍ ୧୯୫୪ ରେ ରସାୟନ ବିଜ୍ଞାନରେ ଏବଂ ଶାନ୍ତି ପାଇଁ ୧୯୬୨ରେ ନୋବେଲ୍ ପୁରସ୍କାର ଲାଭ କରିଥିଲେ।

## ନୋବେଲ୍ ପରିବାର

ଫ୍ରାନ୍ସର କ୍ୟୁରୀ ପରିବାର ଏଭଳି ଏକ ପରିବାର ଯେଉଁଠି ପିତା, ମାତା, କନ୍ୟା ଏବଂ ଜାମାତା ନୋବେଲ୍ ପୁରସ୍କାର ପାଇ ଇତିହାସରେ ବିରଳ ଅଧ୍ୟାୟ ସୃଷ୍ଟି କରିଛନ୍ତି। ୧୯୦୩ରେ ପାଏରେ କ୍ୟୁରୀ (ପିତା), ମ୍ୟାରୀ କ୍ୟୁରୀ (ମାତା) ପଦାର୍ଥ ବିଜ୍ଞାନରେ ମିଳିତ ଭାବେ ନୋବେଲ୍ ପୁରସ୍କାର ପାଇଥିବା ବେଳେ ୧୯୩୫ ମସିହାରେ ଇର୍ୱିନ୍ ଜୁଲିଏଟ୍ କ୍ୟୁରୀ (କନ୍ୟା) ଏବଂ ଫ୍ରେଡ୍ରିକ୍ ଜୁଲିଏଟ୍ କ୍ୟୁରୀ (ଜାମାତା) ରସାୟନ ବିଜ୍ଞାନ କ୍ଷେତ୍ରରେ ଏକାଠି ନୋବେଲ୍ ପୁରସ୍କାର ପାଇଥିଲେ।

# ପାଟି ଶୁଣିଲେ ମାଉସ୍ ଚାଲେ

ହାତରେ ମାଉସ୍ ଚଳାଇ ଆମେ କଂପ୍ୟୁଟରରେ ବିଭିନ୍ନ କମାଣ୍ଡ ଦେଇ କାମ କରିଥାଉ, କିନ୍ତୁ ଦୃଷ୍ଟିହୀନ ମାନଙ୍କ ପାଇଁ ସେଭଳି ସୁବିଧା ନାହିଁ। ତେଣୁ ଏବେ ଆସିଛି ଏକ ଅଭିନବ ସଫଟ୍‌ୱେର ଯାହା ସାହାଯ୍ୟରେ ବିନା ଛୁଇଁ ବି ମାଉସ୍ କୁ





ଚଳାଇ ହେବ । ଅନ୍ଧମାନଙ୍କ ପାଇଁ ଥିବା ବିଶେଷ ସାଇବର କ୍ୟାଫେ ମାନଙ୍କରେ ଏହାର ବହୁଳ ବ୍ୟବହାର ହୋଇପାରିବ ବୋଲି ଆଶା ପୋଷଣ କରାଯାଉଛି । ଏହି ସଫ୍ଟ୍‌ୱେର ବ୍ୟବହାର କରି ଇଣ୍ଟରନେଟ୍‌ରେ ନୁଆ ନୁଆ ପୃଷ୍ଠା ଖୋଲି ହେବ, ବନ୍ଧୁମାନଙ୍କ ସହ ଚାଟିଂ କରିହେବ ଏବଂ ଆବଶ୍ୟକ ସୂଚନାକୁ ଡାଉନ୍‌ଲୋଡ କରି ବ୍ରେଲି ଭାଷାରେ ଅନୁବାଦିତ କରାଯାଇ ପାରିବ ।

ଜାତୀୟ ଦୃଷ୍ଟିହୀନ ସଂଘ ତରଫରୁ ସଂପ୍ରତି ଭାରତର ମୁମ୍ବାଇ ଓ ଦିଲ୍ଲୀରେ ଖୋଲିଥିବା ଦୁଇଟି ବିଶେଷ ସାଇବର କ୍ୟାଫେରେ ଏହି ନୂତନ ପ୍ରଣାଳୀକୁ ବ୍ୟବହାର କରାଯାଉଛି । ଏହାକୁ ଜେଏଡବ୍ଲୁ ସଫ୍ଟ୍‌ୱେର ବୋଲି କୁହାଯାଏ । ଏହି ସଫ୍ଟ୍‌ୱେର ଇଣ୍ଟରନେଟ୍ ପୃଷ୍ଠାରେ ଲିଖିତ ସମ୍ବାଦକୁ ହେଡ୍‌ଫୋନ୍ ଜରିଆରେ ବ୍ୟବହାରକାରୀଙ୍କ କାନ ପର୍ଯ୍ୟନ୍ତ ପହଞ୍ଚାଇ ଦେବ । ଆଉ ଇଣ୍ଟରନେଟ୍ ବ୍ୟବହାରକାରୀ ବ୍ୟକ୍ତି ଜଣକ ଚାହିଁଲେ ସେହି ସମ୍ବାଦକୁ ବ୍ରେଲି ଭାଷାରେ ଲେଖି ଦେଇ ଛାପିବା ସୁବିଧା ବି ଯୋଗାଇ ଦିଆଯିବ । ଏହି ସମସ୍ତ ସୁବିଧା ପାଇଁ ଆବଶ୍ୟକ ସଫ୍‌ଟୱେର ମାଇକ୍ରୋସଫ୍‌ଟ କଂପାନୀ ଯୋଗାଇ ଦେଇଛନ୍ତି । ଏହା ଦ୍ୱାରା ସାଧାରଣ କିବୋର୍ଡ କିମ୍ବା ମାଉସର ବ୍ୟବହାର କରା ନଯାଇ ବିଶେଷ ଭାବରେ ନିର୍ମିତ ବ୍ରେଲି ଭାଷାର କି ବୋର୍ଡ ଓ ମାଉସ୍ ବ୍ୟବହାର କରାଯାଏ । ମୁହଁରେ କହିଲେ ଆପେ ଆପେ ଇଣ୍ଟର୍ନେଟ୍‌ରେ ପୃଷ୍ଠା ସବୁ ଖୋଲିଯାଉଥିବା ଯୋଗୁ ଏହା ବେଶ୍ ଆଦୃତ ହୋଇଥିବାର ଲକ୍ଷ୍ୟ କରାଯାଇଛି ।

# ବିଶାଳ ବ୍ୟକ୍ତିତ୍ୱ ପ୍ରାଣନାଥ ବାବୁ

ଜାନକୀ ବଲ୍ଲଭ ପଟ୍ଟନାୟକ

ଖୋର୍ଦ୍ଧା ହାଇସ୍କୁଲ୍‌ରେ ମୁଁ ଛାତ୍ର ଥିବା ବେଳୁ ପ୍ରାଣନାଥ ପଟ୍ଟନାୟକଙ୍କୁ ଜାଣେ । ୧୯୪୦ ମସିହାରେ ମହାତ୍ମା ଗାନ୍ଧିଙ୍କ ଆହ୍ୱାନରେ ସାରା ଭାରତବର୍ଷରେ ବ୍ୟକ୍ତିଗତ ସତ୍ୟାଗ୍ରହୀମାନେ ତାଙ୍କଦ୍ୱାରା ନିର୍ବାଚିତ ହୋଇ କାରାବରଣ କରୁଥିଲେ । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଭିତରକୁ ଭାରତବର୍ଷକୁ ଜବରଦସ୍ତ ଟାଣି ନିଆଯାଉଥିବା ଯୋଗୁଁ କଂଗ୍ରେସ୍ ତାର ଘୋର ବିରୋଧ କରୁଥିଲା ଏବଂ ଏହାକୁ ଏକ ସାମ୍ରାଜ୍ୟବାଦ ଯୁଦ୍ଧର ଆଖ୍ୟା ଦେଇଥିଲା । ୧୯୪୨ ମସିହାରେ ଅଗଷ୍ଟ ବିପ୍ଲବ ପୂର୍ବରୁ ଗାନ୍ଧିଜୀ ସମଗ୍ର ଦେଶକୁ ଏକ ବିଶାଳ ଅହିଂସା ଆନ୍ଦୋଳନ ପାଇଁ ପ୍ରସ୍ତୁତ କରୁଥିଲେ ଏବଂ ଏହି ଆନ୍ଦୋଳନର ପ୍ରଥମ ପ୍ରସ୍ତୁତି ଥିଲା ୧୯୪୦ର ବ୍ୟକ୍ତିଗତ ସତ୍ୟାଗ୍ରହ । ଏହି ସତ୍ୟାଗ୍ରହ ପାଇଁ ଗାନ୍ଧିଜୀଙ୍କର ବାର୍ତ୍ତାବହ ଭାବେ ଯୁଦ୍ଧରେ ସାହାଯ୍ୟ ନ କରିବାପାଇଁ ଲୋକଙ୍କୁ ନିବେଦନ କରି ଗିରଫ ହେଉଥିଲେ । ମାତ୍ର ତଦ୍ୱାରା ଲବଣ ସତ୍ୟାଗ୍ରହ ପରି ସାରା ଦେଶରେ ଏକ ପ୍ରବଳ ଜନମତ ବ୍ରିଟିଶ ସରକାର ବିରୋଧରେ ଜାଗ୍ରତ ହୋଇଥିଲା । ଏଥିପାଇଁ ଗାନ୍ଧିଜୀ ଓଡିଶାରେ ଯେଉଁମାନଙ୍କୁ ସତ୍ୟାଗ୍ରହୀ ଭାବେ ବାଛିଥିଲେ, ତାଙ୍କ ମଧ୍ୟରେ ଥିଲେ ସ୍ୱର୍ଗୀୟ ପ୍ରାଣନାଥ ପଟ୍ଟନାୟକ । ଖୋର୍ଦ୍ଧାରେ ତାଙ୍କୁ ବ୍ୟକ୍ତିଗତ ସତ୍ୟାଗ୍ରହୀ ଭାବେ ବଛା ଯାଇଥିଲା । ଅପରାହ୍ନ ଚାରିଟା ବେଳେ ସେ ଖୋର୍ଦ୍ଧା କଚେରୀ ପାଖ ଛକକୁ ଆସି ଏହି ସତ୍ୟାଗ୍ରହର ବାର୍ତ୍ତା ଜନସାଧାରଣଙ୍କୁ ଦେବେ ବୋଲି ଆଗରୁ ପ୍ରଚାରିତ ହୋଇଥିଲା । ସେଦିନ ସମଗ୍ର ଖୋର୍ଦ୍ଧା ଲୋକାରଣ୍ୟ । କଚେରୀ ଛକରେ ସୋରିଷ ପକାଇବାକୁ ଯାଗା ନାହିଁ । ପ୍ରାଣନାଥବାବୁ ଯେଉଁ ରାସ୍ତାରେ ଆସିବେ, ତାହାର ଦୁଇ ଧାରରେ ହଜାର ହଜାର ନରନାରୀ ଛୋଟ ଛୋଟ ପିଲାଙ୍କୁ ଧରି ରହିଥାନ୍ତି । କେହି କେହି ଫୁଲମାଳ ଓ ଫୁଲ ତାଙ୍କୁ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଦେଉଥାନ୍ତି । ଆମେ ଛାତ୍ରମାନେ ସେଠାରେ ସେହି ଅପୂର୍ବ ଦୃଶ୍ୟ ଦେଖିବା ପାଇଁ ଏକତ୍ରିତ ହୋଇଥାଉ । ଠିକ୍ ଚାରିଟା ବାଜିବାକୁ ଏକ ମିନିଟ୍ ଅଛି ଛକର ନିର୍ଦ୍ଦିଷ୍ଟ ସ୍ଥାନରେ ସେ ପହଞ୍ଚିଲେ ଓ ଚାରିଟା ବେଳେ ଏକ ଚୌକି ଉପରେ ଠିଆ ହୋଇ ଦୃଢ ସ୍ୱରରେ ଗାନ୍ଧିଜୀଙ୍କ ବାର୍ତା ଘୋଷଣା କଲେ । ଏ ଯୁଦ୍ଧରେ ଧନଜନ ଦେଇ ବ୍ରିଟିଶ ସରକାରକୁ କେହି ସାହାଯ୍ୟ କରିବା ଉଚିତ୍ ନୁହେଁ । ଶୃଙ୍ଖଳିତ ସୈନିକ ମାନଙ୍କ ପାଇଁ ଏହା ହିଁ ଥିଲା ଗୋଟିଏ ବାକ୍ୟର ସଂକ୍ଷିପ୍ତ ଭାଷଣ । ମାତ୍ର

ଏହା ମଧ୍ୟରେ ଅହିଂସା ଅସହଯୋଗର ଦୀପ୍ତ ଅଗ୍ନିଶିଖା ଲୁଚି ରହିଥିଲା । ପ୍ରାଣନାଥ ବାବୁ ସାଙ୍ଗେ ସାଙ୍ଗେ ଗିରଫ ହେଲେ । ତାଙ୍କର ସ୍ତ୍ରୀ ମଞ୍ଜରୀ ଦେବୀ କୋଳରେ ପିଲାଟିଏ ଧରି ସେଠାରେ ଠିଆ ହୋଇ ତାଙ୍କୁ ବିଦାୟ ଦେଉଥାନ୍ତି । ତାହା ଏକ ମର୍ମସ୍ପର୍ଶୀ ଦୃଶ୍ୟ । ଏବଂ ଏବେ ମଧ୍ୟ ତାହା ମୋର ମାନସପଟରେ ଅଙ୍କିତ ହୋଇ ରହିଛି । ଭାରତୀୟ ପରଂପରାରେ ଯେପରି ବୀର ନାରୀ ତାର ସ୍ୱାମୀକୁ ଅମ୍ଳାନ ଚିତ୍ତରେ ଯୁଦ୍ଧକୁ ପଠାଏ, ମଞ୍ଜରୀ ଦେବୀଙ୍କର ପ୍ରାଣନାଥ ବାବୁଙ୍କୁ ବିଦାୟ ଦେବା ସେହି ଚିତ୍ରକୁ ଅଙ୍କିତ କରିଥିଲା ।

ପ୍ରାଣନାଥ ବାବୁ ଜେଲ୍‌ରୁ ମୁକ୍ତ ହେଲେ । ସେ କଂଗ୍ରେସ୍ ଦଳରେ ନରହି କମ୍ୟୁନିଷ୍ଟ ପାର୍ଟିରେ ରହିଲେ । ସେତେବେଳେ କମ୍ୟୁନିଷ୍ଟ ମାନଙ୍କୁ ଦେଶଦ୍ରୋହୀ, ଇଂରେଜ ସରକାରଙ୍କ ଦଲାଲ୍ ଚିତ୍ରଣ କରାଯାଉଥିଲା । କିନ୍ତୁ ପ୍ରାଣନାଥ ବାବୁଙ୍କୁ ତାହା ଛୁଇଁ ନଥିଲା । ତାଙ୍କର ଅମ୍ଳାନ ବ୍ୟକ୍ତିତ୍ୱ, ପରୋପକାର, ଆଜୀବନ ଦେଶସେବା ବ୍ରତ ଏବଂ ଗରିବ ଲୋକଙ୍କ ପ୍ରତି ତାଙ୍କର ସ୍ୱାଭାବିକ ମମତା ତାଙ୍କୁ ଦଳମତ ନିର୍ବିଶେଷରେ ଲୋକପ୍ରିୟ କରିଥିଲା । କଂଗ୍ରେସ ଦଳରେ ଥିଲେ ମଧ୍ୟ ତାଙ୍କ ପ୍ରତି ମୋର ଗଭୀର ଶ୍ରଦ୍ଧା ରହିଥିଲା ।

ପ୍ରାଣନାଥ ବାବୁ ଖୋର୍ଦ୍ଧାରେ ଏକ କଲେଜ୍ କରିବାକୁ ବ୍ୟସ୍ତ ଥାଆନ୍ତି । ଆମ ଗ୍ରାମପାଖ ନିରାକାରପୁରଠାରେ ଜଣେ ବ୍ୟକ୍ତିଙ୍କର ବଦାନ୍ୟତାରେ ଆଉ ଏକ କଲେଜ୍‌ର ପ୍ରତିଷ୍ଠା ହେଉଥାଏ । ମୁଁ ଏବଂ ସ୍ୱର୍ଗୀୟ ବନମାଳୀ ପଟ୍ଟନାୟକ ଏହି କଲେଜ ସହିତ ସଂପୃକ୍ତ ଥାଉ । ବନମାଳୀ ବାବୁ ଓ ପ୍ରାଣନାଥ ବାବୁ ଖୋର୍ଦ୍ଧାରେ ରାଜନୈତିକ ପ୍ରତିଦ୍ୱନ୍ଦି ଥିଲେ । କିନ୍ତୁ ମୁଁ ଥିଲି ଖୋର୍ଦ୍ଧାରେ ଛାତ୍ର । ତେଣୁ ଖୋର୍ଦ୍ଧା କଲେଜ୍ (ବର୍ତମାନର ପ୍ରାଣନାଥ କଲେଜ)ର ବିକାଶ ମଧ୍ୟ ମୋର କାମ୍ୟଥିଲା । ଖୋର୍ଦ୍ଧାରେ ଯେଉଁ ବିଶାଳ କଲେଜଟି ଗଢା ଯାଇଛି, ତାହା ପୁରାପୁରି ପ୍ରାଣନାଥ ବାବୁଙ୍କ କୃତି କହିଲେ ଅତ୍ୟୁକ୍ତି ହେବନି । ସେହି କଲେଜ ତାଙ୍କର ସ୍ମୃତିର ଅମର ପ୍ରତୀକ ହୋଇ ରହିବ । ଆଜି ପ୍ରାଣନାଥ ବାବୁଙ୍କକଥା ଚିନ୍ତା କଲାବେଳେ ଏକ ବିଶାଳ ବ୍ୟକ୍ତିତ୍ୱ ଆମ ଆଖି ଆଗରେ ଝଲସି ଉଠେ । ସ୍ୱାଧୀନତା ସଂଗ୍ରାମରେ ନିଜକୁ ଏବଂ ନିଜ ପରିବାରକୁ ସଂପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଦେଇ ସେ ଅସୀମ ତ୍ୟାଗ ସ୍ୱୀକାର କରିଛନ୍ତି ଓ ଦୁଃଖକଷ୍ଟ ସହିଛନ୍ତି । ଯେଉଁ ଚାଷୀ, ମୂଲିଆ, ଗରିବ ଓ ଅବହେଳିତ ଜନସାଧାରଣଙ୍କ କଲ୍ୟାଣ ପାଇଁ ସେ ଏକ ସମ୍ଭ୍ରାନ୍ତ, କୁଳୀନ ପରିବାରରୁ ଆସି ଉଚ୍ଚଶିକ୍ଷା ଲାଭକରି ଦେଶ ସେବାକୁ ବାଛି ନେଇଥିଲେ, ଶେଷ

ପଅର୍ଯ୍ୟନ୍ତ ସେହି ତ୍ୟାଗପୂତ ଜୀବନରୁ ତିଳେ ମାତ୍ର ବିଚ୍ୟୁତ ହୋଇ ନଥିଲେ । ଏଭଳି ବ୍ୟକ୍ତିଙ୍କର ମହାନ୍ ଆଦର୍ଶ ପରବର୍ତ୍ତୀ ପୁରୁଷ ମାନଙ୍କ ପାଇଁ ଚିର ଦୋଦୀପ୍ୟମାନ ହୋଇ ରହିବ ।

ପ୍ରଶାନ୍ତ ନନ୍ଦଙ୍କ ଉପରେ ପର୍ଯ୍ୟବେଶିତ ଆମର ପ୍ରଶ୍ନୋତ୍ତରୀର ଉତ୍ତର ଏଇଠି ଦେଖନ୍ତୁ ।

## ଉତ୍ତର ଏଇଠି ଦେଖନ୍ତୁ :

୧ ଦସ୍ୟୁ ରତ୍ନାକର

୨ ସାଧନା

୩ ମମତା

୪ ପକା କମ୍ବଳ ପୋତ ଛତା

୫ ପହେଲି

୬ ପଞ୍ଚୁପାଣ୍ଡବ

୭ ସିନ୍ଦୁର ବିନ୍ଦୁ

୮ ସନିଆ ଓ ମାଣିକ

୯ ନ୍ୟାୟଚକ୍ର

୧୦ ମନ ଆକାଶ

# କବିତା ବିଭାଗ



ମୀନାକ୍ଷି ତନିଶା ଜେନା
ଜନ୍ମ- ୧୮ ନଭେମ୍ବର, ୧୯୮୦
ଠିକଣା- ମାର୍ଫତ- ରମେଶ ଜେନା, ଦୈନିକ ବଜାର, କେସିଙ୍ଗା, କଳାହାଣ୍ଡି
ଶିକ୍ଷା- ସ୍ନାତକୋତ୍ତର
ରୁଚି- ରୋଷେଇ, ଭ୍ରମଣ, ବକ୍ତୃତା ଓ ପଢିବା
ଜୀବନର ଲକ୍ଷ୍ୟ- ଜଣେ ସୁଗୃହିଣୀ ହେବା

## ସଂପର୍କ

*ତୁମେ ଓ ମୁଁ
ପରିଚିତ ଓ ଅପରିଚିତର ସହରେ
ସଂପର୍କର ଦୁଇ ପ୍ରାନ୍ତ ।
ଅବିଶ୍ରାନ୍ତ ମୋ ଗତି
ମନ୍ଥର ତୁମ ଚାଲି
ବାଟହୁଡା ପଥିକଟିଏ ପରି
ହଜିଯାଏ ଅନେକ କିଛି
ଅସ୍ପଷ୍ଟ ହୁଏ ଛବି
ଜଣା ଅଜଣାର ପରିଧି ମଧ୍ୟେ
ଲୁଚିଯାଏ ସତ୍ୟର ଚେହେରା ।
ବାସନାର ଘନ ଅନ୍ଧକାରେ
ଅଶାନ୍ତ ଆମ ହୃଦୟ
ଅନେକ ତୃପ୍ତି ଅତୃପ୍ତିର ବହ୍ନି
କେତେ ଯେ କଳାକାର ହୋଇ
ଜଳୁଛି ଓ ଜଳୁଥିବ
ତୁମ ଓ ମୋର
ଜୀବନରେ*



କୃଷ୍ଣ ଚନ୍ଦ୍ର ବେହେରା
ଠିକଣା: ବିଜେପୁର, ଟିଟିଲାଗଡ, ବଲାଙ୍ଗିର
ଜନ୍ମ: ୧୪ ଏପ୍ରିଲ୍ ୧୯୭୪
ଶିକ୍ଷା: ଯୁକ୍ତ ଦୁଇ
ରୁଚି: ସାହିତ୍ୟ ଓ ସଂଗୀତ
ଲକ୍ଷ୍ୟ: ସମାଜସେବା

## ଭାଦ୍ରବ

*ସେ ଦିନ ତୋ' ଚପଳପଣ
ଝରୁଥିଲା
ମୋ'କଣା ଛପରରେ,
ଠିକ୍ ଯେଉଁବାଟେ
ତାରାମାନେ ହାତଠାରି
ଡାକନ୍ତି ରାତିରେ ।
ଏବେ ଦେଖ୍
ତୋ ସନ୍ତ୍ରାସରେ
ତେଲନଈ ବନ୍ୟା
ଉଜାଡି ଦେଇଛି ବାସ
ସବୁଜିଆ ଧାନକ୍ଷେତ ।
ଆଖିରୁ ଚୋରେଇ ନେଇଛି
ସବୁତକ ନିଦ ।
ସର୍ବହରା କରିଦେଇ ମତେ
ଲୁଟିନେଲୁ ସିନା ଯେତେ;
ତଥାପି
ଆସନ୍ତା ସନକୁ
ଅପେକ୍ଷା କରିବି ତତେ ।*

ପ୍ରଥମ ସନ୍ତାନକୁ ଭୁଲିବା ସମ୍ଭବ ନୁହେଁ, ସେମିତି କବିଙ୍କ ଲେଖନୀର ପ୍ରଥମ ପ୍ରକାଶ ମହତ୍ତ୍ୱପୂର୍ଣ୍ଣ ଅଟେ । ଆପଣଙ୍କ ଅବଦାନକୁ ଆମର ଅଭିନନ୍ଦନ ।

ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ୱାନ

## ମିଛ କହିବି ନାହିଁ

ନିରାକାର ଚଇନି

କୁନା ବସିବାରୁ ରୁଷିକି
ଆଇ ପଚାରିଲେ ହସିକି
ହଇରେ କୁନା
କିଆଁ କରିଛୁ ତୁ ମନକୁ ଊଣା?
କୁନା କହେ ମୁହଁ ଛିଞ୍ଚାଡି
ମାଛ ଖାଇଦେଲା ବିରାଡି
କି ଦୋଷ କଲି?
ବୋଉ କହେ ମୋତେ ଟାଉକା ବୋଲି ।
ହସିଦେଇ ଆଇ ମୁରୁକି
କହିଲେ କୁନାକୁ ଧରିକି
ମିଛ ଯେ କହେ
ଦିନୁ ଦିନ ବେଶି ଦୁଃଖ ସେ ପାଏ ।
ନିଜ ଆଖିରେ ମୁଁ ଦେଖିଛି
ମାଛ ଖାଉଥିଲୁ ଛପିକି
ତୁଚ୍ଛାରେ କିଆଁ
ମିଛ କହି ମୋତେ ବୁଲାଉ ଭୁଆଁ?
ଶୁଣି କୁନା ଆଇ କଥାକୁ
ଲାଜେ ପୋତିଦେଲା ମଥାକୁ
କହିଲା ଆଇ
ଆଜିଠାରୁ ମିଛ କହିବି ନାହିଁ ।




## କାଳିଝିଅର ପ୍ରଶ୍ନ

ଡ ମୀରାରାଣୀ ଖଣ୍ଡୁଆଳ
smg47@rediffmail.com

ସବୁ କବି ତୁଣ୍ଡରେ
କାଳିଝିଅର ଗୁଣଗାନ,
କିଏ କହେ; କାଳିଝିଅ ସହ ଖେଳିଥିବା-
ପିଲାଦିନେ ବୋହୂଚୋରି ଭାରି ମନେପଡେ,
କିଏ ଦେଖେ ଆଝିବୁଜି
କାଳିଝିଅ ସୁନେଲି ପଣତକାନି
ଦିଗ୍‌ବଳୟ ସେପାରିରେ ।
ତା ଆଖି ପୋଟଳ ଚିରା
ନାକ ତିଳଫୁଲ ଓଠ ଜବା ପୁଷ୍ପ
କେଶଗୁଚ୍ଛ ଚମରୀର ପୁଚ୍ଛ,
କୃଶୋଦରୀ ଚାଲିଗଲେ
ଫୁଟିଯାଏ ଲକ୍ଷେ ସ୍ୱର୍ଣ୍ଣପଦ୍ମ ।
ସତରେ; କେତେ ଓଜନିଆ-
କାଳିଝିଅର ଉପମାଭରା ପୋଟଳୀ,
ସେଇ କାଳିଝିଅ ଆଜି ପଚାରୁଛି-
ହେ କବି, ହେ ସାହିତ୍ୟିକ!
କହିବ କି?
ତମ ବିବାହ ବେଦୀରେ କେବେ
ବସିଛି କି କାଳି ଝିଅ?
ତମ ଇଶାଣରେ ଦୀପଟେ ଲଗେଇଛି କି?
କିଏ ବୁଝିଛି କି/ କେମିତି ମଉଳି ଯାଏ
କାଳି ଝିଅର ସ୍ୱପ୍ନ/ ଯୌବନ?
ହେ କାଳିଝିଅର ସ୍ତାବକ! ଜାଣିଛ କି?
ସେଇ କାଳି ଝିଅର ରଙ୍ଗରେ ହୋରିଖେଳ
ତମ ସମାଜ ଦେଇଛି ତା'କୁ
ଆଉ ଟିକେ କଳାରଙ୍ଗ
ତମ ରୋଷେଇଶାଳର ନିଆଁରୁ ।

# ସେମାନେ

ସରୋଜ ସାହୁ
smg47@rediffmail.com

ସେମାନେ କେମିତି କେଜାଣି
ଏତେ ଅଭିନୟ କରିପାରନ୍ତି
ଗୋଟାଏ ନିଃଶ୍ୱାସରେ
ବାସ୍ତବ, ଅବାସ୍ତବ ସବୁ
ସ୍ୱୀକାର କରିବା ପରେ
ଅସ୍ୱୀକାର କରନ୍ତି ।
ଜନ୍ମ ଆଉ ମୃତ୍ୟୁକୁ
ବିଶ୍ୱାସ କରୁଥିବା ଲୋକେ
ନିଜେ ଅମର ବୋଲି
ଭାବୁଥାଆନ୍ତି ।
ସେମାନେ କେମିତି କେଜାଣି
ଏତେ ମିଛ କୁହନ୍ତି
ଆଉ ବାରମ୍ବାର ତାକୁ
ଦୋହରେଇ, ଦୋହରେଇ ।
ନିଜେ ଦିନେ ସେ ସବୁକୁ
ସତ୍ୟ ବୋଲି ଭାବି ନିଅନ୍ତି,
ନିଜେଇ ନିଜକୁ ଅସ୍ୱୀକାର କରନ୍ତି ।

# ତୁ

ଡ ଜ୍ୟୋତି ପ୍ରସାଦ ପଟନାୟକ
jyotiprasad@rediffmail.com

ତୁ, ମୋର ପ୍ରତିଛବି,
ତୋତେ ଗଢ଼ିଛି ମୁଁ
ରକ୍ତମାଂସ ଦେଇ, ଗର୍ଭରେ
ଦଶମାସ ଦଶ ଦିନ ଧରି,
ପାଇଛି କଷ୍ଟ କିନ୍ତୁ
ତୋତେ ଦେଖି
ଭୁଲି ଯାଉଛି ସବୁ କିଛି ।

ତୋ ଆଖିରେ କେତେ ସପନ
ସବୁ ତୁ ଜାଣୁଛୁ
ଆଖିମୁଦି ଦେଇ ଗାଲରେ
ଖିଲ୍‌ଖିଲ୍ ସାଗର ହସର
ନିଦରେ ଥାଇ ଖୋଲି ଦେଉଛୁ,
ତୋ ଆଖିରେ ମୁଁ ଜିତିବି
କାଳକୁ,
ଦେଖିବି ସଂସାର
ଆଖି ମୁଦି ଦେବା ପରେ ।
ତୋ ହାତ ଧରି ଆଜି
ଚାଲି ଶିଖାଉଛି
କାଲି ଯେବେ ମୋର
ନଇଁ ଯିବ ଅଣ୍ଟା
ମୋତେ ଧରି
ଦି ପାଦ ଚାଲିବୁ ବୋଲି ।

ତୋତେ ଦେଖି ଦେଖି
ଜାଣିନି ଲାଗୁଛି କେମିତି?
ତୁ ହସୁଛୁ, ତୁ କାନ୍ଦୁଛୁ,
ହସାଉଛୁ, କନ୍ଦାଉଛୁ ମଧ୍ୟ
କିନ୍ତୁ ତତେ ଛାଡ଼ି ଯିବିନି
ଜୀବନ ଥିବା ଯାଏଁ
ତୋ ହାତ ଧରିଥିବି
ତୋ ପାଦ ସହ ତାଳ ଦେଇ
ଚାଲି ନ ପାରିଲେ ଦିନେ
ତୋ କୋଳରେ ମୁଣ୍ଡ ଦେଇ
ଶେଷ ନିଦ୍ରା ଗଲା ଯାଏଁ ।

# ବାପା ।

ସନ୍ଧ୍ୟା ସାତଟା ହେବ, ବଡବାବୁଙ୍କ ଗାଡି ଲାଗିଲା, ନିରବ ନିଶ୍ଚଳ ଏଇ ଚୀର ସବୁଜ ବନାନୀ ଆବୃତ ଲକ୍ଷ୍ମୀପୁର ଗାଁରେ । ବଡ ସହରରୁ ଆସୁଥିବା ଅଧିକାଂଶ ବାବୁ ମାନେ ଏହାକୁ ଗାଁ କହନ୍ତି, କିନ୍ତୁ ଆଖପାଖ ପଚାଶ ମାଇଲ ଦୂର ପର୍ଯ୍ୟନ୍ତ ଏହା ସମକକ୍ଷ ଗାଁ ନଥିବାରୁ ସ୍ଥାନୀୟ ଲୋକେ ଏହାକୁ ସହର ବୋଲି ମଧ୍ୟ କହନ୍ତି । ନୁଆ ନୁଆ ବଦଳି ହୋଇ ଏହି ସ୍ଥାନକୁ ଆସିବା ପଛରେ ବାବୁଙ୍କ ମତଲବ ଥିଲା ଅଲଗା । ସେ ଚାହୁଁଥିଲେ ତାଙ୍କର ଚିରରୋଗୀ ସ୍ତ୍ରୀ ରଶ୍ମୀ ଅନ୍ତତଃ ଏହିପରି ପ୍ରାକୃତିକ ପରିବେଶରେ ରହି ନିଜର ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି କରନ୍ତୁ । ବିବାହର ଆଠଟି ବସନ୍ତ ବିତିଯାଇଥିବା ସତ୍ତ୍ୱେ ବାବୁ, ବାପା ହେବାର ସୌଭାଗ୍ୟ ଲାଭ କରିନାହାନ୍ତି । ଲୋକ କହନ୍ତି ମା' କୁଆଡେ ଗର୍ଭହୀନା । ସେ କେବେ ମା' ହୋଇପାରିବେ ନାହିଁ । କିନ୍ତୁ ବାବୁ ଜାଣିଛନ୍ତି, ସେମିତି କିଛି ନାହିଁ । ହଠାତ୍ ଦିନେ ଏମିତି ଏକ ସହରରେ ଦୋକାନରୁ ପୋଷାକ କିଣୁ କିଣୁ ବାବୁଙ୍କୁ ଭଲ ଲାଗିଯାଇଥିଲେ ମା, ତା'ପରେ ସେମାନଙ୍କ ବିବାହ ହୋଇଯାଇଥିଲା, ଖୁବ୍ ଶୀଘ୍ର ଶୀଘ୍ର । ତା'ପରେ ବାବୁ ବହୁତ ଉନ୍ନତି କଲେ, ଅନେକ ଦିନ ପାଇଁ ବିଦେଶ ଯାଇ ଆସିଲେ, କିନ୍ତୁ ବାପା ହୋଇ ପାରିଲେ ନାହିଁ ।



ଡାକବଙ୍ଗଳାର କଂପାଉଣ୍ଡ ଭିତରେ ବାବୁଙ୍କ ମାରୁତି କାର ପ୍ରବେଶ କରୁ କରୁ ତାଙ୍କୁ ପାଛୋଟି ନେବାପାଇଁ ଆଗଭର ହୋଇଥିଲେ, ତାଙ୍କ ସହକାରୀ କବୀର ବାବୁ । କବୀର ବାବୁ ବି ସହରୀ ଲୋକ କିନ୍ତୁ ଅନେକ ଦିନ ହେଲା ଏହି ସ୍ଥାନରେ ରହିଛନ୍ତି । ପେଟ ପୋଷିବା ପାଇଁ ଚାକିରୀଟିଏ କରିଛନ୍ତି ଯେତେବେଳେ, ସରକାର ଯେଉଁ ସ୍ଥାନକୁ କହିବେ ଯିବାକୁ ହେବ ହିଁ ହେବ । ରାତି ଆଠଟା ବେଳକୁ ଏହି ଛୋଟ ସହର ନିଦ୍ରାଗତ । ବାବୁ ମଧ୍ୟ କବୀରବାବୁଙ୍କୁ ଘରକୁ ଯିବା ପାଇଁ କହିଲେ । କବୀରବାବୁ ଚାଲି ପଡିଲେ, ନିଜ ବସାକୁ । ବାବୁ ତାଙ୍କୁ ଅଟକାଇ କହିଲେ, 'ଏତେ ରାତିରେ ଅନ୍ଧାରରେ ଆପଣ ଏକା ଏକା ଏମିତି ଚାଲି ଚାଲି ବସାକୁ ଯିବେ ? ଆପଣ ଭାରୀ ସାହସୀ ମୁଁ ଦେଖୁଛି ।'

କବୀରବାବୁ କିଛି ସମୟ ଚୁପ ରହି କହିଲେ, 'ସାର୍, ଏଇ ସ୍ଥାନରେ ପ୍ରାଣ ଅଛି, ପ୍ରକୃତି ଅଛି, ସନ୍ଧ୍ୟାର ଅନ୍ଧକାରରେ କବିତା ଅଛି, ଆପଣ ନୁଆ ଆସିଛନ୍ତି, କିଛି ଦିନ ରହିଯାଆନ୍ତୁ, ନିଜେ ଜାଣିଯିବେନି ।'

ସକାଳ ଆଠଟା ବେଳେ ଡାକବଙ୍ଗଳା ବାହାରେ ପହଞ୍ଚି କବୀର ବାବୁ ବଡବାବୁଙ୍କ ରୁମ୍‌ର କବାଟରେ କରାଘାତ କଲା ପରେ ମା' ଅଳସୁଆଙ୍କ ପରି ଉଠିଆସି କବାଟ ଖୋଲିଲେ, ଆଉ ସାମନାରେ କବୀରଙ୍କୁ ଦେଖି ଚମକି ପଡିଲେ, 'ତୁମେ?' କବୀର ବି ଚୁପ୍ ହୋଇଯାଇଥିଲେ । 'ତୁମେ ଏଇଠି କଣ କରୁଛ? ଏତେଦିନ ହେଲା କେଉଁଠି ଥିଲ? ମୋତେ କେବେ ଦେଖା କରିବାକୁ ତୁମର ମନ ହେଲାନି?' କବୀର କୌଣସି ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ବଡବାବୁ ପଛରୁ ଆସିଯାଇଥିଲେ । ବାବୁଙ୍କୁ ଦେଖି ସେ 'ଗୁଡ୍ ମର୍ଣ୍ଣିଂ ସାର୍, ଗୁଡ୍ ମର୍ଣ୍ଣିଂ ମେମ୍' କହି ପଛକୁ ଆସିଗଲେ । ବଡବାବୁ ରୁମ୍ ବାହାରେ ଆସି ଚେୟାର ଉପରେ ବସି ନିଜ ପତ୍ନିଙ୍କ ସହ କବୀର ବାବୁଙ୍କ ପରିଚୟ କରାଇଦେଲେ । ଆଉ କହିଲେ, 'ଆମ କବୀର ବାବୁ ଜଣେ ଭାରୀ ଅମାୟିକ ଆଉ ଭଦ୍ର ଲୋକ । ଆଉ କାଲି ରାତିର କଥାରୁ ଲାଗୁଛି ସେ ଯେମିତି ଜଣେ କବି କିମ୍ବା ସାହିତ୍ୟିକ ସାଧକ ।' ପତ୍ନିଙ୍କ ଆଡକୁ ଚାହିଁ କହିଲେ, 'ଯା' ହେଉ ଆଉ ତୁମେ ଏଇଠି ବୋର୍ ହେବନି । ତୁମ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ସହିତ ସାହିତ୍ୟ ଚର୍ଚ୍ଚା କରିବା ପାଇଁ ଜଣେ ମିଳିଗଲେ।' କବୀରବାବୁ ବଡବାବୁଙ୍କୁ ଅଟକାଇ ମନାକରିବା ପ୍ରୟାସ କଲାବେଳେ ବଡବାବୁ ଥଟା କରି କହିଲେ, 'ଆମ ଶ୍ରୀମତିଙ୍କ ସହିତ ସାହିତ୍ୟ ଚର୍ଚ୍ଚା କଲେ, ଆପଣଙ୍କ ଶ୍ରୀମତିଙ୍କୁ କିଛି ଆପତ୍ତି ଅଛି କି?' କବୀର ଚୁପ୍ ଥିଲେ, ମା' କିନ୍ତୁ ତୀକ୍ଷଣ୍ ଦୃଷ୍ଟିରେ କବୀରକୁ ଚାହିଁ ରହିଥିଲେ।

ସଂଧ୍ୟାରେ ଅଫିସ୍ କାମ ସରିଯିବାପରେ ବଡବାବୁ ସହରେ ଦେଖିବାପାଇଁ ବାହାରି ପଡିଲେ। ସାଥିରେ ମା' ବି ଥାଆନ୍ତି। ବାବୁମା'ଙ୍କୁ ଦେଖିବା ପାଇଁ ରାସ୍ତାଘାଟ ଭିଡ। କବୀର ବାବୁଙ୍କ ଘର ସାମନାରେ କାର୍ ଅଟକାଇ ବାବୁ ଡକେଇ ପଠେଇଲେ। ଘର ଭିତରୁ ଦୌଡି ଆସି କବୀର ବାବୁଙ୍କୁ ଘର ଭିତରକୁ ନିମନ୍ତ୍ରଣ କରିନେଲା, ଆଉ ସାଥିରେ ବାବୁଆଣୀଙ୍କୁ ମଧ୍ୟ। ଘର ଭିତରଟା ସଫା ସୁତରା ଥାଏ। ବାବୁ କହିଲେ,'କବୀର ବାବୁ, ଆପଣଙ୍କ ଘର ତ ଭାରି ସଫାସୁତରା ଅଛି। କାହିଁ ଆପଣଙ୍କ ପତ୍ନୀ ମହାଶୟା ଦେଖା ଯାଉନାହାନ୍ତି?' କବୀର ହସିଦେଇ କହିଲା, 'ସାର୍, ମୁଁ ତ ଅବିବାହିତ, ପତ୍ନୀ ପୁଣି ଆସିବେ କୁଆଡୁ?' ହଠାତ୍ ରଶ୍ମି ପଚାରି ଉଠିଲା, 'ଆପଣ ବିବାହ କାହିଁକି କରି ନାହାନ୍ତି?' କବୀର କିଛି କହିଲା ନାହିଁ କିନ୍ତୁ ତା ଆଖି କୋଣରେ ଧିରେ ଧିରେ ଭରି ଆସୁଥିବା ଦୁଇ ଟୋପା ଲୁହ ରଶ୍ମିଠାରେ ଅଛପା ହୋଇ ରହିଲା ନାହିଁ।

ଲକ୍ଷ୍ମୀପୁରରେ ରହିବାର ଦୁଇ ମାସ ମଧ୍ୟରେ ବହୁ କିଛି ପରିବର୍ତ୍ତନ ହୋଇ ସାରିଥିଲା। ରଶ୍ମିର ସ୍ୱାସ୍ଥ୍ୟରେ ଖୁବ୍ ଉନ୍ନତି ହେବା ପରିଲକ୍ଷିତ ହୋଇଥିଲା। ଏଣେ ବାବୁ ମଧ୍ୟ ନିଶ୍ଚିନ୍ତ ହୋଇ ନିଜ କର୍ତ୍ତବ୍ୟ କରୁଥିଲେ। ସବୁ କିଛି ଠିକ୍ ଚାଲିଥିଲା। ତେଣେ କବୀର ଆଉ ରଶ୍ମି ମଧ୍ୟ ବାବୁଙ୍କ ଉପସ୍ଥିତି ଆଉ ଅନୁପସ୍ଥିତିରେ ବସି ସାହିତ୍ୟ ଚର୍ଚ୍ଚା କରୁଥିଲେ। କବୀର ବାହାରର ଲୋକ କମ ଆଉ ଘର ଲୋକ ବେଶି କଣାପଡୁଥିଲା। ରଶ୍ମି ମନେ ପକାଉଥିଲା ତା ଜୀବନର କିଛି ସବୁଜ ଦିନ, ଆଉ ଶୀତ କାକର ରାତି କଥା,

ଆଠ ବର୍ଷତଳେ, ରଶ୍ମି ଥିଲା ଭୁବନେଶ୍ୱରର ସ୍ୱନାମଧନ୍ୟ ବିଜେବି କଲେଜ୍‌ର ଯୁକ୍ତ ତିନି ସାହିତ୍ୟର ଛାତ୍ରୀ, ଆଉ ତା ସହପାଠୀ ଥିଲା, କବୀର। ଏକାଠି ପାଠ ପଢ଼ିବା ସହିତ ପରସ୍ପରର ନିବିଡ ହେବାର ସୁଯୋଗ ଥିଲା। ଆଉ ଯେମିତି ହୁଏ, ରଶ୍ମି କବୀରର ଜଣେ ଭକ୍ତ ହୋଇପଡିଲା। ସୁନ୍ଦର ଚେହେରା ଆଉ ଉନ୍ନତ ଜ୍ଞାନ ତଥା ପଠନରେ ସର୍ବୋତ୍ତମ କବୀରକୁ ପାଇବାକୁ ଯେ କୌଣସି ଝିଅ ଚାହିଁବ। କିନ୍ତୁ ରଶ୍ମିର କଥା ଥିଲା ନିଆରା। ସେ ବି ରୂପଗୁଣରେ କିଛି କମ ନଥିଲା, ଖାଲି ଯାହା ବଡଘର ଝିଅ ବୋଲି ନାକ ଅଗରେ ରାଗ ରଖି ସମସ୍ତଙ୍କୁ ଡରେଇ ଧମକାଇ କାମ ହାସଲ କରିବା ଜାଣିଥିଲା। ସେ ଜାଣିନି କେଉଁ ମୂହୁର୍ତ୍ତରେ ସେ କବୀରକୁ ଭଲ ପାଇବସିଲା। କିନ୍ତୁ କବୀରଥିଲା ଉଦ୍ୟମୀ ଆଉ ଜୀବନରେ ଉଚ୍ଚ ଆଶା ରଖି ଆଗକୁ ବଢିବା ଭଳି ଯୁବକ। ସେ ଭଲପାଇବା ଭଳି ଭୁଲ କରିବସିବା କୁ ଚାହୁଁନଥିଲା। ତା'ପାଇଁ ପ୍ରଥମ ଥିଲା ଶିକ୍ଷା କାରଣ ଭଲ ପାଠ ପଢି ଉଚ୍ଚଶିକ୍ଷିତ ହେବା ସହିତ ସେ ଅଧିକ ବେତନରେ ଚାକିରୀ କରି ନିଜର ପରିବାରର ପୋଷଣ କରିବାକୁ ଚାହୁଁଥିଲା।

ବାରଂବାର କବୀର ପଛରେ ପଡି ପଡି ରଶ୍ମି ବିଶ୍ୱାମିତ୍ରଙ୍କ ତପସ୍ୟା ମେନକା ଭଙ୍ଗକଲା ପରି କବୀରର ମନକୁ ତରଳାଇ ଦେଇଥିଲା। ଆଉ ତା'ପରେ ବଦଳି ଯାଇଥିଲା, କବୀରର ଜୀବନ। ରଶ୍ମିକୁ ନେଇ ଗଳ୍ପ କବିତା ଆଉ କେତେ କଣ ସବୁ ରଚିଯାଇଥିଲା ସେ। ତିନି ବର୍ଷର ବିଦ୍ୟାର୍ଥୀ ଜୀବନରେ ଯେଉଁ ଭୂଲ ସେ କରିନଥିଲା, ଶେଷ ବର୍ଷରେ ସେ ଭୁଲ କରିବସିଲା କବୀର। ଯଦ୍ୟପି ପରୀକ୍ଷାରେ



ଉତ୍ତୀର୍ଣ୍ଣ ହେଲା କିନ୍ତୁ ଆଶାକରିଥିବା ମାର୍କ ପାଇଲା ନାହିଁ। କଲେଜ ବନ୍ଦ ହୋଇଗଲା, ରଶ୍ମୀ ସହିତ ମିଳାମିଶା କରିବା ସ୍ୱପ୍ନ ହୋଇଗଲା, ଏଣେ ରଶ୍ମୀର ବାପା ମା' ବିବାହ ପାଇଁ ପ୍ରସ୍ତାବ ପାଇଁ ଚିନ୍ତିତ ହେଲା ବେଳେ, କବୀରର ବେକାରି ଯୋଗୁଁ ରଶ୍ମୀ ତା'କୁ ନିଜ ବାପାମା'ଙ୍କ ସାମନାରେ ଠିଆ କରାଇ ପାରିଲା ନାହିଁ। ଆଉ ଏହି ସମୟରେ ଆବିର୍ଭାବ ହେଲେ ବଡବାବୁ ଓରଫ୍ କୈଳାଶ। ଦିନେ ବଜାରରେ ନିଜପାଇଁ ସାର୍ଟ କିଣୁଥିବା ବେଳେ ରଶ୍ମୀକୁ ଦେଖି ମନ ଦେଇ ବସିଲେ, ଆଉ ନିଜ ବନ୍ଧୁଙ୍କ ସହାୟତାରେ ଦିନେ ପହଞ୍ଚିଗଲେ ରଶ୍ମୀଘରେ ଆଉ ତା' ବାପାମା ସମ୍ମୁଖରେ ରଖିଲେ ଝିଅ ରଶ୍ମୀ ସହିତ ବିବାହର ପ୍ରସ୍ତାବ। ଅନାୟାସରେ ଯୁଦ୍ଧ ଜୟକରିଥିଲେ କୈଳାସ ବାବୁ। ରଶ୍ମୀ ଚୁପ୍ ରହିଥିଲା ସତ କିନ୍ତୁ ମନରେ

କେବେବି କୈଳାଶଙ୍କୁ ନିଜ ସ୍ୱାମୀ ରୂପରେ ଗ୍ରହଣ କରି ପାରିଲା ନାହିଁ। ବିବାହ ପରେ ବାବୁ ବହୁତ ଉଚ୍ଚାଭିଳାଷି ହୋଇ ବିଦେଶ ଗସ୍ତକରି ଚାକିରୀରେ ପଦୋନ୍ନତି ପାଇବା ଦୌଡରେ ସାମିଲ୍ ହୋଇଗଲେ ଆଉ ଘରେ ଏକା ହୋଇଗଲା ରଶ୍ମୀ। ଆଉ ଦୀର୍ଘ ଆଠବର୍ଷ ବିବାହୋପରାନ୍ତ ବିତିଯାଇଥିଲେ ସୁଦ୍ଧା ନା ମନ ମିଶିଥିଲା ନା ତନୁ। କବୀରଙ୍କ ଔରସରୁ ସନ୍ତାନ ପାଇବାର ଅଦମ୍ୟ ଇଚ୍ଛାକୁ ସେ ଆଉ ଦବେଇ ରଖିପାରି ନଥିଲା।

ସେଦିନ କୈଳାଶ ସରକାରୀ କାମରେ ସହର ଯାଇଥିବା ବେଳେ ରଶ୍ମୀ ନିଜକୁ ସମର୍ପି ଦେଇଥିଲା କବୀର ସମ୍ମୁଖରେ, କିନ୍ତୁ ନୀତିବାଦୀ କବୀର ଏହାକୁ ସହଜରେ ଗ୍ରହଣ କରିନଥିଲା। ହିନ୍ଦୁ ଧର୍ମର ମାନ୍ୟତା ରେ ସେ ଥିଲା ଅନ୍ୟର ସ୍ତ୍ରୀ, ଆଉ ପର ସ୍ତ୍ରୀ ଉପରେ କୁଦୃଷ୍ଟି ପକାଇବା, କିମ୍ବା କୌଣସି ପ୍ରକାର କୁକର୍ମରେ ଲିପ୍ତ ହେବା ଜଘନ୍ୟ ଅପରାଧ ବୋଲି ଗଣ୍ୟ ହୁଏ। କିନ୍ତୁ କବୀରକୁ ସେଦିନ ମୁଣ୍ଡ ନୁଆଇଁବାକୁ ପଡିଲା ଯେତେବେଳେ, ରଶ୍ମୀ ଧାରୁଆ ଛୁରୀକୁ ନିଜ ହାତର ଧମନୀ ଉପରେ ରଖି ତାକୁ ଧମକାଇଥିଲା। ସନ୍ଧ୍ୟାରେ ବାବୁ ସହରରୁ ଫେରିଲା ବେଳକୁ ରଶ୍ମୀ ସାରିଦେଇଥିଲା, ତା' ଖେଳ।

ଅନେକ ଦିନ ପର୍ଯ୍ୟନ୍ତ କବୀର ଆଉ ଦେଖା ଦେଇନଥିଲା ରଶ୍ମୀକୁ। କବୀର ଚେଷ୍ଟା କରୁଥିଲା ଲକ୍ଷ୍ମୀପୁରରୁ ବଦଳି ହୋଇ ଯିବ ଅନ୍ୟସ୍ଥାନକୁ। କିନ୍ତୁ ସରକାରୀ କଳ ଏହା ହେବାକୁ ଦେଉନଥିଲେ। ତିନିମାସ ପରେ ଦିନେ ବଡବାବୁ ଭାରି ଚିନ୍ତିତ ମନରେ ତା'ଙ୍କ ଆବାସ ସାମନାରେ ବସି କବୀର ସହ କଥାହେଉଥିଲା ବେଳେ ମିଳିଥିଲା ବାର୍ତ୍ତା, କବୀରର ହୋଇଯାଇଥିଲା ବଦଳି, ଏହି ଖବର ଶୁଣି କବୀର ସାମାନ୍ୟ ଆନନ୍ଦିତ ହେଲା ବେଳକୁ ରଶ୍ମୀର ସ୍ୱାସ୍ଥ୍ୟ ହୋଇଉଠିଥିଲା ଅସ୍ୱସ୍ଥ, ସେ ଘର ଭିତରକୁ ଦୌଡିଯାଇ ଓଟାରି ହେଉଥିଲା ବାନ୍ତି କରିବା ପାଇଁ। କିଛି ସମୟ ଭିତରେ ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର ବାବୁ ପରୀକ୍ଷା କରି କହୁଥିଲେ, 'କୈଳାଶ ବାବୁ, କଂଗ୍ରାଚୁଲେସନ୍, ଆପଣ ବାପା ହେବାକୁ ଯାଉଛନ୍ତି।' ବଡବାବୁ ନିଜ କାନକୁ ବିଶ୍ୱାସ କରିପାରୁନଥିଲେ। କବୀର ନିରବରେ ଉଠି ଚାଲିଯାଉ ଯାଉ ବଡବାବୁ କହୁଥିଲେ, 'କଣ ହେଲା କବୀର ବାବୁ। ଆପଣ ମୋ ଖୁସି ଦେଖି ମନେ ମନେ ଭାବୁଛନ୍ତି ନା, ଆପଣ କାହିଁକି ବିବାହ କରିନାହାନ୍ତି? ବାପା ହେଲେ କେତେ ଖୁସି ମିଳେ?' କବୀର ମୁହଁରେ ସାମାନ୍ୟ ହସଥିଲା, ଆଉ ସେ ବଦଳି ପାଇଁ ଆସିଥିବା ପତ୍ରଟିକୁ ଚିରି ଫୋପାଡି ଦେଇ ନିଜ ବସାକୁ ଚାଲି ଯାଉଥିଲା। ଆଜି ଦେବଦାରୁ ଗଛର ଦେହରେ ଘଷି ହେଉଥିବା ପବନ ତାକୁ ଅଧିକ ମଧୁର ଲାଗୁଥିଲା ଆଉ ସେ ବି ଭାରୀ ଖୁସି ଦିଶୁଥିଲା।

ଡ ଜ୍ୟୋତି ପ୍ରସାଦ ପଟନାୟକ

# ସତ୍ୟର ସାମନା

## ଶିବ ମିଶ୍ର

ବହୁତ ପରିଶ୍ରମ କରି ନିଜକୁ ପ୍ରସ୍ତୁତ କରିଥିଲା। ତେଣୁ ଇଣ୍ଟର୍‌ଭିୟୁରେ ଭଲ କରିଥିଲା। ଫେରିବା ବେଳକୁ ସେହି ଅଫିସର୍ ଜଣେ ପିଅନ ତାକୁ ପଛରୁ ଡାକି କହିଲା, ହାକିମ୍ କହିଛନ୍ତି ସଞ୍ଜରେ ବଙ୍ଗଳାରେ ତାଙ୍କୁ ଦେଖା କରିବାକୁ। ପିଅନଠୁ ସେ ହାକିମ୍‌ଙ୍କ ବଙ୍ଗଳାର ଠିକଣା ଓ ରାସ୍ତା ବୁଝିନେଲା।

ଠିକ୍ ସମୟରେ ସେ ଯାଇ ବଙ୍ଗଳାରେ ପହଞ୍ଚିଲା। ଖବର ପାଇ ହାକିମ ଉପରେ ମହଲାରୁ ତଳକୁ ଆସିଲେ। ୧୫ ଦିନ ମଧ୍ୟରେ ପଚାଶ ହଜାର ଟଙ୍କା ଦେଲେ ନିଯୁକ୍ତି ପତ୍ର ମିଳିବ ବୋଲି ସିଧା ଶୁଣାଇ ଦେଲେ। ସେ ମୁଣ୍ଡ ହଲାଇ ବାହାରକୁ ବାହାରି ଆସିଲା। ହଁ କଲା କି ନା, ନିଜେ ବି ବୁଝି ପାରିଲା ନାହିଁ।

ସେଦିନ ରାତିରେ ବସ୍‌ରେ ବସି ନିଜ ସହର ଆଡକୁ ଫେରୁଥିବା ବେଳେ ସେ ନିଜ ବାପାଙ୍କ କଥା ଚିନ୍ତା କରୁଥିଲା। ସେ ବି ସରକାରୀ କର୍ମଚାରୀ। ଭାରି ଆଦର୍ଶବାଦୀ। ଲାଞ୍ଚକଥା ତାଙ୍କୁ କେମିତି ଜଣାଇବ, ସେଇକଥା ସେ ଭାବୁଥିଲା। ସେ କଥା ଶୁଣିଲେ ବାପା ନିଶ୍ଚୟ ରାଗିବେ। ତାଙ୍କୁ ସେଭଳି ଅନୁରୋଧ କରିବାକୁ ତାକୁ ସଙ୍କୋଚ ଲାଗିଲା। ବହୁତ ଭାବିଚିନ୍ତି ଠିକ୍ କଲା, ସେ କେବେହେଲେ ଲାଞ୍ଚଦେଇ ଚାକିରୀ କରିବ ନାହିଁ। ଦରକାର ହେଲେ ସେଇ ଲାଞ୍ଚୁଆ ଅଫିସରକୁ ପୁଲିସରେ ଧରାଇ ଦେବ।

ଭୋର ସମୟରେ ଘରେ ପହଞ୍ଚି ସେ ଶୋଇ ଯାଇଥିଲା, ଉଠିଲା ବହୁତ ଡେରିରେ। ତା' ମନ ଭିତରକୁ ସେଇ କଥା ବାରମ୍ବାର ପଶି ଆସୁଥିଲା। ବାପାଙ୍କୁ ସେଇ କଥା ଜଣାଇଦେବା ପାଇଁ ତା'ମନ ଉଚ୍ଛନ୍ନ ହେଉଥିଲା। ତେଣୁ ବାପା ଫେରିବା ସମୟ ପର୍ଯ୍ୟନ୍ତ ଅପେକ୍ଷା ନକରି ଗାଧୁଆ, ଖିଆ ଶେଷକରି ବାପାଙ୍କୁ ତାଙ୍କ ଅଫିସରେ ଦେଖା କରିବାକୁ ବାହାରିଗଲା।

ବାପାଙ୍କ କୋଠରୀରେ ପଶୁପଶୁ ସେ ଦୁଆର ପାଖରେ ଟିକିଏ ଅଟକି ଗଲା। ପରଦା ଫାଙ୍କରୁ ଦେଖିଲା, ଭିତରେ କିଏ ଜଣେ ଲୋକ ଅଛି। ସେ ଲୋକ ବାପାଙ୍କ ହାତକୁ ବିଡାଏ ଟଙ୍କା ବଢାଇଦେଲା। ବାପା ଚଟ୍‌କରି ତା'ହାତରୁ ଟଙ୍କା ନେଇ ନିଜ ବ୍ୟାଗ୍ ଭିତରେ ରଖିଦେଲେ। କହିଲେ, 'କାମ ହୋଇଯିବ। ଆପଣ ନିଶ୍ଚିନ୍ତରେ ରହନ୍ତୁ।'

କେତେବେଳୁ ଲୋକଟା ଚାଲିଗଲାଣି, ହେଲେ ସେ ଠିଆ ହୋଇ ରହିଥିଲା ପର୍ଦା ଏପାଖରେ। ବାପାଙ୍କୁ ଏଇ ନୂଆ ରୂପରେ ଦେଖି ତା'ମୁଣ୍ଡରୁ ଗୋଟେ ବଡ ବୋଝ ଓହ୍ଲାଇଗଲା ନା ତା'ଉପରେ ବଡ ପାହାଡଟିଏ ନଦି ହୋଇଗଲା- ସେ ବୁଝି ପାରୁନଥିଲା।

ବାଣପୁର, ଖୋରଧା

# ଶେଷ ସକାଳ

## କୃପାସିନ୍ଧୁ ପ୍ରଧାନ (ଟୁକୁ)

ପ୍ରିୟା,

ସକାଳର ସୂର୍ଯ୍ୟପରି ଆଶ୍ୱିନର କାଶତଣ୍ଡୀ- ଇଷ୍ଟଦେବୀଙ୍କ ଶରଣରେ ସନ୍ଧ୍ୟା। ଅଳସୀ ନଈର ଅମାନିଆ ସ୍ରୋତ। ସକାଳୁ ସକାଳୁ ପାଟ ଅଗଣାରେ କଳା କାଉର କରୁଣ ଚିତ୍କାର- ରବେଇ ଖବେଇ। ଅଝାଲ୍ ଶେଫାଳୀର ଖଣ୍ଡ ଖଣ୍ଡ ଗଙ୍ଗ ଶିଉଳୀ। ଜହ୍ନି ଫୁଲର ବାସ୍ନାରେ ଅତଡା ଅତଡା- ଫୁଲ ବଉଳ ବେଣୀ। ଚନ୍ଦନ ଟିପା- ପାହାନ୍ତି ତାରାର ଛାଇ ଆଉ ଶରତ ସନ୍ଧ୍ୟା ଆକାଶର ଛବି। ଚୂନା ଚୂନା ଭସା ବାଦଲରେ ଜାହ୍ନବୀର ଲୁଚକାଳି ଖେଳ। ବଂଚା ବଂଚା ମେହେନ୍ଦିରେ ଗ୍ରହ ନକ୍ଷତ୍ର ମିଟି ମିଟି। ସାମୟିକରେ ଥିରି ମଳୟର ବାସ୍ନା ଯେମିତି ହେଲେ ବି ଭଲ ଲାଗେ- ଉପଭୋଗ୍ୟ ସିଏ- ଶ୍ରାବଣର ବର୍ଷା ପରି ବେଅକଲ୍ ନୁହେଁ- ନୁଉଛୁଣା।

ଦୂରରୁ ଅଦ୍ୱିତୀୟ ତରଙ୍ଗ ପରି ଅଥୟ ଆଉ ଅଧିର, ସାଗରିକାର ଛଳନା ଭରା ନେତ୍ର-ଅପଲକ ନୟନ। ଜାହ୍ନବୀ ଜ୍ୟୋସ୍ନାରେ ମୁକ୍ତା ମୁକ୍ତା ପରି କୈବଲ୍ୟ ପୁଟୁଳି। ଯୌବନୀ ଦେହରେ ମୌସୁମୀ। ଯୌବନୀ ପିଡୀରେ ମାନେନା- ଆଉ ମାନେନା।

ଯେତେବେଳେ ସୂର୍ଯ୍ୟ ପୂର୍ବ ଦିଗରେ ଉଦୟ ହୋଇ ପଶ୍ଚିମ ଦିଗରେ ଅସ୍ତ ଯାଆନ୍ତି, ନଈ ତୁଠରେ ପାଣି କଳସୀରେ ତୁମ କଥା ବହୁତ ମନେ ପଡେ। ଯେତେବାଟ ଯେତେ ବି ପଥ ଅତିକ୍ରମ କରେ- ସେତେ ସେତେ ଆପଣାର ଲାଗ। ନିହାତି ଆପଣାର ପରି ଲାଗ। କଥାରେ କଥାରେ- ଭାବନାରେ ଭାବନାରେ ବୁଲି ବୁଲି ବାଟ ସରିଯାଏ- ଏକା ଏକା। ଗହଳି ଭିତରେ ଯିବାଟା ଆଦୌ ପସନ୍ଦ ହୁଏନି। ଜଣେ ହେଲେ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ଚଳିବ, କିନ୍ତୁ କାଳେ କଷ୍ଟ ଲାଗିବ-ତେଣୁ ତୁମ ମୁହଁର କଥା- ତୁମ ମୁହଁର ଅନ୍ତର ଖୋଲା ହସ। ମନ ଭିତରକୁ ଯେମିତି ବେଖିଆଲି ହୋଇ ପଶିଆସେ। ମୁଁ ସେଥିରେ ମଜ୍ଜିଯାଏ, ଖାଲି ମଜ୍ଜିଯାଏ। ବହୁତ ଭଲ ଲାଗେ ଏ ସବୁ। ହଁ ମୁଁ ତୁମକୁ ଦେଖି ପଚାରିନି, କେମିତି ଅଛ ବୋଲି? ସେଥି ପାଇଁ ରାଗିବ ନି। ଯଦି କିଛି ମୋର ଭୂଲ ଅଛି ବୋଲି ଭାବୁଛ ସରି କହୁଛି, କାନ ଧରି ଉଠବସ ହୋଇ କହୁଛି- ଆଉ ସେ ଭୂଲ କେବେ ହେବନି। ଏବେ ମୋତେ ମାଫ୍ କରିଦିଅ।

ତୁମକୁ ମୁଁ ମାସେ ଖଣ୍ଡେ ହେବ ଦେଖିନି। କି ତୁମ ହାତଲେଖା ଚିଠି ଖଣ୍ଡିଏ ବି ପାଇନି। କାହିଁକି ଏତେ ଅଭିମାନ କରିବସିଛ। କାହିଁକି ମୋ ସହିତ କଥା ପଦୁଟିଏ ହେଉନ? ତୁମେ ଭଲ ଭାବରେ ଜାଣିଛ, ତୁମ ବିନା ମୁଁ କ୍ଷଣଟିଏ ବି ବଞ୍ଚିପାରେନି। ଆଉ ସେଥିରେ ବି ଯଦି ତୁମେ ମୋ ସହିତ ଏମିତି କରିବ ମୁଁ କେମିତି ବଞ୍ଚିବି କହିଲ?

ହେଲେ ମୁଁ କଣ କରିପାରିବି? ସମାଜର ତାଡନାକୁ ମୋର ଡେର ଭୟ। ଟିକେ କଥାକୁ ତ ଚହଟାଇ ଚହଟାଇ ବଡ କରିବାରେ ବେଶ୍ ଧୁରନ୍ଧର। ତଥାପି ଆଉ ଦୁଇ ତିନି ବର୍ଷ ଯାଉ କହିଦେବି। ତୁମେ ମଧ୍ୟ ତୁମ ଘରେ କହି ଦେଇଥିବ। ଭୁଲିବ ନି।

ତୁମେ ଯାଇ ଖାଇନିଅ। ମୋତେ ବି ଭୋକ ହେଲାଣି। ଖାଇବି। ମୋତେ ଭୁଲିଯାଇ ଆଉ କାହାର ହୋଇଯିବନି। ଏକା ଏକା ଏତେବଡ ଦୁନିଆରେ ତୁମ ବିନା ବଞ୍ଚିହେବନି। ତୁମ ଛଡା ଏତେବଡ ଦୁନିଆରେ କେହି ବି ଆପଣାର ଲାଗନ୍ତି ନି।

କାହିଁକି ଏତେ ଭଲ ପାଅ ପ୍ରିୟେ? ମୁଁ ତ ସାଧାରଣ। ନତା ଦି ବିତାର ଛାତ, ଚାରିପାଞ୍ଚଟି ସରୁ ବାଉଁଶର ଠେଲା, ଆଉ ହାତେ ଦେଡ ହାତ ଲମ୍ବର ଯାଗା। ସେଥିରେ ପେଟ ଚାଖଣ୍ଡକ ବି ପୁରେନି। ମୋ ରୋଜଗାଡ଼ ବି ଏତେ ଅଧିକ ନୁହେଁ। ଯାହାକୁ ନେଇ ଭବିଷ୍ୟତ ଗଢି ହେବ; କାହାକୁ ନେଇ ଏତେ ଅବା ସ୍ୱପ୍ନ?

ଆଚ୍ଛା ପ୍ରିୟେ, ମୁଁ ଖୁସିରେ ଯାହା ବି ଦେଲେ ରଖୁନ କାହିଁକି? ଜାଣିଛ, ମୋ ମନକୁ ବହୁତ କଷ୍ଟ ହେଉଛି। ସତକଥା ପ୍ରିୟେ, ତୁମ ସହିତ ଦେଖା ହେବାକୁ ଆଉ କଥା ହେବାକୁ କେତେ ଇଚ୍ଛା। ତୁମେ ଅବଶ୍ୟ ଏ କଥା କହୁଥିଲ ଯେ; ତୁମ ଡର ତ ତୁମ ପିଛା ଛାଡୁନି। କିନ୍ତୁ ସତକଥା। ମୁଁ ଏଥି ପାଇଁ ବହୁତ ଖୁସି।

ମୁଁ ବୋଧ ହୁଏ ତୁମକୁ ବହୁତ ଥର କହିଲିଣି- ମୋ ରୋଜଗାର ଉପରେ ବହୁତ ଅଧିକାର ଅଛି, ହେଲେ ତୁମେ ଏସବୁ କଥା ଶୁଣିବାକୁ ଆଦୌ ତୟାର ନୁହଁ। ପଚାରିଲି- ତୁମର କଣ ଦରକାର? ହେଲେ କହୁନାହଁ। ହେଲେ ଏବେ ତୁମେ କହୁଛ, - ମୋ ହାତ ଲେଖା ଚିଠି। ପୁଣି ବହୁତ ପୃଷ୍ଠା ଲେଖିବାକୁ କହୁଛ, ହେଲେ ମୁଁ କଣ କରିପାରିବି? ମୁଁ ତ ଲେଖକ କିମ୍ବା ପ୍ରାବନ୍ଧିକ ନୁହେଁ ଯେ ଅନେକ ପୃଷ୍ଠା ଅନାୟାସରେ ଲେଖି ଦେବି। ଯାହା ଲେଖିଦେଉଛି, ପଢିନେବ, ମନ କଷ୍ଟ କରିବନି। ଜୀବନସାଥୀ ପରା।

ହଁ ପ୍ରିୟେ, ତୁମେ ଭୁଲି ନଯିବାକୁ କହୁଛ। ମୁଁ ସେହି ଦିନ ଭୁଲିଯିବି ମାନସୀ। ଯେଉଁଦିନ ଭଙ୍ଗାକୁଡିଆର ଛାଇରେ ରହି ଏଇ ହାଡ ମିଶା ରକ୍ତ ଆଉ ମାଂସ ଦେହରେ କଷଣ ଗୁଡାକ ଜଡପରି ମଥାପାତି ସହି

ନେଉଥିବି। ମହାଭାରତର ପ୍ରତିଜ୍ଞିତ ଶର ତୀକ୍ଷ୍ଣ ହେଲେବି ଛୁଇଁବାକୁ ପଡୁଥିବ, ଆଉ ମରିବାକୁ ଇଚ୍ଛା ନଥିବ ହେଲେ ବଂଚିବାଟା ମୋ ଆଗରେ ଅଦୃଶ୍ୟ ସୁତାଖିଅ ପରି ଅସରା ବାହାରେ ଝୁଲୁଥିବ। ମୁଁ ତ ନିଷ୍ଚୟ ଜାଣିପାରିବି ପ୍ରିୟେ- ଦୁଃଖ ମୋ ଜୀବନର ଛାଇ, ତେଣୁ ଆପଣାଠୁ ଆପଣା ଲାଗୁଥିବା ମଣିଷକୁ କାହିଁକି ସେ କଷଣ ପୟୋଧିକୁ ଠେଲିଦେବ?

ହଁ ମାନିନୀ, ମୁଁ କେଉଁଦିନ ନ ଦେଖେ ତୁମ ହାତରେ ତୀକ୍ଷ୍ଣ ଛୁରୀର ଦାଗ ଆଉ ଭଲ ପାଇବାର ଚିଠିରେ ରକ୍ତ ଜୁଡୁବୁଡୁ ଅକ୍ଷର। କଣ ମୁଁ ଲେଖିଲି ବୋଲି??? ମୋ ଦେହ କଷ୍ଟ ସହୁ- ଚଳିବ କିନ୍ତୁ ତୁମ କଷ୍ଟ ମୁଁ ଦେଖିପାରିବିନି। ତୁମ ଦେହର କଷ୍ଟ ମୋ ଦେହରୁ ଲହୁ ହୋଇ ଝରିବା ଆରମ୍ଭ କରେ। ସେମିତି କରିବନି। ତୁମ ମୁହଁର ହସ, ତୁମ କଥା,

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ତୁମ ଦୁଷ୍ଟାମୀ ମନର ସଂକେତ ମୋ ପାଇଁ ବହୁତ ଅଧିକ।

ହଁ ମୋତେ ଲାଗୁଛି ଆମ ଘରେ ପ୍ରାୟ ଜାଣି ସାରିଲେଣି। ଖୁସି ଜଣା ଯାଉଛନ୍ତି ତ! ମୋତେ ନିଶ୍ଚୟ କହିବ, ତୁମ ଘରେ କେଉଁମାନେ ସଂକେତ ବୁଝିଲେଣି। ତୁମେ ପଚାରିଥିଲ ମୁଁ କହିଲି ଏବେ ତୁମେ କୁହ। ମୋ ପ୍ରଶ୍ନର ଉତ୍ତର ଦିଅ।

ଶୁଣିଲି- ଶ୍ରାବଣ ବର୍ଷାରେ ଓଦା ହେବକୁ ତୁମେ ଭଲ ପାଉଛ? ମୋତେ ବି ବହୁତ ଭଲ ଲାଗେ। ହା ହା ହା ମଜା କରୁଛି, ସେ ପାଗଳାମୀ ମୁଁ କରେନି କି କରିବିନି। ଓହୋ ରାଗୁଛ।

ରାଗିବନି, ପ୍ରାୟ ପାଞ୍ଚ ଛଅମାସ ହେବ ତୁମ ସହ ଦେଖା ହୋଇନି। ମୋତେ କ୍ଷମା କରିଦେବ। ଆସିବ- ଦେବୀ ଦର୍ଶନରେ ଯିବା , ତୁମେ ଗଲେ ହିଁ ମୁଁ ଯିବି ନୋଇଲେ ନାହିଁ।

ଦୀର୍ଘ ଛଅ ମାସର ପ୍ରଶ୍ନ ଆଉ ତା' ଉତ୍ତର- ସେଇଠି ନିରବ ଆଉ ନିଶ୍ଚଳ- ଜଡ। ଜୀବନରେ ପ୍ରଥମ ଥର ହୃଦୟଦେଇ ଭଲପାଉଥିବା ମଣିଷର ଅପେକ୍ଷା ଭଳି ଯନ୍ତ୍ରଣାକୁ ସହି ପାରୁନଥିଲେ ବି ଆପଣାଠୁଁ ଆପଣା ଲାଗୁଥିବା ମଣିଷକୁ- ମାନସୀକୁ ସେ ଭରସାରେ ରଖିଥିଲା ଯୌବନର ମେଞ୍ଚା ମେଞ୍ଚା ସ୍ୱପ୍ନରେ ଜୀବନସାଥୀର ବଣମଲ୍ଲୀ, ଶରତ ଆକାଶ ପରି ମେଘବାଦଲ ଖଣ୍ଡ ଖଣ୍ଡ ହୋଇ ଝୁଲି ପଡୁଥିଲା।

ମୁଁ ତୁମକୁ ବହୁତ ଭଲ ପାଏ।

ମୋତେ କ୍ଷମା କରିଦେବ ପ୍ରିୟା ଶୁଣି ମନ ଦୁଃଖ କରିବନି, ମୁଁ ତୁମକୁ ଭଲ ପାଇ ପାରିବି ନି, ସେଇଥି ପାଇଁ ଆଗକୁ ବଢି ପାରୁନି। କାରଣ ଅନ୍ତରର ଯନ୍ତ୍ରଣା ଲେଖେଇ ଦେଉନି।

ଭୂଲିଯିବନି। ଦେଖିଲେ କଥା ହେବ- ନହେଲେ ମୁଁ ମରିଯିବି। କହିଥିଲ ପରା ମୋ ଖୁସିରେ ଖୁସି ହେବ। ଅଧୈର୍ଯ୍ୟ ହେବନି। ମୋ କଥା ମାନିବ। ମୋ ପରେ ଯେଉଁ ସୁନ୍ଦରୀ ଘରଣୀ ଘରକୁ ଆଣିବ, ତାକୁ ମୋ କଥା କହିବନି। କି ମୋ ସ୍ମୃତିକୁ କିଛି ଦେଖେଇ ଦେବନି- ଶାନ୍ତ ପରିବାରରେ ଝଡ ଆସିବ। ମୋ ସ୍ମୃତିକୁ ନ ଫୋପାଡି ଯଦି ସଜେଇ ରଖିଥାଅ, ତେବେ ତାକୁ ଫିଙ୍ଗିଫୋପାଡି ଦିଅ କିମ୍ବା ଜଳାଇ ପକାଅ। ଯଦି ମୋତେ ସତରେ ଭଲ ପାଉଥିଲ- ତେବେ ମୋତେ ନେଇ ଆଉ ଜୀବନ୍‌ସାଥୀର ସ୍ୱପ୍ନ ଦେଖିବ ନି। ହଁ ଗଳ୍ପକବିତାର ସୃଷ୍ଟି ସମାପ୍ତିବ ନାହିଁ। ଠିକ ସମୟରେ ଖାଇବ। ପାରିବାରିକ ସଂପର୍କର ବିଶାଳ ସେତୁ ଜୀବନସାଥୀର ଚୟନରେ ଭାଙ୍ଗି ନ ପଡୁ। ହେଉ ସେ ଆଦାନଳ, ମୁଁ ସେଥିରେ ଜଳିପୋଡି ମରିଯାଉଥାଏ- ସେସବୁ ସହିଯିବାକୁ ରାଜି ଅଛି। ହେଲେ ତୁମେ ଜାଣତ ନାରୀ ମାତ୍ରେ ହି ସେପରି। ଥରେ ଦୋଷକଲେ ସାରା ଜୀବନ ପାଇଁ କଳଙ୍କିନୀର ଉପାଧି ପାଇଥାଏ। ସମାଜର ତାଡନା ରକ୍ତମାଂସ ଦେହରୁ ସିଝି ସିଝି ମାନସ ପଟରୁ ଛବି ଆଙ୍କିବା  ବନ୍ଦ ହୋଇଯାଏ। ତୁମକୁ ତ ଏ କଥା ନିଶ୍ଚୟ ଜଣାଥିବ।

ହଁ ଚିଠି ପାଇ ନିଶ୍ଚୟ ଉତ୍ତର ଦେବ। ଭୁଲିଯିବନି- ତୁମକୁ ମୋ ରାଣ। ତୁମ ଫେରିବା ବାଟକୁ ଚାହିଁ ରହେ- ଠିକ୍ ସେପରି ଆଜି ତୁମ ଚିଠି ପାଇଁ ରାସ୍ତା ଦେଖୁଛି। ଉତ୍ତର ନପାଇଲେ ବହୁତ କଷ୍ଟ ସହିବି।

ଇତି

ତୁମର ସିଏ।

ସବୁଦିନ ଠାରୁ ପ୍ରିୟା ଆଜି ସଂପୂର୍ଣ୍ଣ ଅଲଗା ଲାଗୁଥିଲା। ବାଡିବଗିଚାର ଟିକି ଟିକି ଘାସ ଗାଲିଚା ଆଉ ସେଥିରେ ମିଶି ଲଗାଇଥିବା ପ୍ରତାରିକା ଗୋଲାପର ଆଖି ମିଟି ମିଟି ସଜଳ ପରିଲାଗୁଥିଲା। ସେହି ଦିନ ଭାବି ନେଇଥିଲି- ଯେଉଁ ଛଳନା ରହିତ ଭଲ ପାଇବାକୁ ଘୃଣାକରି ଜୀବନସାଥୀ ଚୟନରେ ପ୍ରତିବନ୍ଧକ ଦେଇଥିଲି। ପରେ ସେହି ହାତତିଆରି ବନ୍ଧକୁ ଭାଙ୍ଗି ଯେଉଁ ଜୀବନସାଥୀ ବାଛିଲି- ସେ ସବୁ ଛଳନା ସ୍ରୋତରେ କେଉଁ ଦୂରରାଇଜକୁ ଭାସିଗଲା ଯେ; ସେଥିରେ ମରି ହେଉନି କି ବଂଚି ହେଉନି। ଜୀବନ ବାହିବା ନିହାତି ଅସାର।

ସମାଜଟା ଅଦୃଶ୍ୟ। ଦେଖିହୁଏନି, ମଣିଷ ତିଆରି। ନିଜସ୍ୱ ଅସ୍ତିତ୍ୱ ନାହିଁ। ଭଲକଲେ ସମାଜ ବୁଝେନି। ବିଳମ୍ବ କରେ। କଳଙ୍କ ଥରେ ଲାଗିଲେ କ୍ଷଣ ମଧ୍ୟରେ ତୁଣ୍ଡ ବାଇଦ

# ଅସୀମ ଆଶା ଓ ଅଣାୟତ ଉନ୍ମାଦନାର ଆହ୍ୱାନ

ସହସ୍ର କୋଶ ହୋଇଯାଏ।

କହିଥିଲି ପ୍ରିୟା, ନିଜ ପସନ୍ଦରେ ପ୍ରକୃତି ସହେନି ଛୋଟବଡ ସଂଗ୍ରାମ

ରହିଥିଲେ ହିଁ ଜୀବନ। ହେଉ ସେ ରାଜ ଉଆସର ଅଧିକାରୀ- ଛେଳିମେଣ୍ଢା ଜଗୁଆଳର ଅଲିଅଳି ସନ୍ତାନ। ପ୍ରକୃତିର ଈର୍ଷା- ସମାଜକୁ ଚିହ୍ନିବାରେ ଗୋଟିଏ ଅବୈଧ ପ୍ରତିବନ୍ଧକ। ତୁମେ ପାରିବାରିକ ଭିତରକୁ ଆସି, ସଂସାରର ଚିନ୍ତା ଭିତରେ କିଛି ସ୍ନେହ ମମତା ମିଶା ଶ୍ରଦ୍ଧାକୁ ବାଣ୍ଟିଦିଅ। ଦେଖିବ ସମାଜ ତୁମକୁ ସମ୍ମାନ କରିବ ତୁମର ହୋଇଯିବ। ବାଧା ପ୍ରତିବନ୍ଧକ ସବୁ ଦୂର ହୋଇଯିବ।

ତୁମକୁ ତୁମ ପ୍ରିୟ ରାଣ, ପ୍ରିୟା ମୋତେ ବି ତୁମେ ବହୁତ ଭଲ ପାଅନା??? ମୋ ପରେ ଆଉ କାହାକୁ ବି ଜୀବନସାଥୀ ରୂପରେ ଚୟନ କର, ତେବେ ପବିତ୍ର ଭଲ ପାଇବା ସଂପର୍କରେ 'ରାଣ' ଦେବନି। ପାରସ୍ପରିକ ବୁଝାମଣା ଉତ୍ତମ ରଖିବ। ଦେବପୂଜା ରଖୁଥିବ, ଜାଣିଛି ଉପବାସ କରିବା ପାଇଁ ସର୍ବଦା ତୁମେ ଆଗଭର ହେଲେ କଥା ମାନି ଶୀଘ୍ର ଶୀଘ୍ର ପୂଜା ସାରି ଭୋଗ ପାଉଥିବ। ଏକା ଏକା ବେଖିଆଲି ହୋଇ ନଇ ତୁଠକୁ ଆଉ ଯିବନି। ସମସ୍ତଙ୍କୁ ଶ୍ରଦ୍ଧା ଅବଶ୍ୟ କରିବ। ଯଦି ସତରେ ମୋତେ ଭଲ ପାଉଥିବ ମୋ କଥା ନିଶ୍ଚୟ ମାନିବ।

ଆଉ ଗୋଟିଏ ଛୋଟ ଅନୁରୋଧ ପ୍ରିୟା। ନିଶ୍ଚୟ ରଖିବ।ମୋତେ ବହୁତ ଭଲ ପାଅନା? ଠାକୁରଙ୍କୁ ଭକ୍ତି ଦିଅନା? କହୁଥିଲ ମୋତେ ପାଇବା ପାଇଁ ଠାକୁରଙ୍କୁ ଦୀପ ଦେଉଥିଲ, ପ୍ରାର୍ଥନା କରୁଥିଲ, ଆଉ ଠାକୁରଙ୍କ ଦୟାରୁ ତାହାହିଁ ହେଲା। ହେଲେ ସେ ଠାକୁରଙ୍କୁ ମୋ କଥା ନିଶ୍ଚୟ କହିବ। ତୁମ ପ୍ରିୟ ତୁମକୁ ଭୁଲିଯିବା ପୂର୍ବରୁ ତା ମଲା ଶରୀରଟାକୁ ଦେଖିବାକୁ ନପାଅ। କାହିଁକି ସେ ଅଜ୍ଣା ଅପରିଚିତ ଶବ ତୁମ ହୃଦୟରେ ଅତୀତର ସ୍ୱପ୍ନ ପେଡି ଖୋଲିବ?

ତୁମେ କହୁଛ କଥା ହେବାକୁ- ହେଲେ ମୁଁ କଣ କରିବି। ମୁଁ ତ ନିର୍ଜୀବ। କେମିତି ସମ୍ଭବ ପ୍ରିୟା? ତଥାପି ତୁମ ଖୁସି ପାଇଁ ନିଶ୍ଚୟ ଚେଷ୍ଟାକରିବି। ଅଧିକ କିଛି ଲେଖିବାକୁ ଥିଲେ ବି ଅନ୍ତରର କୋହ ଲେଖାଇ ଦେଉନି। କାରଣ-

ମୁଁ ଜାଣେନି।

## ବିଶେଷ ମନ୍ତବ୍ୟ:

କାହାଣୀରେ ପ୍ରାକୃତିକ ଦୃଶ୍ୟାବଳୀର ବର୍ଣ୍ଣନ ଯଦ୍ୟପି ମନଲୋଭା ହୋଇଛି ସ୍ଥଳ ବିଶେଷରେ ସ୍ରଷ୍ଟାଙ୍କ ଶବ୍ଦାବଳୀର ଅର୍ଥ ସୁସ୍ପଷ୍ଟ ହୋଇନାହିଁ, ଏହି କାହାଣୀ ଗଳ୍ପ କମ ଏବଂ ପ୍ରେମପତ୍ର ଅଧିକ ଲାଗୁଛି, ଯଦ୍ୟପି ଏହାର ତାତ୍ପର୍ଯ୍ୟ ରହିଛି, ତଥାପି ଅନେକ ସ୍ଥାନରେ ବିଶେଷତ: କାହାଣୀର ମଧ୍ୟଭାଗରେ ପ୍ରେମିକର ଚିଠି ମଧ୍ୟରେ ପ୍ରେମିକାର ଚିଠି ପଶି ଆସିଥିବା ପରି ଲାଗୁଛି। କାହାଣୀରେ ବର୍ଣ୍ଣିତ ପ୍ରାକୃତିକ ଦୃଶ୍ୟ ଅନାବଶ୍ୟକ ପରି ମନେ ହେଉଛି ଯାହାର କାହାଣୀ ସହିତ କୌଣସି ସଂପର୍କ ନାହିଁ ଏବଂ ସେହି ସବୁ ବର୍ଣନାର ନାୟିକାର ସୌନ୍ଦର୍ଯ୍ୟ ସହିତ କିଛି ସଂପର୍କ ନାହିଁ। ଖାଲି ପ୍ରକୃତିର ସୌନ୍ଦର୍ଯ୍ୟକୁ ବର୍ଣ୍ଣନା କରି କାହାଣୀକୁ ସୁନ୍ଦର କରିହୁଏନା, କାହାଣୀର ମୂଳ ଉଦ୍ଦେଶ୍ୟ ସଂପାଦିତ ହେଲା ପରି କିଛି ତଥ୍ୟ ଏଥିରେ ଥିବା ଆବଶ୍ୟକ। ଲେଖକଙ୍କୁ ଅନୁରୋଧ ସେ ଭବିଷ୍ୟତରେ ଏହି ସବୁ ବିଷୟ ପ୍ରତି ବିଶେଷ ସଚେତନ ରହିବେ।

**ସଂପାଦକୀୟ ମନ୍ତବ୍ୟ:** ସଂପ୍ରତି ଏହି କ୍ଷୁଦ୍ର ଗଳ୍ପର ସ୍ରଷ୍ଟା ଶ୍ରୀ କୃପାସିନ୍ଧୁ ପ୍ରଧାନ ମହାଶୟ ବିଗତ ଅନେକ ମାସରୁ ଆମର ଏହି ପତ୍ରିକାରେ ନିଜସ୍ୱ ଶୈଳୀରେ ରଚିତ କ୍ଷୁଦ୍ର ଗଳ୍ପ ସବୁ ପ୍ରେରଣ କରି ଆସୁଛନ୍ତି। ଆମର ସଂପାଦକୀୟ ମଣ୍ଡଳୀଙ୍କ ଅନୁମୋଦନ କ୍ରମେ ଆମେ ସମସ୍ତଙ୍କୁ ଜଣାଇ ଦେବାକୁ ଚାହୁଁଛୁ, ଯେ ଯଦି କୌଣସି ଲେଖା ଆମକୁ ଯୋଗ୍ୟ ଲଆଗେ ନାହିଁ ଆମେ ସେହି ଲେଖାକୁ ପ୍ରକାଶିତ କରିବା ପାଇଁ ବାଧ୍ୟ ନୋହୁଁ, ଅବଶ୍ୟ ଯଦି ସମ୍ଭବ ହୁଏ ସ୍ଥାନେ ସ୍ଥାନେ ଲେଖାକୁ ସଂପାଦିତ କରାଯାଇ ପ୍ରକାଶିତ କରାଯାଇ ପାରିବ। ଏହି ଲେଖାରେ ଲେଖକଙ୍କ ଆଭିମୁଖ୍ୟ ସ୍ପଷ୍ଟ ନୁହେଁ। କାହାଣୀଟି କ୍ଷୁଦ୍ର ଗଳ୍ପ କମ ଆଉ କୌଣସି ପ୍ରେମିକଙ୍କ ଡାଏରୀରୁ ଉଦ୍ଧୃତ ସଂପାଦିତ ଅଂଶ ପରି ଲାଗୁଛି। ଯଦ୍ୟପି

# ଅସୀମ ଆଶା ଓ ଅଶାୟତ ଉନ୍ମାଦନାର ଆହ୍ବାନ

ଏହି କାହାଣୀର ଆଦି ଅନ୍ତ ଅସ୍ପଷ୍ଟ ତଥାପି ଏହାକୁ ପ୍ରକାଶିତ କରାଯାଉଛି, କିନ୍ତୁ ଭବିଷ୍ୟତରେ ଏହିପରି କାହାଣୀ ତଥା ଲେଖା ମାନଙ୍କୁ ପ୍ରକାଶନ ପୂର୍ବରୁ ଏହାର ପ୍ରକାଶନ ପାଇଁ ଅସୁବିଧା ଲେଖକଙ୍କୁ ପତ୍ରଦ୍ୱାରା ଜଣାଇଦିଆଯିବ। ଯଦି କେହି ବନ୍ଧୁ ଏଥିରେ ଆପତ୍ତି କରନ୍ତି ସେମାନେ ବ୍ୟକ୍ତିଗତ ଭାବେ ଆମ ସହ ସଂପର୍କ କରି କାହାଣୀ ନ ଛପାଯିବା ପଛରେ ଥିବା କାରଣ ଜାଣିପାରିବେ।

## ନନ୍ଦିତାଙ୍କ ଘର



ମୁଖ୍ୟତଃ ଅଭିନେତ୍ରୀ ଭାବେ ଆମ ପାଖରେ ପରିଚିତ ନନ୍ଦିତା ଦାସ ଜଣେ ବହୁମୁଖୀ ପ୍ରତିଭା। ଅଭିନୟ କରିବା ବ୍ୟତୀତ ସେ ଆହୁରି ବହୁତ କିଛି କରନ୍ତି। ସମାଜସେବା କାର୍ଯ୍ୟରେ ତ ଏବେ ସେ ନିୟମିତ ଓଡିଶା ଆସୁଛନ୍ତି; ଏବେ ସେ ଲେଖାଲେଖିରେ ମଧ୍ୟ ମନ ଦେଲେଣି।

ନନ୍ଦିତା ହେଉଛନ୍ତି ବିଖ୍ୟାତ ଚିତ୍ରଶିଳ୍ପୀ ଯତୀନ୍ ଦାସଙ୍କ ଝିଅ। ବାପା ଓଡିଆ (ବାରିପଦା, ମୟୁରଭଞ୍ଜ) ହୋଇଥିବା ବେଳେ ମାଆ ବର୍ଷା ଦାସ ଗୁଜୁରାଟୀ। ନନ୍ଦିତା ଖୁବ୍ ଭଲ ଛାତ୍ରୀ ଥିଲେ। ଦିଲ୍ଲୀର ମିରାଣ୍ଡା ହାଉସ୍‌ରୁ ସ୍ନାତକ ଓ ଦିଲ୍ଲୀ ସ୍କୁଲ୍ ଅଫ୍ ସୋସିଆଲ୍ ୱାର୍କ୍ସରୁ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିବା ପରେ ଏକ ସ୍ୱେଚ୍ଛାସେବୀ ସଂସ୍ଥା ତରଫରୁ





କଳାହାଣ୍ଡିରେ ବହୁତ ଦିନ ଧରି କାମ କରିଥିଲେ। ତା'ପରେ ଆରମ୍ଭ ହୋଇଥିଲା ଫିଲ୍ମ ଜୀବନ। ଗତ ୧୦ ବର୍ଷ ଭିତରେ ସେ ଅନେକ ଉଚ୍ଚକୋଟୀର ତଥା ନାମୀଦାମୀ ନିର୍ଦ୍ଦେଶକ ଓ କଳାକାରଙ୍କ ସହିତ ଅଭିନୟ କରି ପ୍ରଚୁର ପ୍ରଶଂସା ପାଇଛନ୍ତି। ଏପରିକି କିଛି ଦିନ ତଳେ ଐଶ୍ୱର୍ଯ୍ୟା ରାୟ ମଧ୍ୟ ସ୍ୱୀକାର କରିଥିଲେ ଯେ ସେ ଅଭିନୟରେ ନନ୍ଦିତାଙ୍କୁ ଆଦର୍ଶ ଭାବେ ମାନନ୍ତି। ତେବେ ଅଭିନୟ ବ୍ୟତୀତ ଜୀବନରେ ଆହୁରି ଅନେକ କାମ କରିବାର ଲକ୍ଷ୍ୟଖିଥିବାରୁ ନନ୍ଦିତା ମୁମ୍ବାଇକୁ ନଯାଇ ଏପର୍ଯ୍ୟନ୍ତ ଦିଲ୍ଲୀରେ ହିଁ ରହୁଛନ୍ତି।



ନନ୍ଦିତାଙ୍କ ଘରଟି ତୃତୀୟ ମହଲାରେ। ଘରଟିକୁ ସେ ଖୁବ୍ ସୁନ୍ଦର ଓ କଳାତ୍ମକ ଭାବରେ ସଜାଇଛନ୍ତି। ସେଠି ସବୁ ସୁବିଧା ଅଛି, କିନ୍ତୁ ସବୁ କିଛି ଭାରି ସରଳ ସରଳ। ତାଙ୍କ ଘରର କାଚ ଝର୍କା ସବୁ ବିରାଟ ବିରାଟ। ସେମିତି ତାଙ୍କର ପସନ୍ଦ ବୋଲି ସେ କହନ୍ତି। ସକାଳୁ ଉଠିବା ପରେ ସେହି ବିଛଣାରେ ଶୋଇ ଶୋଇ ନନ୍ଦିତା ତାଙ୍କ ଲାପ୍‌ଟପ୍‌ରେ ଇ-ମେଲ୍ ଚେକ୍ କରନ୍ତି।

ନନ୍ଦିତା ଭାରି ବହି ପ୍ରିୟ। ଦାଣ୍ଡଘରେ ଦୁଇଟି ବିରାଟକାୟ କାଚ ଆଲ୍‌ମିରାରେ ଭର୍ତ୍ତି ହୋଇଛି। ହରି କୁଞ୍ଜାରୁ,

ଅସୀମ ଆଶା ଓ ଅଣାୟତ ଉନ୍ମାଦନାର

# ଆହ୍ୱାନ



ତରୁନ୍ ତେଜପାଲ୍, ସାଇନାଥ ଟାଗୋର, ଦୀପକ ଚୋପ୍ରାଙ୍କ ଠାରୁ ଆରମ୍ଭ କରି ଅନେକ କ୍ଲାସିକ୍ ବହି ସେ ରଖିଛନ୍ତି। ତା'ଭିତରେ ଚିତ୍ରକଳା, ସେରାମିକ୍, ନୃତ୍ୟ ଦର୍ଶନ ଓ ସିନେମା ସଂପର୍କିତ ଅନେକ ବହି ମଧ୍ୟ ଅଛି। ଟିକେ ହସି ନନ୍ଦିତା ନିଜେ ସ୍ୱୀକାର କରନ୍ତି ଯେ ତାଙ୍କ ପାଖରେ ଥିବା ସବୁ ବହି ସେ ପଡିସାରି ନାହାନ୍ତି। ନୂଆ ବହିଟିଏ ଦେଖିଲେ ଲୋଭ ସମ୍ବରଣ କରି ନପାରି କିଣି ଘରକୁ ଆଣି ଆସନ୍ତି ଓ ସମୟ ମିଳିଲେ ତାକୁ ପଢନ୍ତି।

ଭିତର ଘରେ ଆଉ ଏକ ବହି ଆଲ୍‌ମିରା ଅଛି। ସେଠି ସେ ପ୍ରଖ୍ୟାତ ଲେଖକ ମାନଙ୍କର ବଛା ବଛା ବହିସବୁ ରଖିଛନ୍ତି।

ଚିତ୍ରଶିଳ୍ପୀ ବାପାଙ୍କର ଖୁବ୍ ପ୍ରଭାବ ତାଙ୍କ ଉପରେ। ନନ୍ଦିତାଙ୍କ ଘର ସାରା ବିଭିନ୍ନ ସ୍ଥାନରେ ଓଡିଶାରୁ ନେଇଥିବା ତାଳପତ୍ରର ସୁନ୍ଦର ସୁନ୍ଦର ଚଟେଇ, ବିଞ୍ଚଣା, ଚାନ୍ଦୁଆ ଓ ଅନ୍ୟ ହସ୍ତଶିଳ୍ପ ଶୋଭା ପାଉଛି। କାନ୍ଥରେ ବାପା ଯତୀନ ଦାସଙ୍କ ଅଙ୍କିତ କେତୋଟି ପେଣ୍ଟିଂ ମଧ୍ୟ ଟାଙ୍ଗିଛନ୍ତି। ନନ୍ଦିତା ରୋଷେଇ କରିବାକୁ ଭଲ ପାଆନ୍ତି; କିନ୍ତୁ ସବୁଦିନେ ସେଥିପାଇଁ ସମୟ ମିଳେନି। ଘରେ ଥିବା ବେଳେ ନନ୍ଦିତା ପ୍ରାୟତଃ ଘର ସଜାନ୍ତି, ଫୁଲ ଗଛର ଯତ୍ନ ନିଅନ୍ତି, ନଚେତ୍ ପଢାଲେଖାରେ ବ୍ୟସ୍ତ ରହନ୍ତି। ଟେଲିଭିଜନ୍ ପ୍ରତି ତାଙ୍କର ସେତେଟା ରୁଚି ନାହିଁ। ତେଣୁ ତାଙ୍କ ଘରେ ଥିବା ଟେଲିଭିଜନ୍ ସେଟ୍ ଓ ଡିଭିଡି ପ୍ଲେୟର ଅଲୋଡା ଭଳି ରହିଥାନ୍ତି। ଅବଶ୍ୟ ମଝିରେ ମଝିରେ ସେ ଫିଲ୍ମ ଦେଖନ୍ତି।

ବାଲ୍‌କୋନୀରେ ସେ କୁଣ୍ଡରେ ଗଛ ଲଗାଇ ଗୋଟିଏ ସୁନ୍ଦର ବଗିଚା କରିଛନ୍ତି। ସେଠାକୁ ଯିବାର ଦରଜାଟି କାଚର; ତେଣୁ ଘର ଭିତରେ ବି ବଗିଚାର ଭ୍ରମ ସୃଷ୍ଟି ହୁଏ।

ଯା଼ ଭିତରେ ନନ୍ଦିତା ଅଭିନୟ କରିଥିବା ଚାରିଟି ଫିଲ୍ମ ଯଥା- ସନ୍ତୋଷ ଶିବନ୍‌ଙ୍କ 'କେରଳ' (ମାଲୟାଲମ୍), ଚିତ୍ରା ପାଲେକରଙ୍କ 'ମାଟିମାୟା' (ମରାଠୀ), ସୁମନ ଘୋଷଙ୍କ 'ପଦକ୍ଷେପ' (ବଙ୍ଗଳା) ଓ କେ ଏନ୍ ଟି ଶାସ୍ତ୍ରୀଙ୍କ 'କମଳି'ର ସୁଟିଂ ଶେଷ ହୋଇଛି। କିଛି ଫିଲ୍ମର ସ୍କ୍ରିପ୍‌ଟ ଲେଖୁଛନ୍ତି। ପ୍ରଥମ ଲେଖା ଶେଷ ହୋଇଗଲାଣି; ସେ ତାକୁ ଆଉ ଥରେ ସଜାଡି ଲେଖୁଛନ୍ତି।

ଏବେ ଅବଶ୍ୟ ସୁଟିଂ ନାହିଁ, କିନ୍ତୁ ବିଭିନ୍ନ ସଭାସମିତିକୁ ନେଇ ସେ ଖୁବ୍ ବ୍ୟସ୍ତ ଅଛନ୍ତି।

## ବିଶେଷ ସୂଚନା

ଆପଣଙ୍କ ସୁଚିନ୍ତିତ ମତାମତ ଆମ ନିକଟକୁ ଲେଖି ପଠାନ୍ତୁ। କିମ୍ବା ଆମ ପତ୍ରିକାର ୱେବ୍‌ସାଇଟ୍‌କୁ ଯାଇ ସେଇଠି ଥିବା ଗେଷ୍ଟ ବୁକ୍ ପୃଷ୍ଠାରେ ନିଜ ମତାମତ ଦେଇ ପାରିବେ। ଆମ ପତ୍ରିକାର ୱେବ୍‌ସାଇଟ୍‌ର ନାମ ବର୍ତ୍ତମାନ ସହଜରେ ମନେ ରଖିହେବ, ଏବଂ ଆମର ଅନୁରୋଧ ଆପଣ ଆମ ଏହି ପତ୍ରିକାର ପ୍ରଚାର ଓ ପ୍ରସାରରେ ଭାଗିଦାର ହେବେ।

ଆପଣ ଓଡିଶାର ଯେ କୌଣସି ସହର କିମ୍ବା ଗ୍ରାମରେ ରହୁଥାନ୍ତୁ, ନିଜ ଅଞ୍ଚଳରେ ଥିବା ଅନାଥାଶ୍ରମ ଗୁଡିକ ବିଷୟରେ ସମ୍ୟକ ସୂଚନା ଓ ସେ ଗୁଡିକ ସହିତ ଯୋଗାଯୋଗ କରିବା ଠିକଣା ଆମକୁ ଯୋଗାଇ ଦେଲେ ଆମେ ସେହି ସଂସ୍ଥାମାନଙ୍କୁ ଯାଇ ରବିବାର ମଧ୍ୟାହ୍ନରେ ବିଭିନ୍ନ କୌତୁକ ମୂଳକ କାର୍ଯ୍ୟକ୍ରମ କରି ଶିଶୁମାନଙ୍କ ମାନସିକ ଓ ଶାରିରୀକ ଅଭିବୃଦ୍ଧିରେ ସହାୟକ ହେବୁ। ଆବଶ୍ୟକ ସ୍ଥଳେ ଆର୍ଥିକ ସାହାଯ୍ୟ ଯୋଗାଇ ଦେବୁ। ଆସନ୍ତୁ ଆହ୍ୱାନର ଆନ୍ଦୋଳନରେ ବ୍ରତୀ ହୁଅନ୍ତୁ। ନୂତନ ଓଡିଶା ଗଠନରେ ସହଭାଗୀ ହୁଅନ୍ତୁ। ଆମ ସହ ଯୋଗାଯୋଗ କରିବା ଠିକଣା ପ୍ରଥମ ପୃଷ୍ଠାରେ ଉପଲବ୍ଧ। ଧନ୍ୟବାଦ।